ବର୍ଷ-୨୫, ସଂଖ୍ୟା-୧୭୦
ଭୁବନେଶ୍ୱର
୨୫, ଜୁନ, ୨୦୨୫ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 170
Bhubaneswar
25, June, 2025 Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat




# ଶ୍ରୀକ୍ଷେତ୍ର ସୁରକ୍ଷାରେ ମୁତୟନ ହେବେ ୧୦ ହଜାର ପୁଲିସ ଫୋର୍ସ



ପୁରୀ, ୨୪।୬(ମହାଭାରତ): ଦୁଇ ଦିନ ପରେ ପୁରୀ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ରଥଗୁଡ଼ିକର ନିର୍ମାଣ କାମ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସେବାୟତମାନେ ଦିନରାତି ଏକ କରି ରଥ ନିର୍ମାଣ କାମରେ ନିୟୋଜିତ ଅଛନ୍ତି। ଶ୍ରୀକ୍ଷେତ୍ରକୁ ଭକ୍ତମାନଙ୍କର ସୁଅ ଛୁଟୁଛି।ହୋଟେଲ, ଲଜ୍, ମଠ ଓ ଧର୍ମଶାଳାରେ ମଧ୍ୟ ଧୀରେଧୀରେ ଗହଳି ବଢ଼ିବାରେ ଲାଗିଛି।

ରଥଯାତ୍ରା ପାଇଁ ପୁରୀରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ। ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି ସେ କହିଛନ୍ତି, ୮ଟି ଭାଗରେ ସୁରକ୍ଷା ଓ ଶୃଙ୍ଖଳା ବ୍ୟବସ୍ଥାକୁ ବିଭକ୍ତ କରାଯାଇଛି। ଟ୍ରାଫିକ୍, ମନ୍ଦିର ଇନର, ଇନର କର୍ଡନ, କ୍ରାଉଡ୍ କଣ୍ଟ୍ରୋଲ ବ୍ୟବସ୍ଥା କରାଯାଇଛି।ନୂଆ। କରି ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା କରାଯାଇଛି।

ଡିଜିପି କହିଛନ୍ତି, ଶ୍ରୀକ୍ଷେତ୍ର ମୋଟ୍ ୨୭୫ଟି ସିସିଟିଭି ନଜରରେ ରହିବ। ଭୁବନେଶ୍ୱର ଉପକଣ୍ଠ ଉତ୍ତରା ଠାରୁ ପୁରୀ ଏବଂ ପୁରୀ ଠାରୁରୁ କୋଣାର୍କ ପର୍ଯ୍ୟନ୍ତ ସିସିଟିଭି ଖଞ୍ଜା ଯାଉଛି। ଲାଇଭ୍ ଫିଡ୍ ଦେଖି ସବୁ କିଛି କଣ୍ଟ୍ରୋଲ ରୁମ୍‌ରୁ କଣ୍ଟ୍ରୋଲ ହେବ। ଟ୍ରାଫିକ୍ ପାଇଁ ସ୍ୱତନ୍ତ୍ର ପ୍ଲାନ୍ ଓ ଆଣ୍ଟି ଡ୍ରୋନ୍ ବି କାମ କରିବ। ପ୍ରାୟ ୨ ଶହ ପ୍ଲାଟୁନ ଫୋର୍ସ ସୁରକ୍ଷା ଦାୟିତ୍ୱରେ ରହିବେ ଆକାଶ ମାର୍ଗରୁ ଏରିୟଲ ସର୍ଭେ କରାଯିବ, ତୀକ୍ଷ୍ଣ ନଜର ରଖାଯିବ। ଉପକୂଳରେ ତଟରକ୍ଷୀ, ମେରାଇନ ପୁଲିସ ପାଟ୍ରୋଲିଂ କରିବେ ମୋଟ ୧୦ ହଜାର ପୁଲିସ ଫୋର୍ସ ଶ୍ରୀକ୍ଷେତ୍ର ସୁରକ୍ଷାରେ ରହିବେ।

ଅନ୍ୟପକ୍ଷରେ ତିନିରଥର ନିର୍ମାଣ କାର୍ଯ୍ୟ ଶେଷ ହୋଇ କନାମଣ୍ଡଳି କାର୍ଯ୍ୟ ଜାରି ରହିଛି। ୨୬ ତାରିଖ ଦିନ ତିନିରଥ ଦକ୍ଷିଣମୋଡ ହୋଇ ସିଂହଦ୍ୱାର ଠାରେ ଲାଗିବ। ରଥଖଳାର ଛାମୁଣ୍ଡିଆ ଖୋଲା ହୋଇଯାଇଛି। ଆଉ ଅଳ୍ପ କାମ ରହିଛି। ଜୋରସୋରରେ ଶେଷ କରିବା ପାଇଁ ମହାରଣା ସେବକ ମାନେ ଲାଗିପଡିଛନ୍ତି। ରଥ ନିର୍ମାଣର ୫୫ ତମ ଦିବସରେ ରଥ ନିର୍ମାଣକାରୀ ରଥ ନିର୍ମାଣ ପାର୍ଶ୍ୱ ଦୁଆର ବେଢ଼ା ରଥ ଉପରକୁ ଉଠିବା ସହ ଚନ୍ଦ୍ର ଶାଳୀ ରେ ଧ୍ୱଜ ବତା ଲାଗି ହୋଇ ତିନିରଥ ର ମୁଣ୍ଡଣି ବତା ଫିଟିଙ୍ଗ ଶେଷ ହୋଇଯାଇଛି। ରୂପକାର ସେବକ ମାନେ ତିନି ରଥର ପ୍ରଭାରେ ରୂପ ଖୋଦେଇ କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି ।

ଚିତ୍ରକାର ସେବକ ମାନେ ଖୋଦେଇ ରୂପରେ ରଙ୍ଗ ଚିତ୍ର କାର୍ଯ୍ୟ କରୁଛନ୍ତି । ଚିତ୍ରକାର ସେବକ ମାନେ ତିନିରଥ ପ୍ରଭାରେ ରଙ୍ଗ କାର୍ଯ୍ୟ ପାଇଁ ପ୍ରଭା ଗୁଡ଼ିକରେ ଧଳା ପ୍ରାଇମର ବୋଳା ଶେଷ କରିଛନ୍ତି। ପ୍ରାଇମର ଶୁଖିଲା ପରେ ପ୍ରଭା ରେ ରଙ୍ଗ ଚିତ୍ର ଆଙ୍କନ କରୁଛନ୍ତି । ତାଳ ଧ୍ୱଜ ରଥ ପ୍ରଭାରେ ଖୋଦେଇ ରୂପରେ ରଙ୍ଗ ଚିତ୍ର ସହ ପ୍ରଭା ମଝି ଭାଗରେ ପଦ୍ମ କଢି ଆଙ୍କିବା ସହ ପ୍ରଭା ଦୁଇ ପାର୍ଶ୍ୱରେ ଶିବ ଏବଂ ନାରଦଙ୍କ ଚିତ୍ର ଅଙ୍କନ କରୁଛନ୍ତି ।

ସେହିପରି ଦର୍ପଦଳନ ରଥ ପ୍ରଭାରେ ପଦ୍ମ କଢି ସହ ପ୍ରଭା ଦୁଇ ପେଟ ଗଙ୍ଗା, ଯମୁନା ଙ୍କ ଚିତ୍ର ଏବଂ ନନ୍ଦିଘୋଷ ରଥ ପ୍ରଭାରେ ପଦ୍ମ କଢି ସହ ଦୁଇ ପାର୍ଶ୍ୱରେ ଇନ୍ଦ୍ର ଏବଂ ବ୍ରହ୍ମା ଙ୍କ ଚିତ୍ର ଅଙ୍କନ କରୁଛନ୍ତି ।ଏଥିସହ ଚିତ୍ରକାର ସେବକ ମାନେ ତିନି ରଥର ସିଂହାସନ ବେଦୀ ତିନି ପାର୍ଶ୍ୱରେ ଗାଈ ପଲ୍ଲ ଚିତ୍ର ଅଙ୍କନ ଶେଷ କରିଛନ୍ତି । ଏଥିସହ ନନ୍ଦିଘୋଷ ରଥର ଚକ, ଦଣ୍ଡା , ଗୁଜ, ବାହ୍ୟ ଅଂଶ ଗୁଡ଼ିକରେ ଆବଶ୍ୟକୀୟ ରଙ୍ଗ ଶେଷ କରି ତାଳଧ୍ୱଜ ରଥ ଏବଂ ଦର୍ପ ଦଳନ ରଥର ବାହ୍ୟ ଅଂଶରେ ରଙ୍ଗ କାର୍ଯ୍ୟର ଶେଷ ସ୍ପର୍ଶ ଦେଉଛନ୍ତି । ଏଥିସହ ଘୋଡ଼ା, ସାରଥୀଙ୍କ ରଙ୍ଗ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଁଚିଛି। ଦରଜୀ ସେବକ ମାନେ ତିନି ରଥର ୧୨ ଟି ଚନ୍ଦ୍ର ଶାଳୀ , ୧୨ ଟି ଅଁଳା ଶ୍ରୀ, କନା କାର୍ଯ୍ୟ ଶେଷ ହେବାସହ ମହାପ୍ରଭୁଙ୍କ ପହଣ୍ଡି ପାଇଁ ଚକା ଅପସରା କାର୍ଯ୍ୟ ଶେଷ କରି କନକ ମୁଣ୍ଡି ପାଇଁ ଚାନ୍ଦୁଆ ସହ ଉଡା ଚାନ୍ଦୁଆ ଏବଂ ସାରଥି ପୋଷାକ ଆରମ୍ଭ କରିଛନ୍ତି । ଦୋଳବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା ସେବକ ମାନେ ତିନିରଥ କଳସ କଂଟା, ଶୁଆ କଂଟା ଯୋଗାଇ ସାରିବା ପରେ ତିନିରଥ ର ୪ ଟି ଲେଖାଏଁ ପ୍ରଭା ବିଡିଆ କଂଟା ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଂଚିଛି। ରଥଖଳାରେ ମହାରଣା ସେବକ, ଭୋଇ ସେବକ, କରତି ସେବକ, କମାର ସେବକ, ରୂପକାର ସେବକ, ତୁମ୍ବ ବିନ୍ଧ କାରୀଗର, ପାହି ମହାରଣା, ଚିତ୍ରକାର ସେବକ ଓ ରଥଖଳା ସହାୟକ କାର୍ଯ୍ୟରତ ଅଛନ୍ତି ।

## ମାଙ୍ଗାନିଜ ଦୁର୍ନୀତିର ତଦନ୍ତ ଆରମ୍ଭ

**କୋଇଡା, ୨୪।୬(ମହାଭାରତ) :** ବହୁ ଚର୍ଚ୍ଚିତ ସୁନ୍ଦରଗଡ଼ ମାଙ୍ଗାନିଜ ଖଣି ଦୁର୍ନୀତି ର ଭିଜିଲାନ୍ସ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେବା ପରେ ଏନେଇ ଭିଜିଲାନ୍ସ ତରଫରୁ ଝଓଞ୍ଚ ଗଠନ କରାଯାଇଥିଲା। ପୂର୍ବରୁ ମୁଖ୍ୟମନ୍ତ୍ରୀ ଙ୍କ ନିର୍ଦ୍ଦେଶ କ୍ରମେ କୋଇଡା ମଣ୍ଡଳ କୁ ମାଙ୍ଗାନିଜ ଓ ଲୁହାପଥର ଚୋରୀ ପାଇଁ ଗଠିତ ଏନଫୋର୍ସମେଣ୍ଟ ଟିମ୍ ଦୁଇ ଦିନିଆ। ଗସ୍ତ କରି ତନାଘନା କରି ମୁଖ୍ୟମନ୍ତ୍ରୀ ଙ୍କୁ ରିପୋର୍ଟ ତଲବ କରିଥିଲା। ଆଜି ପୁଣି ଭିଜିଲାନ୍ସ ସେଲ୍ ଦ୍ୱାରା ଗଠିତ ଏସଆଇଟି ଟିମ୍ କୋଇଡା ରେ ପହଞ୍ଚି ତନାଘନା ଆରମ୍ଭ କରିଛି। ପ୍ରଥମ ପର୍ଯ୍ୟାୟରେ ଗଣୁଆଁ ଫରେଷ୍ଟ ଅଞ୍ଚଳର ଦୁଇଟି ସ୍ଥାନକୁ ଯାଇ ତନାଘନା କରୁଚି ଟିମ୍। କୋଇଡା ଖଣି ମଣ୍ଡଳ ରେ ଭିଜିଲାନ୍ସ ଟିମ୍ । ଭିଜିଲାନ୍ସ ସେଲ୍ ଦ୍ୱାରା ଗଠିତ ଏସଆଇଟି ଟିମ୍ ରେ ୧୨ ଜଣ ଅଧିକାରୀ ଏବଂ ଓରସାକ ର ୪ ଜଣ , ତହସିଲଦାର ଓ ରେଞ୍ଜର ସାମିଲ୍ ସମେତ, ଭିଜିଲାନ୍ସ ଆରକ୍ଷୀ ଅଧିକ୍ଷକ , କୋଇଡା ଖଣି ଉପନିର୍ଦ୍ଦେଶକ ମଧ୍ୟ ସାମିଲ ଅଛନ୍ତି । କେବଳ କୋଇଡା ଅଞ୍ଚଳରେ ବନ୍ଦ ଥିବା ଖଣି ଓ ସରକ୍ଷିତ ଜଙ୍ଗଲ ରୁ ବେଆଇନ ଭାବେ ହଜାର ହଜାର ମେଟ୍ରିକ୍ ଟନ୍ ଠାରୁ ଅଧିକ ମାଙ୍ଗାନିଜ ପଥର ଏବଂ ଶହ ଶହ ମେଟ୍ରିକ୍ ଟନ୍‌ରୁ ଅଧିକ ଲୁହା ପଥର ବେଆଇନ ଭାବେ ଉତ୍ତୋଳନ କରାଯାଇଥିବା ଅଭିଯୋଗ ହୋଇଥିଲା। ଯାହାର ଆନୁମାନିକ ମୂଲ୍ୟ ୧୦୦ କୋଟିରୁ ଅଧିକ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି।

## ବ୍ୟାଙ୍କରୁ ବଡ଼ ଧରଣର ଲୁଟ୍

ବାରିପଦା, ୨୪।୬(ମହାଭାରତ) ସ୍ୱଚ୍ଛ ଦିବାଲୋକରେ ବ୍ୟାଙ୍କ ଲୁଟ୍ ହୋଇଛି। ମୟୂରଭଞ୍ଜ ଜିଲ୍ଲା କୁଳିଅଣା ଥାନା ଅଧୀନ କୁଚେଇସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ଆଜି ପୂର୍ବାହ୍ନରେ ୭ ଲକ୍ଷ ଡକାୟତି ହୋଇଛି। ଲୁଟେରାମାନେ ବ୍ୟାଙ୍କରୁ ଲୁଟ୍ ପରେ ଘଟଣାସ୍ଥଳରୁ ଫେରାର ହୋଇଛନ୍ତି। ୧୮ ନମ୍ବର ଜାତୀୟ ରାଜପଥକଡ଼ରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର କୁଚେଇ ଶାଖା ଆଜି ଅପରାହ୍ନରେ ଖୋଲାଥିଲା। ଲୁଟ୍ ସମୟରେ ଗ୍ରାହକମାନେ ମଧ୍ୟ ଥିଲେୟ ଏହି ସମୟରେ ୨ଟି ବାଇକରେ ୫ ଜଣ ଡକାୟତ ବ୍ୟାଙ୍କରେ ପହଞ୍ଚି ଥିଲେ। ସେମାନେ ମୁଖା ପିନ୍ଧିଥିଲେ ଏବଂ ହାତରେ ମାରଣାସ୍ତ୍ର ଧରିଥିଲେ। ବ୍ୟାଙ୍କର କର୍ମଚାରୀମାନଙ୍କୁ ବନ୍ଧୁକ ଦେଖାଇ ପ୍ରଥମେ ଭୟଭୀତ କରିଥିଲେ। ଏହା ପରେ କ୍ୟାଶ କାଉଣ୍ଟରରୁ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ବ୍ୟାଙ୍କ ଲୁଟ୍ ଘଟଣା ପରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର କୁଚେଇ ଶାଖାର ମ୍ୟାନେଜର ସ୍ଥାନୀୟ ଥାନାରେ ଏତଲା ଦେଇଛନ୍ତି।

## ବାରିପଦାରେ ଫୁଟିଲା ଗୁଳି, ବୁଲିଲା ଖଣ୍ଡା

### ଜଣେ ମୃତ, ୨ ଗୁରୁତର

ବାରିପଦା, ୨୪।୬(ମହାଭାରତ): ମୟୂରଭଞ୍ଜ ଜିଲ୍ଲାରେ ଗୋଷ୍ଠୀ ସଂଘର୍ଷକୁ ନେଇ ଗୁଳିମାଡ ଓ ଛୁରାମାଡ଼ ହୋଇଛି। ଦୁର୍ବୃତ୍ତଙ୍କ ଆକ୍ରମଣରେ ୩ ଜଣ ଗୁରୁତର ହୋଇଛନ୍ତି। ଗୁରୁତରମାନଙ୍କ ମଧ୍ୟରେ ୨ ଜଣ ମହିଳା ଥିବା ସୂଚନା ମିଳିଚି। ମୟୂରଭଂଜ ଜିଲ୍ଲା ବାରିପଦା ଟାଉନ ଥାନା ଅଧୀନ କାଳିକାପୁର ଅଞ୍ଚଳରେ ଏହି ହିଂସା ଦେଖିବାକୁ ମିଳିଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନାମିଳିଛି। ମାଆକୁ ଖଣ୍ଡାରେ ହାଣିବା ସହ ପୁଅକୁ ଗୁଳିମାଡ଼ ହୋଇଛି।

ପୂର୍ବ ଶତ୍ରୁତାକୁ ନେଇ ଟାଉନ୍ ଥାନା କାଳିକାପୁର ଅଞ୍ଚଳରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଏହି ସଂଘର୍ଷ ଆଜି ଉଗ୍ରରୂପ ନେଇଥିଲା। ଆକ୍ରମଣରେ ଗୁଳିମାଡ ଏବଂ ଛୁରାମାଡରେ ୨ ଜଣ ମହିଳାଙ୍କ ସମେତ ୩ ଜଣ ଗୁରୁତର ହୋଇଛନ୍ତି। ଆହତମାନଙ୍କୁ ପ୍ରଥମେ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଜଣଙ୍କର ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ କଟକ ବଡମେଡିକାଲ ସ୍ଥାନାନ୍ତରିତ କରାଯାଇଛି। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ହସ୍ପିଟାଲରେ ଉତ୍ତେଜନା ସହ ପୋଲିସକୁ ଠେଲାପେଲା କରିଥିବା ଜଣାପଡ଼ିଛି। ସେପଟେ ୨ ଜଣକୁ ଅଟକ ରଖି ତଦନ୍ତ ଜାରି ରଖିଛି ପୋଲିସ ।

# ଇରାନ-ଇସ୍ରାଏଲ୍ ଯୁଦ୍ଧ ରୋକିଲେ ଟ୍ରମ୍ପ



ୱାଶିଂଟନ, ୨୪।୬: ୧୨ ଦିନର ଯୁଦ୍ଧ ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଯୁଦ୍ଧବିରତି ପ୍ରସ୍ତାବକୁ ସ୍ୱୀକାର କରିଛନ୍ତି ଉଭୟ ଇସ୍ରାଏଲ ଓ ଇରାନ। ଫଳରେ ଯୁଦ୍ଧରୁ ବିଶ୍ୱକୁ ସାମୟିକ ଆଶ୍ୱସ୍ତି ମିଳିଛି। ଯୁଦ୍ଧବିରତି ଘୋଷଣାସତ୍ତ୍ୱେ ଇରାନ୍ ଓ ଇସ୍ରାଏଲ୍ ପରସ୍ପର ପ୍ରତି ଆକ୍ରମଣର ଅଭିଯୋଗ ଆଣିଛନ୍ତି। ଫଳରେ ଆଗାମୀ ଦିନରେ ପରିସ୍ଥିତି କ'ଣ ହେବ ସେ ନେଇ କିଛି ଜଣାପଡୁନି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସ୍ପଷ୍ଟ କରିଛନ୍ତି ଯେ, ସେ ଏବେ ଶାନ୍ତି ଚାହାଁନ୍ତି ଏବଂ ଆଉ ଯୁଦ୍ଧକୁ ସହ୍ୟ କରିବେ ନାହିଁ। କିନ୍ତୁ ଇସ୍ରାଏଲ ଆରମ୍ଭରୁ ଅସ୍ତ୍ରବିରତି ଉଲ୍ଲଂଘନ କରିଆସୁଛି। ମଙ୍ଗଳବାର ଦିନ ଟ୍ରମ୍ପ୍ ଇସ୍ରାଏଲର ଆକ୍ରମଣକୁ ନିନ୍ଦା କରି କହିଛନ୍ତି ଯେ, ସେ ଇସ୍ରାଏଲର କାର୍ଯ୍ୟରେ ଖୁସି ନୁହଁନ୍ତି। ଏହି ବିବୃତିର କିଛି ଘଣ୍ଟା ପରେ ଟ୍ରମ୍ପ୍ ନେତାନ୍ୟାହୁଙ୍କୁ ଆଉ ଏକ ଝଟକା ଦେଇଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି, ସେ ଇରାନରେ ଶାସନ ପରିବର୍ତ୍ତନକୁ ବିରୋଧ କରନ୍ତି। ଯେତେବେଳେ ସେ ମାତ୍ର ଦୁଇ ଦିନ ପୂର୍ବରୁ ସୂଚାଇ ଦେଇଥିଲେ, ସେ ଏହାକୁ ସମର୍ଥନ କରିପାରନ୍ତି ନେତାନ୍ୟାହୁ ତାଙ୍କର କେତେକ ଭାଷଣରେ କହିଛନ୍ତି ଯେ, ଇରାନର ଖାମେନି ଶାସନ ଶାନ୍ତି ପାଇଁ ଏକ ବାଧା ଏବଂ ସେ ଇରାନର ଲୋକଙ୍କ ପାଇଁ ଏବଂ ଏହି କ୍ଷେତ୍ର ପାଇଁ ତାଙ୍କୁ କ୍ଷମତାଚ୍ୟୁତ କରିବେ। କିନ୍ତୁ ଏବେ ଟ୍ରମ୍ପ୍ ସ୍ପଷ୍ଟ କରିଛନ୍ତି, ସେ ଇରାନରେ ଶାସନ ପରିବର୍ତ୍ତନ ସପକ୍ଷରେ ନୁହଁନ୍ତି।

ଯୁଦ୍ଧବିରତିର ଘଣ୍ଟାଏ ମଧ୍ୟରେ ଉଭୟ ତେହେରାନ ଏବଂ ତେଲ ଅଭିଭ୍ ପରସ୍ପର ପରସ୍ପରକୁ ଆକ୍ରମଣ କରିଛନ୍ତି। ଯାହାର ଭିଡିଓ ସାମ୍ନାକୁ ଆସିଛି। ଇସ୍ରାଏଲ ଆକ୍ରମଣରେ ଇରାନର ଜଣେ ପରମାଣୁ ବୈଜ୍ଞାନିକଙ୍କ ସହ ୯ ଜଣଙ୍କ ମୃତ୍ୟୁ ହୋଇଛି। ମିସାଇଲ ମାଡ଼ରେ ଇରାନର ୧୫ଟି ଜେଟ୍ ଓ ହେଲିକପ୍ଟର ନଷ୍ଟ ହୋଇଥିବା ଇସ୍ରାଏଲ କହିଛି। ଆଉ ଇରାନର ମିସାଇଲ ମାଡ଼ରେ ଅତି କମରେ ଇସ୍ରାଏଲର ୭ ଜଣଙ୍କ ମୃତ୍ୟୁ ହୋଇଛି। ଉତ୍ତର ଇସ୍ରାଏଲର ଜନବସତି ଅଞ୍ଚଳକୁ ଟାର୍ଗେଟ କରି ମିସାଇଲ ମାଡ଼ କରିଛି ଇରାନ । ଇରାନ ଯୁଦ୍ଧବିରତି ଉଲ୍ଲଙ୍ଘନ କରି ସାଧାରଣ ଲୋକଙ୍କୁ ଟାର୍ଗେଟ କରୁଥିବା ଅଭିଯୋଗ ଆଣିଛି ଇସ୍ରାଏଲ। ଆଉ ଏଥିପାଇଁ ପୂରା ବଳପ୍ରୟୋଗ କରି ଆକ୍ରମଣ କରିବାକୁ ଇସ୍ରାଏଲ ସେନାକୁ ନିର୍ଦ୍ଦେଶ ଦେଇଛନ୍ତି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ।ସେପଟେ ଇସ୍ରାଏଲ ସହିତ ଯୁଦ୍ଧବିରତି ମଧ୍ୟରେ ଇରାନର ରାଷ୍ଟ୍ରପତି ପେଜେଶକିୟାନ ଏକ ବଡ଼ ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ ଇରାନ ଯୁଦ୍ଧବିରତି ଭଙ୍ଗ କରିବ ନାହିଁ, କିନ୍ତୁ ଯଦି ଇସ୍ରାଏଲ ଯୁଦ୍ଧବିରତି ଭଙ୍ଗ କରେ, ତେବେ ଏହାର ଉଚିତ ଜବାବ ଦିଆଯିବ।

ମଧ୍ୟପ୍ରାଚ୍ୟରେ ଉତ୍ତେଜନା ହ୍ରାସ କରିବା ପାଇଁ ଇରାନ କତାରକୁ ଧନ୍ୟବାଦ ଦେଇଛି। ଇରାନର ଉପ-ବୈଦେଶିକ ମନ୍ତ୍ରୀ ଅଞ୍ଚଳରେ ଉତ୍ତେଜନା ହ୍ରାସ କରିବାରେ ସାହାଯ୍ୟ ପାଇଁ କତାରକୁ କୃତଜ୍ଞତା ଜଣାଇଛନ୍ତି। ଇରାନୀ ସୁରକ୍ଷା ଅଧିକାରୀ କହିଛନ୍ତି, ଯୁଦ୍ଧବିରତି କାର୍ଯ୍ୟକାରୀ ହେବା ପରେ ଇସ୍ରାଏଲ ଉପରେ କୌଣସି କ୍ଷେପଣାସ୍ତ୍ର ମାଡ଼ କରାଯାଇ ନାହିଁ। ସିଏନଏନ ରିପୋର୍ଟ ଅନୁଯାୟୀ, ଇରାନୀ ଅଧିକାରୀ କହିଛନ୍ତି, ଏପର୍ଯ୍ୟନ୍ତ ଶତ୍ରୁ ଉପରେ କୌଣସି କ୍ଷେପଣାସ୍ତ୍ର ମାଡ଼ କରାଯାଇ ନାହିଁ। ସେପଟେ କିନ୍ତୁ ଇସ୍ରାଏଲ କହିଛି, ସକାଳେ ଇରାନ ମିସାଇଲ ଆକ୍ରମଣ କରିଛି। ଯେଉଁଥିରେ ୫ଜଣ ନାଗରିକଙ୍କ ମୃତ୍ୟୁ ହୋଇଛି। ଯୁଦ୍ଧବିରତି ପରେ, ଇରାନ ଇସ୍ରାଏଲ ଉପରେ ଦୁଇଟି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମାଡ଼ କରିଛି। ଇସ୍ରାଏଲୀ ସେନା ଏହାର କଡ଼ା ଜବାବ ଦେଇଛି। ଆଇଡିଏଫ୍ ଚିଫ୍ ଅଫ୍ ଷ୍ଟାଫ୍ ଲେଫ୍ଟନାଣ୍ଟ ଜେନେରାଲ ଇୟାଲ୍ ଜମିର କହିଛନ୍ତି, ଇରାନ ଗମ୍ଭୀର ଭାବରେ ଅସ୍ତ୍ରବିରତି ଉଲ୍ଲଂଘନ କରିଛି, ଆମେ ପୂର୍ଣ୍ଣ ବଳ ସହିତ ଜବାବ ଦେବୁ। ଇରାନ ଏବଂ ଇସ୍ରାଏଲ ମଧ୍ୟରେ ବଢ଼ୁଥିବା ଉତ୍ତେଜନା ଯୋଗୁଁ ପ୍ରଭାବିତ ହୋଇଥିବା ବିମାନ ସେବା ଏବେ ଧୀରେ ଧୀରେ ସ୍ୱାଭାବିକ ହେଉଛି ।ସିରିଆ। ଗଣମାଧ୍ୟମ ଅନୁଯାୟୀ, ସିରିଆ ତାର ଆକାଶ ମାର୍ଗକୁ ଖୋଲିଛି। ଏହା ବ୍ୟତୀତ କତାର, ଓମାନ ଏବଂ ଇରାକ ଭଳି ଅନ୍ୟ ଦେଶ ମଧ୍ୟ ସେମାନଙ୍କର ଆକାଶ ମାର୍ଗକୁ ଖୋଲିଛନ୍ତି। ଆମେରିକାର ମଧ୍ୟସ୍ଥତାରେ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧବିରତି ଘୋଷଣା ହେବାର କିଛି ଘଣ୍ଟା ପରେ, ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନି ଏକ କଡ଼ା ବୟାନ ଦେଇଛନ୍ତି ।

# ମହାପ୍ରଭୁଙ୍କ ମୋଦକ ଚୋରି ଅଭିଯୋଗ



**ପୁରୀ, ୨୪।୬(ମହାଭାରତ):** ପୁରୀ ଶ୍ରୀମନ୍ଦିରରୁ ମୋଦକ ଚୋରି ନେଇ ନେଇ ସାଂଘାତିକ ଅଭିଯୋଗ ଆସିଛି। ୩ ଠାକୁର ଅସୁସ୍ଥ ଥିଲାବେଳେ ବଡ଼ ଠାକୁରଙ୍କ ପାଇଁ ୧୧୩ ମୋଦକ କମାଣ୍ଡରଙ୍କ ସୁରକ୍ଷାରେ ଆସିଥିଲା। ତାହାକୁ ଶ୍ରୀମନ୍ଦିର ଗାରଦ ଘରେ ରଖାଯାଇଥିଲା। ସେଥିରୁ ୭୦ଟି ମୋଦକ କିଏ ନେଇଯାଇଥିବା ଜଣାପଡ଼ିନି।

ମହାପ୍ରଭୁଙ୍କ ଦଶମୂଳ ମୋଦକ ଚୋରୀ ଘଟଣାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ରିପୋର୍ଟ ତଲବ କରିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ମନ୍ତ୍ରୀ କହିଛନ୍ତି ଶ୍ରୀମନ୍ଦିରରୁ ରିପୋର୍ଟ ଆସିବା ପରେ ନିଆଯିବ। କାର୍ଯ୍ୟାନୁଷ୍ଠାନ ତଦନ୍ତରେ ଯିଏ ବି ଦୋଷୀ ସ୍ଥାନରକୁ ଆସିବ ସେ ନିଶ୍ଚୟ ଦଣ୍ଡ ପାଇବ ବୋଲି ମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ଭଗବାନଙ୍କୁ ଲାଗି ହେବାକୁ ଥିବା ମୋଦକକୁ ଗଣାଯାଏନି।

ସେପଟେ ଘଟଣାକୁ ନେଇ ଉତ୍ତର ରଖିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ମୁଖ୍ୟ ପ୍ରଶାସକ କହିଛନ୍ତି ବଡ ବାଡଗ୍ରାହୀ ଆମକୁ ଘଟଣା ନେଇ ଚିଠି ଲେଖିଛନ୍ତି। ପ୍ରାରମ୍ଭିକ ସୂଚନା ଅନୁସାରେ ଅଭିଯୋଗ ଭିତ୍ତିହୀନ ବୋଲି ଜଣାପଡିଛି। ତାର ତଦନ୍ତ ରିପୋର୍ଟ ବି ଆମେ ମାଗିଛୁ ।ସେ ସ୍ପଷ୍ଟ ଭାବେ କହିଛନ୍ତି ଯେ, କୌଣସି ବୈଦ୍ୟ ସେବକ ଗାରଦରେ ନେଇ ଦିଅନ୍ତି, ସେତେବେଳେ ସେଇ ଅମଣିଆ। ଦଶମୂଳ ମୋଦକକୁ କୌଣସି ମନ୍ଦିର ପ୍ରଶାସନ ବା ଗାରଦର କୌଣସି ବ୍ୟକ୍ତି ଏହାକୁ ଛୁଅଁନ୍ତିନି କି ଗଣତି ନାହିଁ। ତେବେ ସବୁ ଆଉ ତଦନ୍ତ କରିବା ପରେ ଆମେ ଜାଣିବାକୁ ପାଇଛୁ କି, ଚୋରି ହୋଇନି ମୋଦକ।ତେବେ ତଦନ୍ତ ପରେ ସବୁ ସତ ସାମ୍ନାକୁ ଆସିବ ବୋଲି ସେ କହିଛନ୍ତି।

ମହାପ୍ରଭୁଙ୍କ ମୋଦକ ଚୋରି ହୋଇଛି ଏହା ସତ ବୋଲି କହିଛନ୍ତି ଜଗନ୍ନାଥଙ୍କ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର।। ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ୭୦ଟି ମୋଦକ କମିବା ସତ କଥା, କିଏ ନେଇଥିବେ ନିଶ୍ଚିତ। ସିସିଟିଭି ଦେଖି ରାଜ୍ୟ ସରକାର ଏହାର ତଦନ୍ତ କରନ୍ତୁ। ଦୀଘା ପଠାଯାଇଥିବା ଚର୍ଚ୍ଚାକୁ ସେ ଖଣ୍ଡନ କରିଛନ୍ତି। କହିଲେ ଏହା ମିଛ କଥା । ଏହି ଛୋଟମୋଟ କଥାରେ ନ ମାତି ରଥଯାତ୍ରା କଥା ଚିନ୍ତା କରନ୍ତୁ ବୋଲି ସେ କହିଛନ୍ତି।ଏହି ପ୍ରସଙ୍ଗରେ ମୁହଁ ଖୋଲିଛନ୍ତି ଜଗନ୍ନାଥ ସଂସ୍କୃତି ଗବେଷକ ପ୍ରଫୁଲ୍ଲ ରଥ। ସେ କହିଛନ୍ତି, " ଯେଉଁମାନେ ଆଉ ଏକ ପୁରୀ ମନ୍ଦିର କରିଥିବା ଡିଣ୍ଡିମ ପିଟୁଛନ୍ତି, ସେହିମାନେ ହିଁ ଏହା ପଛରେ ଅଛନ୍ତି। ଯିଏ ପୂର୍ବରୁ କାଠ ଚୋରି କରି ଦୀଘା ନେଇଥିଲେ, ମୋଦକ ଚୋରି ପଛରେ ବି ସେମାନଙ୍କ ହାତ" ବୋଲି ରଥ କହିଛନ୍ତି। ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଆଇନ ମନ୍ତ୍ରୀ ରିପୋର୍ଟ ମାଗିଛନ୍ତି ।ରିପୋର୍ଟ ଆସିଲେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ୬ ଦୁଷ୍କର୍ମ ଅଭିଯୁକ୍ତଙ୍କୁ ମାରାଥନ ଜେରା

**ଗୋପାଳପୁର, ୨୪।୬ (ମହାଭାରତ) :** ଗୋପାଳପୁରରେ ଗଣଦୁଷ୍କର୍ମ ମାମଲାରେ ୬ ଅଭିଯୁକ୍ତଙ୍କୁ ଦୁଇ ଦିନିଆ। ରିମାଣ୍ଡରେ ନେଇଛି କ୍ରାଇମବ୍ରାଞ୍ଚ। ରିମାଣ୍ଡରେ ନେବା ପରେ କ୍ରାଇମବ୍ରାଞ୍ଚ ୬ ଅଭିଯୁକ୍ତଙ୍କୁ କଡା ସୁରକ୍ଷା ବଳୟରେ ଗୋପାଳପୁର ଥାନାକୁ ନେଇ ପଚରା ଉଚରା କରିବା ପରେ ତାଙ୍କର ମେଡିକାଲ ପରୀକ୍ଷା କରାଯାଇଛି। ଏହା ପରେ ଅଭିଯୁକ୍ତ ମାନଙ୍କୁ କ୍ରାଇମବ୍ରାଞ୍ଚ ମାରାଥନ ଜେରା ଆରମ୍ଭ କରିଛି। ଏହି ଦୁଇ ଦିନିଆ ରିମାଣ୍ଡ ଅବଧି ମଧ୍ୟରେ ଅଭିଯୁକ୍ତ ମାନଙ୍କୁ ନେଇ କ୍ରାଇମବ୍ରାଞ୍ଚ ସିନ୍ ରିକ୍ରିଏସନ କରିବ। ଦକ୍ଷିଣାଞ୍ଚଳ ଆଇଜିଙ୍କ ଉପସ୍ଥିତରେ ସେମାନଙ୍କୁ ଜେରା କରାଯାଇଥିବା ସୂଚନା ମିଳିଛି।

ଗତ ରଜ ସଂକ୍ରାନ୍ତିରେ ଗୋପାଳପୁର ବିଚ୍ ରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ ହୋଇଥିବାର ଅଭିଯୋଗ ହୋଇଥିଲା। ଗୋପାଳପୁର ଗଣଦୁଷ୍କର୍ମର ୧୦ ସଇତାନଙ୍କ ମଧ୍ୟରେ ଅଛନ୍ତି ୪ ନାବାଳକ। ୩ ଜଣ ଗଣଦୁଷ୍କର୍ମ କରିଥିବାବେଳେ ଅନ୍ୟମାନେ ସହଯୋଗ କରିଥିଲେ। ମୁଖ୍ୟ ଅଭିଯୁକ୍ତ ପୁରୁଷୋତ୍ତମପୁରର ପ୍ରମୋଦ ନାୟକ ନାଁରେ ପୂର୍ବରୁ ମଧ୍ୟ ୨ଟି ମାମଲା ରହିଛି। ଅନ୍ୟ ଦୁଇ ଦୁଷ୍କର୍ମକାରୀ ହେଲେ ବାବୁରାମ ଦଳାଇ ଏବଂ କୁନାଲ ପ୍ରଧାନ। ୪ ଜଣ ନାବାଳକ ବାଳସୁଧାର ଗୃହରେ ଅଛନ୍ତି । ଏହା ପୂର୍ବରୁ ବ୍ରହ୍ମପୁର ସେଣ୍ଟ୍ରାଲ ଜେଲରେ ଅଭିଯୁକ୍ତ ମାନଙ୍କର ଟିଆଇ ପ୍ୟାରେଡ ହୋଇଥିଲା ଏବଂ ପିଡୀତା ସଂପୃକ୍ତ ଅଭିଯୁକ୍ତ ମାନଙ୍କୁ ଚିହ୍ନିଥିବା ଜଣାପଡ଼ିଛି। ଏହି ଘଟଣାରେ ତୁରନ୍ତ ନ୍ୟାୟ ପାଇଁ ଫାଷ୍ଟଟ୍ରାକ୍ କୋର୍ଟକୁ ମାମଲା ସ୍ଥାନାନ୍ତରିତ ହେବା କାର୍ଯ୍ୟକ୍ରମ ରହିଛି।

## ୩ ପ୍ରମୁଖ ଘରୋଇ ବ୍ୟାଙ୍କ ସହ ଜାରି ରହିବ କାରବାର

**ଭୁବନେଶ୍ୱର, ୨୪।୬(ମହାଭାରତ):** ଦେଶର ୩ଟି ପ୍ରମୁଖ ଘରୋଇ ବ୍ୟାଙ୍କ ସହ ସମସ୍ତ ପ୍ରକାରର ବ୍ୟବସାୟିକ କାରବାର ବନ୍ଦ କରିବା ନିମନ୍ତେ ନିଷ୍ପତ୍ତି ନେଇଥିବା ରାଜ୍ୟ ସରକାର ଆଜି ୟୁ-ଟର୍ଣ୍ଣ ନେଇଛନ୍ତି। ନିଜ ନିଷ୍ପତ୍ତିର ୩ଦିନ ନପୁରୁଣୁ ମଙ୍ଗଳବାର ଏକ ସ୍ପଷ୍ଟୀକରଣ ଜାରି କରି କିଛି ନିର୍ଦ୍ଦିଷ୍ଟ ବ୍ୟବସାୟିକ କାରବାର ଜାରି ରହିବ ବୋଲି କହିଛନ୍ତି।




ଅର୍ଥ ବିଭାଗର ସ୍ପଷ୍ଟୀକରଣ ଅନୁସାରେ, ଘରୋଇ ବ୍ୟାଙ୍କ ଏଚଡିଏଫସି, ଆଇସିସିଆଇ ଓ ଆକ୍ସିସ ବ୍ୟାଙ୍କ ସହ ରାଜ୍ୟ ସରକାର କେତେକ ନିର୍ଦ୍ଦିଷ୍ଟ କାରବାର ଜାରି ରଖିବେ। ୨୧ତାରିଖରେ ଏହି ୩ଟି ଘରୋଇ ବ୍ୟାଙ୍କକୁ ରାଜ୍ୟ ସରକାର ନିଜର ତାଲିକାଭୁକ୍ତ ବ୍ୟାଙ୍କ ତାଲିକାରୁ ବାଦ୍ ଦେବାକୁ ନିଷ୍ପତ୍ତି ନେଇଥିବା ସମ୍ପର୍କରେ ଅର୍ଥ ବିଭାଗ ପକ୍ଷରୁ ବିଭିନ୍ନ ବିଭାଗର ସଚିବଙ୍କୁ ଅବଗତ କରାଯାଇଥିଲା। ଏହି ୩ଟି ବ୍ୟାଙ୍କରେ ଥିବା ଫିକ୍ସଡ୍ ଡିପୋଜିଟ୍ ଓ ଟର୍ମ ଡିପୋଜିଟକୁ ବାଦ୍ ଦେଇ ଅନ୍ୟ ସମସ୍ତ କାରବାର ବନ୍ଦ କରିବା ଓ ଅର୍ଥ ଅନ୍ୟ ତାଲିକାଭୁକ୍ତ ବ୍ୟାଙ୍କକୁ ସ୍ଥାନାନ୍ତର ନିମନ୍ତେ ଅର୍ଥ ବିଭାଗ ନିର୍ଦ୍ଦେଶ ଦେଇଥିଲେ।

ମାତ୍ର ମଙ୍ଗଳବାର ଜାରି ସ୍ପଷ୍ଟୀକରଣରେ ଅର୍ଥ ବିଭାଗର ସଚିବ ଶାଶ୍ୱତ ମିଶ୍ର କହିଛନ୍ତି ଯେ, ଏହି ୩ଟି ଘରୋଇ ବ୍ୟାଙ୍କରେ ରାଜ୍ୟ ସରକାରଙ୍କ ସଂସ୍ଥାର ଏସଏନଏ (ସିଙ୍ଗଲ ନୋଡାଲ ଏଜେନ୍ସି)ବ୍ୟାଙ୍କ ଆକାଉଣ୍ଟ, ପେମେଂଟ ଏଗ୍ରିଗେଟ୍ ଅବା ପେମେଂଟ ଗେଟଓ୍ୱେ ବ୍ୟାଙ୍କ ଆକାଉଣ୍ଟ, ଏଜେନ୍ସୀ ବ୍ୟାଙ୍କ ଆକାଉଣ୍ଟ(ସରକାରୀ ରାଜସ୍ୱ ସଂଗ୍ରହ ହେଉଥିବା ଆକାଉଣ୍ଟ) ଏବଂ ଏନପିଏସ/ପେନସନ୍ ଟ୍ରଷ୍ଟ ବ୍ୟାଙ୍କ ଆକାଉଣ୍ଟ ଜାରି ରହିବ। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏସବୁ କାର୍ଯ୍ୟ ନିମନ୍ତେ ନୂଆ ଆକାଉଣ୍ଟ ଖୋଲାଯିବ ନାହିଁ ।

ବିଗତ ଦୁଇଟି ଆର୍ଥିକ ବର୍ଷରେ କେତେକ ପ୍ରମୁଖ ସରକାରୀ ଯୋଜନାରେ କ୍ରମାଗତ ଖରାପ ପ୍ରଦର୍ଶନ ସହ ସାଧାରଣ ବ୍ୟାଙ୍କିଙ୍ଗ ମାନଦଣ୍ଡରେ ନିରାଶାଜନକ କାର୍ଯ୍ୟକୁ ଦୃଷ୍ଟିରେ ରଖି ୩ଟି ଘରୋଇ ଏଚଡିଏଫସି ବ୍ୟାଙ୍କ, ଆଇସିସିଆଇ ବ୍ୟାଙ୍କ ଓ ଆକ୍ସିସ ବ୍ୟାଙ୍କକୁ ସରକାର ନିଜର ତାଲିକାଭୁକ୍ତ ବ୍ୟାଙ୍କ ତାଲିକାରୁ ତତ୍କାଳ ପ୍ରଭାବରୁ ବାଦ୍ ଦେଇଥିବା ନେଇ ସବୁ ବିଭାଗକୁ ଅର୍ଥ ବିଭାଗ ଅବଗତ କରାଇଥିଲା। ସରକାରୀ ବିଭାଗ, ନିର୍ଦ୍ଦେଶାଳୟ, ମୁଖ୍ୟ କାର୍ଯ୍ୟାଳୟ, ପ୍ରତିଷ୍ଠାନ, ଏଜେନ୍ସୀ, ସରକାରୀ ଉଦ୍ୟୋଗ, ସୋସାଇଟି, ବିଶ୍ୱବିଦ୍ୟାଳୟ ଆଦି ରାଜ୍ୟ ସରକାରଙ୍କ ସମସ୍ତ ସଂସ୍ଥାଗୁଡ଼ିକୁ ମଧ୍ୟ ଏହି ୩ଟି ଘରୋଇ ବ୍ୟାଙ୍କରେ ଥିବା ସଂଚୟ ଖାତା, କରେଂଟ ଖାତା ଓ ଅନ୍ୟାନ୍ୟ ଆକାଉଣ୍ଟକୁ ତୁରନ୍ତ ବନ୍ଦ କରି ସେଥିରେ ଥିବା ଅର୍ଥକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ପୁରୀକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ଭିଡ଼ିଓ ବାର୍ତ୍ତା

ଭୁବନେଶ୍ୱର, ୨୪।୬(ମହାଭାରତ): ପବିତ୍ର ରଥଯାତ୍ରାର ଅବ୍ୟବହିତ ପୂର୍ବରୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଏକ ଭିଡ଼ିଓ ବାର୍ତ୍ତା ଜାରି କରି ରଥଯାତ୍ରାରେ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ତଥା ଥରେ ମାତ୍ର ବ୍ୟବହାର ହେଉଥିବା ପ୍ଲାଷ୍ଟିକ୍ ସାମଗ୍ରୀକୁ ବର୍ଜନ କରିବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି ।ଏହି ସଚେତନତା ବାର୍ତ୍ତାରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଗକୁ ରଥଯାତ୍ରା ଆସୁଛି । ଭକ୍ତ ଓ ଭଗବାନଙ୍କ ଅପୂର୍ବ ମିଳନର ଅବସର ହେଉଛି ରଥଯାତ୍ରା । ରଥଯାତ୍ରା ପାଇଁ ଶ୍ରୀକ୍ଷେତ୍ର ପୁରୀରେ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ଘୋଷଯାତ୍ରାକୁ ଭବ୍ୟ ଭାବରେ ପାଳନ କରିବା ପାଇଁ କାମରେ ଲାଗିଛନ୍ତି । ରଥଯାତ୍ରାରେ ଜଗତର ନାଥ - ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ ଦେଉଳର ରତ୍ନ ସିଂହାସନ ଛାଡି ବଡଦାଣ୍ଡକୁ ଆସିବେ । ମହାପ୍ରଭୁଙ୍କ ସହ ପ୍ରଭୁ ବଳଭଦ୍ର, ମାଆ ସୁଭଦ୍ରା ଏବଂ ଚକ୍ରରାଜ ସୁଦର୍ଶନ ରଥରେ ଭକ୍ତମାନଙ୍କୁ ଦର୍ଶନ ଦେବେ । ଚତୁର୍ଦ୍ଧାମୂରତିଙ୍କ ଦିବ୍ୟ ଦର୍ଶନ ଲାଭ କରିବା ପାଇଁ ବିଶ୍ୱର କୋଣ ଅନୁକୋଣରୁ ଭକ୍ତମାନେ ପୁରୀ ଆସିବେ । ରଥ ଭିଡିବା ପାଇଁ ବଡଦାଣ୍ଡରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ । ବିଶେଷ ଭାବରେ ରଥଯାତ୍ରା ସମୟରେ ପୁରୀକୁ ଆସୁଥିବା ଜନସାଧାରଣ ଓ ପର୍ଯ୍ୟଟକମାନେ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକର ଅଧିକ ବ୍ୟବହାର କରିଥାନ୍ତି । ଭକ୍ତମାନେ ଭୋଗ ଓ ଫୁଲ ପାଇଁ ପଲିଥିନ, ପାଣି ବୋତଲ, ପାଣି ଗ୍ଲାସ ଏବଂ ଖାଦ୍ୟ ସାମଗ୍ରୀ ନେବା ପାଇଁ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ଆଦିର ବ୍ୟବହାର କରିଥା'ନ୍ତି । ଏହା ଦ୍ୱାରା ପୁରୀ ବଡଦାଣ୍ଡ ଦୂଷିତ ହେବା ସହ ପ୍ରଦୂଷଣର ପ୍ରଭାବ ସ୍ଥାନୀୟ ପରିବେଶ ଉପରେ ପଡିଥାଏ ।

## ମୁଗଡାଲି କଟ୍‌ଲେଟ୍

ଆବଶ୍ୟକ ସାମଗ୍ରୀ: ମୁଗ ଡାଲି,ସିଝା ଆଳୁ, ବ୍ରେଡ କ୍ରମ୍, କଟା ଧନିଆପତ୍ର, ଧନିଆ ଗୁଣ୍ଡ, ଲଙ୍କା ଗୁଣ୍ଡ,ଗରମ ମସଲା, ହେଙ୍ଗୁ, କଟା ଅଦା କଞ୍ଚାଲଙ୍କା, ସ୍ୱାଦ ଅନୁସାରେ ଲୁଣ ଓ ତେଲ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଗୋଟିଏ ପାତ୍ରରେ ସିଝା ଆଳୁ, ମୁଗ ଡାଲି, ଲଙ୍କା ଗୁଣ୍ଡ, ଲୁଣ ଗରମ ମସଲା,କଟା ଅଦା, ଧନିଆ ପତ୍ର ,ଧନିଆ ପାଉଡର, ହେଙ୍ଗୁ ଓ କଟା କଞ୍ଚା ଲଙ୍କା ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ । ଏହି ମିଶ୍ରଣକୁ ଗୋଲ ଗୋଲ କରି ବ୍ରେଡ କ୍ରମ୍ବରେ ଏପଟ ସେପଟ କରି ରଖନ୍ତୁ । ଏବେ ଏକ କଡେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହୋଇଗଲା ପରେ ମିଶ୍ରଣରୁ ପ୍ରସ୍ତୁତ କଟଲେଟ ଗୁଡିକୁ ଛାଣନ୍ତୁ । ଦୁଇପଟ ଲାଲ୍ ହୋଇଗଲେ ଏହାକୁ ପ୍ଲେଟକୁ କାଢିଦିଅନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା 'ମୁଗଡାଲି କଟଲେଟ୍' । ଏହାକୁ ପୋଦିନା ଚଟଣୀ କିମ୍ବା ସସ୍ ସହିତ ପରଷନ୍ତୁ ।



### ଖବର

# ଓଡ଼ିଆ ସିନେ ଶିଳ୍ପରେ ଐତିହାସିକ ଚଳଚ୍ଚିତ୍ର ପାଲଟିଲା 'ବୋଉ ବୁଟୁ ଭୂତ'



ଓଡ଼ିଆ ସିନେମାକୁ ମିଳୁଛି ଦର୍ଶକୀୟ ସମର୍ଥନଫ ଇତିହାସ ରଚିଛି ବାବୁସାନ୍‌ଙ୍କ ଚଳଚ୍ଚିତ୍ର 'ବୋଉ ବୁଟୁ ଭୂତ'। ରହସ୍ୟ, ରୋମା□ ଓ ହାସ୍ୟରସଭରା ଏହି ଚଳଚ୍ଚିତ୍ର ୧୧ ଦିନରେ କରିଛି ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ। ଓଡ଼ିଆ ସିନେ ଶିଳ୍ପକୁ ଏହି ଚଳଚ୍ଚିତ୍ର ଏକ ନୂତନ ଦିଗ ଦେଖାଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ସିନେ ସମୀକ୍ଷକ ସୂର୍ଯ୍ୟ ଦେଓ ଚଳଚ୍ଚିତ୍ରର ପ୍ରଶଂସାରେ କହିଛନ୍ତି, କମ୍ ସଂଖ୍ୟକ ପ୍ରେକ୍ଷାଳୟ ଥିଲେ ମଧ୍ୟ 'ବୋଉ ବୁଟୁ ଭୂତ' ଭଲ ବ୍ୟବସାୟ କରିବା ଓଡ଼ିଆ ସିନେମା ପାଇଁ ଏକ ଶୁଭ ଲକ୍ଷଣୟ ରଜ ବଜାରରେ ଓଡ଼ିଆ ସିନେମା ଭଲ ବ୍ୟବସାୟ କରିଛି। 'ବୋଉ ବୁଟୁ ଭୂତ' ବକ୍ସ ଅଫିସ ରେକର୍ଡ ଭାଙ୍ଗିଛି। ଦର୍ଶକୀୟ ଆଦୃତି ସହ ବାବୁସାନ ଓ ଅପରାଜିତାଙ୍କ ଅଭିନୟ ଏବଂ ସର୍ବୋପରି ଚଳଚ୍ଚିତ୍ରର କାହାଣୀ ଅନେକ ପ୍ରଶଂସା ସାଉଁଟିଛି।ଅର୍ଚ୍ଚିତା-ବାବୁସାନ ଯୋଡ଼ି ପୁଣିଥରେ ହିଟ୍ ସାବ୍ୟସ୍ତ ହୋଇଛି। 'ଦମନ' ଓ 'ପାବାର୍' ପରେ ସବୁ ରେକର୍ଡ ଭାଙ୍ଗିଛି 'ବୋଉ ବୁଟୁ ଭୂତ'। ଏହି ଚଳଚ୍ଚିତ୍ର ପାଇଁ ବାବୁସାନଙ୍କ ଲୋକପ୍ରିୟତା ଆହୁରି ବଢିବାସହ ଓଡ଼ିଆ ସିନେମା ଦେଖିବାକୁ ପ୍ରେକ୍ଷାଳୟରେ ପୁଣିଥରେ ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳିଛି। 'ବୋଉ ବୁଟୁ ଭୂତ' ଆଗରେ ସବ୍ୟସାଚୀ ମହାପାତ୍ରଙ୍କ 'ଅନନ୍ତା' ବ୍ୟବସାୟରେ ପଛରେ ପଡ଼ିଯାଇଛି। କିନ୍ତୁ 'ଅନନ୍ତା'ର କାହାଣୀ, ନିର୍ଦ୍ଦେଶନା ଓ ଅଭିନୟକୁ ପ୍ରଶଂସା କରିଛନ୍ତି ଦର୍ଶକଙ୍କ ସମେତ ଅନେକ ସିନେ ସମୀକ୍ଷକ।ସିନେ ସମୀକ୍ଷକ ଦିଲ୍ଲୀପ ହାଲିଙ୍କ କହିବାନୁସାରେ, ଓଡ଼ିଆ ଦର୍ଶକ ବଳିଷ୍ଠ କାହାଣୀ ଖୋଜୁଛନ୍ତି। ଭଲ କାହାଣୀ ଦେଖିବାକୁ ହଲରେ ଦର୍ଶକଙ୍କ ଭିଡ଼ ବଢୁଛି। କମ୍ ଥିଏଟରରେ ମଧ୍ୟ ୧୧ ଦିନରେ ୧୦ କୋଟିରୁ ଉର୍ଦ୍ଧ୍ୱ ବ୍ୟବସାୟ କରିଛି ଓଡ଼ିଆ ସିନେମା, ଯାହା କିଛି ପ୍ରଯୋଜକ ଓ ନିର୍ଦ୍ଦେଶକଙ୍କୁ ଭଲ କାହାଣୀ ନେଇ ଚଳଚ୍ଚିତ୍ର କରିବାକୁ ପ୍ରେରଣା ଯୋଗାଇଛି।




## ନିତ୍ୟସ୍ମରଣ ପାଇଁ ଶ୍ରୀଗଣେଶଙ୍କ ୧୪ଟି ନାମ



ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ଉପାସନା ସର୍ବଦା ଶୁଭଫଳଦାୟୀ ହୋଇଥାଏ । ଭଗବାନ ଗଜାନନଙ୍କ ପୂଜା ସମସ୍ତ ବିଘ୍ନ ହରଣ କରିବା ସହ ମଣିଷ ଜୀବନକୁ ମଙ୍ଗଳମୟ କରି ଦେଇଥାଏ । ଅନ୍ୟପଟେ ଶ୍ରୀଗଣେଶଙ୍କର ନିୟମିତ ଉପାସନା ଦ୍ୱାରା ଭକ୍ତର ସମସ୍ତ ରିଷ୍ଟ ଖଣ୍ଡନ ହୁଏ ।ତେବେ ପ୍ରଭୁ ଗଜାନନଙ୍କ ୧୪ ନାମ ନିତ୍ୟ ସ୍ମରଣ କଲେ ଭକ୍ତ ଅଶେଷ ସିଦ୍ଧି ପ୍ରାପ୍ତି କରିଥାଏ ବୋଲି ଶାସ୍ତ୍ରରେ ବର୍ଣ୍ଣନା ରହିଛି । ଗଜାନନଙ୍କ ଏହି ୧୪ଟି ନାମ ହେଉଛି- ବିନାୟକ, ଗଜାନନ, ଗଣେଶ, ଲମ୍ବୋଦର, ଏକଦନ୍ତ, ବକ୍ରତୁଣ୍ଡ, ବିଘ୍ନରାଜ, ଭାଲଚନ୍ଦ୍ର, ଗଣାଧୀଷ, ବିକଟ, ହେରମ୍ବ, କୃଷ୍ଣପିଙ୍ଗାକ୍ଷ, ଆଖୁରଦ୍ଧ, ଗୌରୀପୁତ୍ର । ଯେଉଁବ୍ୟକ୍ତି ପ୍ରତିଦିନ ଏହି ନାମଗୁଡ଼ିକୁ ଉଚ୍ଚାରଣ କରି ଶ୍ରୀଗଣେଶଙ୍କ ପୂଜା କରିଥାଏ, ତା' ଜୀବନରେ ସମସ୍ତ ଦୁଃଖ କଷ୍ଟ ଦୂର ହେବା ସହ ସେ ସୁଖସମୃଦ୍ଧି ଲାଭ କରିଥାଏ ।

# ଡ଼ାଇବେଟିସ୍ ଦୂର ପାଇଁ ଖାଆନ୍ତୁ ଏହି ଫଳ

ସାରା ଦୁନିଆରେ ୪୦କୋଟିରୁ ଅଧିକ ଲୋକ ଡ଼ାଇବେଟିସ ବା ମଧୁମେହ ରୋଗରେ ପୀଡ଼ିତ। ତେବେ ଗତ ୩୦ବର୍ଷ ମଧ୍ୟରେ ଡ଼ାଇବେଟିସ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଡ଼ାଇବେଟିସ ରୋଗରେ ପୀଡ଼ିତ ରୋଗୀଙ୍କୁ ହାର୍ଟ ଆଟାକ ଓ ହାର୍ଟ ଷ୍ଟ୍ରୋକର ଅଧିକ ସମ୍ଭାବନା ରହିଥାଏ। ଏହି ରୋଗର ନିୟମିତ ଚିକିତ୍ସା ନକଲେ ମଣିଷର ଜୀବନ ବି ଯାଇପାରେ। ତେବେ ଆସନ୍ତୁ ଜାଣିବା କେଉଁ ଫଳ ଖାଇଲେ ଡ଼ାଇବେଟିସ ନିୟନ୍ତ୍ରଣ ହୋଇପାରିବ।



- କମଳା : କମଳାରେ ଭିଟାମିନ-ସି ରହିଥାଏ। ଯାହାକୁ ସବୁଠାରୁ ଶକ୍ତିଶାଳୀ ଆଣ୍ଟିଅକସାଇଡ଼ ଭାବେ କୁହାଯାଏ। କମଳାରେ ଫାଇବର ମଧ୍ୟ ରହିଥାଏ। ଯାହା ମଣିଷର ମେଟାବୋଲିଜମ ଷ୍ଟିମେ ସକ୍ରିୟ କରିଥାଏ। ଏଥିରେ ବ୍ଲଡ଼ ପ୍ରେସର ଓ ସୁଗାର ମଧ୍ୟ କଣ୍ଟ୍ରୋଲ ରହିଥାଏ।
- ନାଶପତି : ନାଶପତିକୁ ଚର୍ମ ସହିତ ସମ୍ପର୍କିତ ବିଭିନ୍ନ ରୋଗ ଦୂର କରିବାରେ ଏହା ରାମବାଣ ସଦୃଶ ଅଟେ। ଏଥିରେ ଲାଇକୋମିକ ବହୁତ କମ ମାତ୍ରାରେ ରହିଥାଏ। ଯାହା ସୁଗାର କଣ୍ଟ୍ରୋଲ ରଖିବାରେ ସାହାର୍ଯ୍ୟ କରିଥାଏ।
- ପିଜୁଳି : ପିଜୁଳିରେ ବହୁ ପରିମାଣର ପୋଟାସିୟମ ଓ କମ ସୋଡ଼ିୟମ ରହିଥିବା ଯୋଗୁଁଏହା ଡ଼ାଇବେଟିସ ରୋଗୀଙ୍କ ପାଇଁ ଫଳପ୍ରଦ ହୋଇଥାଏ। ପିଜୁଳିରେ ଫାଇବର,ଲାଇକୋମିକ ଓ ଭିଟାମିନ ସି ରହିଥାଏ।
- ସେଓ : ସେଓରେ ଏକ ଖାସ ଆଣ୍ଟିଅକ୍ସିଡ଼େଣ୍ଟ ରହିଥାଏ ଯାହାକୁ ଏନ୍ଥ୍ରୋସାୟାନିନ କୁହାଯାଇଥାଏ।ଏହା ଶରୀରର ମୋଟାବିଲିକ ବେଲସରେ ମଧ୍ୟ ସୁଧାର ଆଣିଥାଏ।
- ଅଙ୍ଗୁର : ରକ୍ତରେ ସୁଗାର ନିୟନ୍ତ୍ରଣ ରଖିବାରେ ଅଙ୍ଗୁର ସବୁଠାରୁ ଲାଭ ଦାୟକ ହୋଇଥାଏ। ଏଥିରେ ଥିବା ଭିଟାମିନ ରକ୍ତରେ ଥିବା ଇନସୁଲିନକୁ ସନ୍ତୁଳିତ କରିଥାଏ।



# ଶନିଙ୍କ ସାଢେସାତି ପ୍ରକୋପରୁ ବଂଚିବା ପାଇଁ କରନ୍ତୁ ଏହି ଉପାୟ





ଜ୍ୟୋତିଷଶାସ୍ତ୍ରରେ କୁହାଯାଇଛି ଯେ ଗ୍ରହମାନଙ୍କ ପ୍ରଭାବ ମାନବ ଜୀବନ ଉପରେ ପଡିଥାଏ। ମାନବ ଜୀବନରେ ଶନି ଗ୍ରହଙ୍କ ପ୍ରଭାବ ଗମ୍ଭୀର ଭାବରେ ପଡିଥାଏ। ଶନିଙ୍କୁ ନ୍ୟାୟ ଦେବତା ବୋଲି କୁହାଯାଏ। ମଣିଷ ବେଳେବେଳେ ଅଜାଣତରେ ପାପ କରିଦେଇଥାଏ ଯେଉଁଥିପାଇଁ ଶନି ସେହି ପାପର ଦଣ୍ଡ ଦେଇଥାନ୍ତି। ବେଳେବେଳେ ଲୋକେ ବୁଝିପାରନ୍ତିନି ଯେ ତାଙ୍କୁ କେଉଁ ପାପର ଦଣ୍ଡ ମିଳୁଛି ବା ସେ କେଉଁ କର୍ମର ଫଳ ଭୋଗୁଛନ୍ତି। ଏଥିପାଇଁ ଶନିଙ୍କ ସାଢେସାତୀର ଦୁଃଷ୍ପ୍ରଭାବରୁ ବଂଚିବା ପାଇଁ ଜ୍ୟୋତିଷଶାସ୍ତ୍ରରେ କିଛି ଉପାୟ ରହିଛି।

- ଶନି ସାଢେସାତୀ ଉପାୟ : ଶନି ସାଢେସାତୀଙ୍କ ଦୁଃଷ୍ପ୍ରଭାବରୁ ବଂଚିବା ପାଇଁ ପ୍ରତ୍ୟେକ ଶନିବାର ଦିନ କଳା ରଙ୍ଗର ବସ୍ତ୍ର ଉପରେ ବସି ଶନି ସ୍ତୋତ୍ର ଏବଂ ଶନି ଚାଳିଶା ପାଠ କରନ୍ତୁ। ଏହାପରେ ଶନିଦେବଙ୍କ ମନ୍ଦିର ଯାଇ ଆଳତି କରନ୍ତୁ।

- ଶନିବାର ସନ୍ଧ୍ୟାରେ କଳା କୁକୁରକୁ କଳା ଚଣା ଖୁଆନ୍ତୁ। ଯଦି ସମ୍ଭବ ହୁଏ ତାହେଲେ ଗରିବଙ୍କୁ ମଧ୍ୟ କଳା ଚଣା ଦାନ କରନ୍ତୁ।

- ଏକ କଳା ରଙ୍ଗର ମାଠିଆରେ ୨ କିଲୋ କଳା ଚଣା କିମ୍ବା କଳା ବିରି ପକାଇ ସେଠି ମାଠିଆକୁ ହାତରେ ଧରି ଶନିଦେବଙ୍କୁ ପ୍ରାର୍ଥନା କରନ୍ତୁ। ଏହାପରେ ଶନିଦେବଙ୍କ ମନ୍ତ୍ର ଜପ କରନ୍ତୁ ଏବଂ ସେହି ମାଠିଆକୁ କୌଣସି ଗରିବଙ୍କୁ ଦାନ କରିଦିଅନ୍ତୁ।

- ନିଜ ବାମ ଗୋଡରେ କଳା ସୁତା ବାନ୍ଧନ୍ତୁ। ପ୍ରତ୍ୟେକ ଶନିବାର ଦିନ କଳା ବସ୍ତ୍ର ଦାନ କରନ୍ତୁ। ଯଦି ସମ୍ଭବ ନ ହୁଏ ତାହେଲେ କଳା ରୁମାଲ ମଧ୍ୟ ଦାନ କରିପାରିବେ।

- ଏକ ଗିନାରେ ସୋରିଷ ତେଲ ନେଇ ସେଥିରେ ନିଜ ଛବି ଦେଖନ୍ତୁ। ଏହାପରେ ଶନି ମନ୍ଦିର ଯାଇ ଏହି ତେଲର ଦୀପ ଜଳାନ୍ତୁ। ଏହି ତେଲକୁ ଆପଣ ଦାନ ମଧ୍ୟ କରିପାରିବେ।

- ପ୍ରତିଦିନ ପକ୍ଷୀମାନଙ୍କୁ ୭ ପ୍ରକାର ଶସ୍ୟ ଖାଇବାକୁ ଦିଅନ୍ତୁ। ଯଦି ସମ୍ଭବ ହୁଏ ତାହେଲେ କୁଷ୍ଠ ରୋଗୀଙ୍କ ସେବା କରନ୍ତୁ। କୁଷ୍ଠ ରୋଗୀଙ୍କ ସେବା କଲେ ଖୁବ ଶୀଘ୍ର ଶନିଙ୍କ ସାଢେସାତୀ ପ୍ରକୋପରୁ ରକ୍ଷା ମିଳିଥାଏ ବୋଲି କୁହାଯାଏ।

## ଚଣ୍ଡୀମାତାଙ୍କୁ ପୂଜା

ଦୁର୍ଗତୀନାଶିନୀ ମା' ଦୁର୍ଗାଙ୍କ କ୍ରୋଧମୟ ସ୍ୱରୂପ ହେଉଛନ୍ତି ମହାଶକ୍ତି ଚଣ୍ଡୀ । 'ଚଣ୍ଡ' ବା 'ଚଡି' ଧାତୁ ସହିତ 'ଈପ୍' ବା 'ଡୀଷି' ପ୍ରତ୍ୟୟ ଯୋଗ ହୋଇ 'ଚଣ୍ଡୀ' ଶବ୍ଦର ସୃଷ୍ଟି ହୋଇଛି ।ସାଧାରଣରେ ଏହି ଶବ୍ଦର ଅର୍ଥ ହେଉଛି କୋପମୟୀ, କ୍ରୁଦ୍ଧା । ବ୍ରହ୍ମସ୍ୱରୂପିଣୀ ମାତା ଦୁର୍ଗା ଶୁମ୍ଭ ଅସୁର ଏବଂ ଚଣ୍ଡ ଓ ମୁଣ୍ଡକୁ ବଧ କରିବା ଲାଗି କୋପମୟୀ ସ୍ୱରୂପ ଧାରଣ କରିଥିଲେ । ସେଥିପାଇଁ ସେ ଚଣ୍ଡୀ ନାମରେ ପରିଚିତ ହେଲେ । ଚଣ୍ଡିକା ମାତାଙ୍କ ପୂଜା କରିବା ଦ୍ୱାରା ଭକ୍ତ ସ୍ୱର୍ଗ ସୁଖ ଭୋଗ କରିଥାଏ ଏବଂ ମୋକ୍ଷ ଲାଭ କରିଥାଏ । ପ୍ରତିଦିନ ଚଣ୍ଡିକା ପୂଜା କରିବାର ପୂଣ୍ୟ ଫଳକୁ ସ୍ୱୟଂ ବ୍ରହ୍ମା ସୁଦ୍ଧା ନିର୍ଣ୍ଣୟ କରିପାରିବେ ନାହିଁ । ଚଣ୍ଡି ପୂଜା ମନୁଷ୍ୟକୁ ଲକ୍ଷ୍ମୀବନ୍ତ କରିଥାଏ । ଚଣ୍ଡୀଙ୍କୁ ପୂଜା କରି ମନୁଷ୍ୟ ମୁକ୍ତି ଲାଭ କରିଥାଏ । ନୀଳକମଳ ପୁଷ୍ପ ଅର୍ପଣ କରି ଚଣ୍ଡୀ ମାତାଙ୍କୁ ପୂଜା କରିବା ଦ୍ୱାରା ମନୁଷ୍ୟ ନାନାଲୋକ ପ୍ରାପ୍ତ କରିଥାଏ । ପଞ୍ଚଗବ୍ୟ ଦ୍ୱାରା ଚଣ୍ଡୀମାତାଙ୍କ ପ୍ରତିମୂର୍ତ୍ତିକୁ ସ୍ନାନ କରାଇ ପୂଜା କଲେ ମନୁଷ୍ୟ ସୁରଭି ଲୋକ ପ୍ରାପ୍ତ କରିଥାଏ । ଉତ୍ତରାୟଣରେ ଚଣ୍ଡୀ ପୂଜା କଲେ ବହୁପୁତ୍ର, ପୁତ୍ରବଧୂ ଓ ଧନପ୍ରାପ୍ତ ହୋଇଥାଏ । ଚଣ୍ଡୀ ଦର୍ଶନ ଅତ୍ୟନ୍ତ ପବିତ୍ର ଅଟେ । ଅହିଂସା ଭାବ ନେଇ ଦେବୀ ପୂଜା କଲେ ଶ୍ରେଷ୍ଠ ଫଳ ମିଳିଥାଏ । ଶାରଦୀୟ ପୂଜା ଅବସରରେ ଚଣ୍ଡୀମାତାଙ୍କୁ ପୂଜା କରୁଥିବା ମନୁଷ୍ୟର ମୁକ୍ତି ସୁନିଶ୍ଚିତ । ଏପରି ମନୁଷ୍ୟ ମୃତ୍ୟୁ ପରେ ଚଣ୍ଡୀଲୋକରେ ସ୍ଥାନ ପାଏ ତଥା ଚିରକାଳ ପର୍ଯ୍ୟନ୍ତ ସୁଖ ଭୋଗ କରିଥାଏ । ଚଣ୍ଡୀମାତାଙ୍କ ମଣିମୟୀ ମୂର୍ତ୍ତି ପୂଜା କଲେ ଭକ୍ତ ପରମଗତି ଲାଭ କରିଥାଏ । ଶାସ୍ତ୍ରରେ କୁହାଯାଇଛି, ଶମ୍ଭୁ, ବିଷ୍ଣୁ, କୁବେର, ବାୟୁ, ଅଗ୍ନି, ବସୁ, ଅଶ୍ୱିନୀ କୁମାର, ବିଶ୍ୱଦେବ, ବରୁଣ, ସୂର୍ଯ୍ୟ, ଗ୍ରହ, ପିତର, ପିଶାଚ ଆଦି ମଧ୍ୟ ଚଣ୍ଡୀଙ୍କ ବିଭିନ୍ନ ସ୍ୱରୂପକୁ ପୂଜା କରିଥାନ୍ତି ।



ମହାଭାରତ

ନଗରନକ୍ସା

ମହାନଗରର ନିଜ ଭାଷା

ବୁଧବାର, ୨୫ ଜୁନ୍, ୨୦୨୫




# ୩ ରେଳ କର୍ମଚାରୀ ସମ୍ମାନିତ

**ଭୁବନେଶ୍ୱର,୨୪।୬ (ମହାଭାରତ):** ଉତ୍ସର୍ଗୀକୃତ ଏବଂ ସତର୍କତାକୁ ସ୍ୱୀକୃତି ଦେଇ ଏକ ପ୍ରଶଂସନୀୟ ପଦକ୍ଷେପ ସ୍ୱରୂପ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫଙ୍କୱାଲ ଟ୍ରେନ ପରିଚାଳନାର ନିରାପତା ଏବଂ ଦକ୍ଷତା ସୁନିଶ୍ଚିତ କରିବାରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ଏବଂ ସତର୍କତା ପାଇଁ ତିନି ଜଣ ରେଳ କର୍ମଚାରୀଙ୍କୁ ସମ୍ମାନିତ କରିଛନ୍ତି।




ଲକ୍ଷ୍ମୀପୁର ଷ୍ଟେସନ ମ୍ୟାନେଜର ଉତମ କୁମାର, ସିମାଞ୍ଚଳମ ନର୍ଥ ଷ୍ଟେସନ ତାହାରେ କାର୍ଯ୍ୟରତ ବରିଷ୍ଠ ପଣ୍ୟବାହୀ ଟ୍ରେନ ମ୍ୟାନେଜର ପି. ଗୌରୀ ଶଙ୍କର ଏବଂ ରାହାମା ଷ୍ଟେସନ ଠାରେ କାର୍ଯ୍ୟରତ ଟ୍ରାକ ମେଂଟେନର-୩ ମନୋଜ କୁମାର ହାଁସଦା ସେମାନଙ୍କର ନିୟମିତ କର୍ତବ୍ୟ ସମ୍ପାଦନ ସମୟରେ ଅସାଧାରଣ ସତର୍କତା ପ୍ରଦର୍ଶନ କରିଛନ୍ତି ଏବଂ ବୁଦ୍ଧିର ଉପସ୍ଥିତି ପ୍ରଦର୍ଶନ କରି ଦ୍ରୁତ ଏବଂ ପ୍ରଭାବଶାଳୀ ପଦକ୍ଷେପ ନେଇଛନ୍ତି ଯାହା ଟ୍ରେନଗୁଡ଼ିକର ନିରାପଦ ଏବଂ ସୁଗମ ପରିଚାଳନାରେ ଅବଦାନ ରଖିଛି। ଉକ୍ତ କର୍ମଚାରୀ ମାନଙ୍କୁ ସମ୍ବର୍ଦ୍ଧିତ କରିବା ସମୟରେ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ କର୍ମଚାରୀ ମାନଙ୍କର ପ୍ରତିବଦ୍ଧତା ଏବଂ କଠିନ ପରିଶ୍ରମକୁ ପ୍ରଶଂସା କରିଥିଲେ। ବିଶେଷକରି ରେଳ କର୍ମଚାରୀମାନେ ପ୍ରାୟତଃ କଷ୍ଟକର ପରିସ୍ଥିତିରେ କାମ କରନ୍ତି। ରେଳ ସେବାର ନିରାପତା ଏବଂ ବିଶ୍ୱସନୀୟତା ବଜାୟ ରଖିବାରେ ଟ୍ରାକ୍ ମେଣ୍ଟେନର୍ସ, ଲୋକୋ ପାଇଲଟ୍, ଟେକ୍ନିସିଆନ୍ ଏବଂ ଷ୍ଟେସନ ଅପରେଟର ମାନଙ୍କ ସହ ସମସ୍ତ ଆଗଧାଡ଼ିର କର୍ମଚାରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

# ସାଇବର ସୁରକ୍ଷା ପାଇଁ ସଚେତନତା ଆବଶ୍ୟକ





**ଭୁବନେଶ୍ୱର,୨୪।୬ (ମହାଭାରତ):** ସଂପ୍ରତି ବିଶ୍ୱରେ ସାଇବର ଅପରାଧ ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ଏହା ଏକ ସ୍ପର୍ଶକାତର ପ୍ରସଙ୍ଗ ହୋଇଛି ଏବଂ ସାଇବର ସୁରକ୍ଷା ବ୍ୟକ୍ତି, ସଂଗଠନ ଏବଂ ସରାକରଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ଏଣୁ ସାଇବର ସୁରକ୍ଷା ପାଇଁ ବ୍ୟାପକ ଜନସଚେତନା ଏକାନ୍ତ ଆବଶ୍ୟକ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି।

ସୋମବାର ଦିନ ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ "ସାଇବର ସୁରକ୍ଷା" ସଂପର୍କିତ ସଚେତନତା ଅଭିଯାନରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ ଏହା କହିଛନ୍ତି। ନିଜ ଉଦ୍‌ବୋଧନରେ ରାଜ୍ୟପାଳ କହିଥିଲେ ଯେ, ଡିଜିଟାଲ ପ୍ରଯୁକ୍ତି ବିଦ୍ୟା ବିକଶିତ ହେବା ଏବଂ ଇଂଟରନେଟ୍ ଉପରେ ଆମର ନିର୍ଭରଶୀଳତା ବୃଦ୍ଧି ପାଇବା ସହିତ ଭର୍ଚୁଆଲ କ୍ଷେତ୍ରରେ ଥିବା ବିପଦଗୁଡିକ ମଧ୍ୟ ବୃଦ୍ଧି ପାଉଛି। ବ୍ୟକ୍ତିଗତ ସ୍ମାର୍ଟ ଫୋନ ଏବଂ ବ୍ୟାଙ୍କିଂ ସିଷ୍ଟମରୁ ଆରମ୍ଭ କରି ଗୁରୁତ୍ୱପୂର୍ଣ୍ଣ ଭିତିଭୂମି ଏବଂ ଜାତୀୟ ପ୍ରତିରକ୍ଷା ନେଟ୍‌ୱାର୍କ ପର୍ଯ୍ୟନ୍ତ ସବୁକିଛିକୁ ଟାର୍ଗେଟ୍ କରି ସାଇବର ଆକ୍ରମଣ ବାରମ୍ବାର ହେଉଛି। ଏହି ଆକ୍ରମଣ ଆର୍ଥିକ କ୍ଷତି, ତଥ୍ୟ ଚୋରି, ସମ୍ମାନ ହାନି ଏବଂ ଜାତୀୟ ସୁରକ୍ଷା ପ୍ରତି ବିପଦ ମଧ୍ୟ ସୃଷ୍ଟି କରିପାରିବ। କେବଳ ପ୍ରଯୁକ୍ତିବିଦ୍ୟା ସାଇବର ସୁରକ୍ଷାର ଗ୍ୟାରେଂଟି ଦେଇ ପାରିବ ନାହିଁ। ମଣିଷର ତ୍ରୁଟି ସୁରକ୍ଷା ଉଲଂଘନର ପ୍ରମୁଖ କାରଣ ମଧ୍ୟରୁ ଗୋଟିଏ। ତେଣୁ ସୁରକ୍ଷିତ ଅନଲାଇନ୍ ବ୍ୟବହାର ବିଷୟରେ ଶିକ୍ଷା ଏବଂ ସଚେତନତା ଜରୁରୀ ହୋଇପଡିଛି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଥିଲେ।

ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ମହାନିର୍ଦ୍ଦେଶକ କ୍ରାଇମବ୍ରାଂଚ ବିନୟତୋଷ ମିଶ୍ର ସାଇବର ଅପରାଧ ଏବଂ ସାଇବର ସୁରକ୍ଷାର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରି ଅବଗତ କରାଇଥିଲେ। ଅତିରିକ୍ତ ଏସ୍.ପି ସିବି-ସିଆଇଡି ରିତେଶ ମହାପାତ୍ର ବିଭିନ୍ନ ପ୍ରକାରର ସାଇବର ଅପରାଧ ସଂପର୍କରେ ଅବଗତ କରାଇବା ସହ ସାଇବର ସୁରକ୍ଷା ପାଇଁ ଉପଲବ୍ଧ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ, ଡିଆଇଜି ପୋଲିସ୍-ଏସ୍‌ଟିଏଫ୍ ପିନାକ ମିଶ୍ରଙ୍କ ସମେତ ରାଜଭବନର ଅଧିକାରୀ / କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ରୋଟାରୀ ରୟାଲର ଡିଜି ଓ ଓସିଭି ଅନୁଷ୍ଠିତ

**ଭୁବନେଶ୍ୱର,୨୪।୬ (ମହାଭାରତ):** ରୋଟାରୀ କ୍ଲବ ଅଫ ଭୁବନେଶ୍ୱର ରୟାଲ ଆନୁକୂଲ୍ୟରେ 'ପ୍ରାନ୍ତପାଳ ଅଧିକାରୀଙ୍କ କ୍ଲବ ପରିଦର୍ଶନ' କାର୍ଯ୍ୟକ୍ରମ କ୍ଲବ ସଭାପତି ବିଭୂତି ଭୂଷଣ କରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଦିବସବ୍ୟାପୀ ଏହି କାର୍ଯ୍ୟକ୍ରମ ଅବସରରେ, ପୂର୍ବାହ୍ନରେ ସୁନ୍ଦରପଦା ଛକରେ ଏକ 'ରୋଟାରୀ ପିସ୍ ପୋଲ' ପ୍ରତିଷ୍ଠା କରାଯାଇଥିଲା। ରୋଟାରୀର 'ସ୍ୱାବଲମ୍ବୀ' ଯୋଜନା ମାଧ୍ୟମରେ ପୋଖରୀପୁଟସ୍ଥିତ ଜଣେ ହିତାଧିକାରୀଙ୍କୁ ବ୍ୟବସାୟିକ ଟ୍ରଲି ପ୍ରଦାନ କରାଯାଇଥିଲା। ରୋଟାରୀ ରୟାଲ ଚକ୍ଷୁ ଚିକିତ୍ସାଳୟର ପରିବର୍ଦ୍ଧିତ ଶାଖା କାର୍ଯ୍ୟାଳୟର ଉଦ୍‌ଘାଟନ ହେବା ସହ ରାଜ୍ୟର ବିଭିନ୍ନ ସ୍ଥାନରୁ ଅଣାଯାଇ ଚକ୍ଷୁ ଅସ୍ତ୍ରୋପଚାର କରାଯାଇଥିବା ପଚିଶ ଜଣଙ୍କୁ ଉପଚାର ସାମଗ୍ରୀ ଦିଆଯାଇଥିଲା। ଏଥିରେ କ୍ଲବର ସମସ୍ତ ସଦସ୍ୟଙ୍କ ଗହଣରେ ପ୍ରାନ୍ତପାଳ ଯଜ୍ଞାଶିଷ ମହାପାତ୍ର, ପରବର୍ତୀ ପ୍ରାନ୍ତପାଳ ଅନିଲ୍ ସାମଲ ଓ ସ୍ଥାନୀୟ କାର୍ପୋରେଟର ମଧୁସ୍ମିତା ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଭୁବନେଶ୍ୱରସ୍ଥିତ ଏକ ତାରକା ହୋଟେଲରେ ସଭାପତି ଶ୍ରୀ କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଅଧିବେଶନରେ ପ୍ରାନ୍ତପାଳ ଯଜ୍ଞାଶିଷ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ, ଚଳିତ ରୋଟାରୀ ବର୍ଷରେ କ୍ଲବ ପକ୍ଷରୁ ସମ୍ପାଦିତ ହୋଇଥିବା ବିଭିନ୍ନ ସେବା ପ୍ରକଳ୍ପର ଭୂୟସୀ ପ୍ରଶଂସା କରିଥିଲେ। କ୍ଲବ ସମ୍ପାଦକ ଆଶିଷ ପରିଡ଼ା ବାର୍ଷିକ ସେବା କାର୍ଯ୍ୟର ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ କ୍ଲବର ସଦସ୍ୟମାନେ ସାମାଜିକ ସେବାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ରୋଟାରୀ ଫାଉଣ୍ଡେସନକୁ ପଚିଶ ହଜାର ଡଲାର ଅର୍ଥରାଶି ପ୍ରଦାନ କରିବାକୁ ସଂକଳ୍ପ ଘୋଷଣା କରିଥିଲେ। ରୋଟାରୀ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରୋଟାରୀୟାନ ଅମରେନ୍ଦ୍ରନାଥ ଦାସ, ପ୍ରଦୀପ ଦାସ, ସଞ୍ଜୟ ଚୌଧୁରୀ, ପ୍ରସନ୍ନ ଲେଙ୍କା, ସୁକୁମାର ପଟ୍ଟନାୟକ, ଅଜୟ ପଟ୍ଟନାୟକ, ଦୀପକ ସେହଗଲ, ପ୍ରଶାନ୍ତ ସାହୁ, କୁଳଦୀପ ରଥ, ପ୍ରତାପ ଚୌଧୁରୀ, ସ୍ମରଣ ମିଶ୍ର, ବିଶ୍ୱଜିତ ମିଶ୍ର, ବିଶ୍ୱମୋହନ ପଟ୍ଟନାୟକ, ପରମାନନ୍ଦ ମିଶ୍ର, ରମେଶ କେଜ୍ରିୱାଲ, ରୁମାଲ ସେହଗଲ, କାଦମ୍ବିନୀ ରଥ, ବିଜୟ ଅଗ୍ରୱାଲ ପ୍ରମୁଖଙ୍କୁ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରବର୍ତୀ ସଭାପତି ଅର୍ଜୁନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଡ.ଶ୍ୟାମାପ୍ରସାଦ ତ୍ୟାଗ, ତପସ୍ୟା ଓ ବଳିଦାନର ପ୍ରତୀକ: ମନମୋହନ

**ଭୁବନେଶ୍ୱର,୨୪।୬ (ମହାଭାରତ):** ଡ.ଶ୍ୟାମାପ୍ରସାଦ ମୁଖାର୍ଜୀ ହେଲେ ଆମ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ। ତାଙ୍କ ବଳିଦାନ ଦିବସ ଆମ ସମସ୍ତଙ୍କ ପାଇଁ ସ୍ମରଣୀୟ ଓ ପ୍ରତିବଦ୍ଧତାର




ଦିନ। ସେ ଦେଶର ରାଜନୀତିରେ ମୋଡ଼ ପରିବର୍ତନ କରିଥିଲେ। ସ୍ୱର୍ଗତଃ ମୁଖାର୍ଜୀଙ୍କ ପାଇଁ ଦେଶ ଥିଲା ସର୍ବୋପରି। ତାଙ୍କ ଦୃଢ଼ତା ଓ ଆତ୍ମବିଶ୍ୱାସ ପାଇଁ ଦେଶର ଏକତା ଅଖଣ୍ଡତା ଓ ସାର୍ବଭୌମତ୍ୱ ରକ୍ଷା ହୋଇପାରିଛି। ସେ ଥିଲେ ତ୍ୟାଗ, ତପସ୍ୟା ଓ ବଳିଦାନର ପ୍ରତୀକ ବୋଲି ୭୩ତମ ବଳିଦାନ ଦିବସରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ସାମଲ କହିଛନ୍ତି ଯେ, ଡ. ମୁଖାର୍ଜୀଙ୍କ ଦୃଢ଼ତା ଓ ଆତ୍ମବିଶ୍ୱାସ ପାଇଁ ଦେଶ ଆଜି ଏଭଳିସ୍ଥିତିରେ ପହଂଚିଛି। ଦେଶର ବିକାଶ, ସାମାଜିକ ନୀତି, ରାଷ୍ଟ୍ରୀୟ ସୁରକ୍ଷା ନୀତି ଏବଂ ରାଷ୍ଟ୍ରୀୟ ଏକତା ପାଇଁ ସେ ସଂକଳ୍ପବଦ୍ଧ ଥିଲେ। ଶିକ୍ଷା ମାଧ୍ୟମରେ ଦେଶର ଲୋକଙ୍କ ମଧ୍ୟରେ ରାଷ୍ଟ୍ରୀୟତା, ଜାତୀୟତାବାଦ ଓ ଦେଶଭକ୍ତି ବଢେଇବା ସହ ପୂର୍ବତନ ଶିକ୍ଷା ବ୍ୟବସ୍ଥାର ଆମୂଳଚୂଳ ପରିବର୍ତନ ଉପରେ ଡ. ମୁଖାର୍ଜୀ ଜୋର ଦେଇଥିଲେ। ସେ ଜଣେ ବିଶିଷ୍ଟ ରାଜନେତା ହେବା ସହ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିତ୍ୱ ଥିଲେ। ସେ ପଶ୍ଚିମବଙ୍ଗ ଓ ଜାମ୍ମୁକାଶ୍ମୀର ବିଭାଜନକାରୀ ଶକ୍ତିଗୁଡ଼ିକ ସହ ସାଲିସ କରି ନ ଥିଲେ। ସମ୍ବିଧାନରେ ୩୭୦ ଧାରାକୁ ବିରୋଧ କରି ଏକ୍ ଦେଶ୍ ମେଁ ଦୋ ବିଧାନ୍, ଦୋ ପ୍ରଧାନ୍ ଔର ଦୋ ନିଶାନ୍ ନହିଁ ଚଲେଙ୍ଗେ" ବୋଲି କହି ବିନା ପରମିଟରେ "କାଶ୍ମୀର ଚଲୋ" ଆହ୍ୱାନ ଦେଇଥିଲେ। ତାଙ୍କ ବିଚାରଧାରାରେ ଅନୁପ୍ରାଣିତ ହୋଇ ବିଜେପି ଆଜି ରୁଦ୍ଧିମନ୍ତ ହୋଇଛି। ୧୯୫୧ ମସିହାରେ ପ୍ରତିଷ୍ଠା ହୋଇଥିବା ଭାରତୀୟ ଜନସଂଘ ପରବର୍ତୀ ସମୟରେ ବିଜେପି ଭଳି ବିଶାଳ ରାଜନୈତିକ ଦଳରେ ପରିଣତ ହୋଇଛି।

ବୁଦ୍ଧିଜୀବୀ ପ୍ରକୋଷ୍ଠର ଆବାହକ ସୁଦର୍ଶନ ନାୟକ ମଂଚ ପରିଚାଳନା କରିଥିବାବେଳେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ନଗର ଉନ୍ନୟନ ମନ୍ତ୍ରୀ ତଥା ବରିଷ୍ଠ ନେତା କୃଷ୍ଣଚନ୍ଦ୍ର ମହାପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ଶତପଥୀ, ରାଜ୍ୟ ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ, ରାଜ୍ୟ ମୁଖପାତ୍ର ସଜ୍ଜନ ଶର୍ମା, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ

**ଭୁବନେଶ୍ୱର,୨୪।୬ (ମହାଭାରତ):** ପ୍ରତିବର୍ଷ ପରି ଜୁନ୍ ୧୮ ଓ ୧୯ ତାରିଖରେ ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲାରେ ବାର୍ଷିକ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ଆୟୋଜିତ ହୋଇଯାଇଛି । ଏହି ଅଭ୍ୟାସର ମୂଳ ଉଦ୍ଦେଶ୍ୟ ଥିଲା ପ୍ରସ୍ତୁତିର ପରୀକ୍ଷା, ଯାଂଚ, ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ସୁରକ୍ଷିତ ବ୍ୟବସ୍ଥା ସୁନିଶ୍ଚିତ କରିବା ସହ ଭବିଷ୍ୟତରେ ଆପଦକାଳୀନ ସ୍ଥିତିର ମୁକାବିଲା ପ୍ରସ୍ତୁତି ତ୍ୱରାନ୍ୱିତ କରିବା। ଜୁନ୍ ୧୮ରେ ସମସ୍ତ ୩୦ଟି ଜିଲ୍ଲାର ଜିଲ୍ଲା ମୁଖ୍ୟାଳୟ ଏବଂ ସମସ୍ତ ବ୍ଲକ୍ ଏବଂ ପୌର ପରିଷଦ ସ୍ତରରେ ଏହି ଅଭ୍ୟାସ ବିଭିନ୍ନ ବିଭାଗର ସରକାରୀ ଅଧିକାରୀ, ଉଚ୍ଚ ପ୍ରତିନିଧି, ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ, ଅଣ-ସରକାରୀ ସଂଗଠନ ଇତ୍ୟାଦିଙ୍କୁ ନେଇ କରାଯାଇଥିଲା । ଅଭ୍ୟାସ ସମୟରେ ଘୂର୍ଣ୍ଣିବାତ୍ୟା, ପ୍ରବଳ ବର୍ଷା, ବନ୍ୟା, ଭୂସ୍ଖଳନ, ସାପକାମୁଡ଼ା, ବଜ୍ରପାତ, ମରୁଡ଼ି ଏବଂ ସୁନାମି ସହ ଜଡ଼ିତ ବିଭିନ୍ନ ପରିସ୍ଥିତି ଉପରେ ଆଲୋଚନା କରାଯାଇଥିଲା ଏବଂ ବୈଠକରେ ବିଭିନ୍ନ ବିଭାଗ ଏବଂ ସଂଗଠନର ଭୂମିକା, ଦାୟିତ୍ୱ ଓ ପ୍ରସ୍ତୁତି ପଦକ୍ଷେପ ବିଷୟରେ ଆଲୋଚନା କରାଯାଇଥିଲା।

# ନୂତନ ଗ୍ରନ୍ଥାଗାର ଅଟ୍ଟାଳିକାର ଭିତିପ୍ରସ୍ତର ସ୍ଥାପନ

**ଭୁବନେଶ୍ୱର,୨୪।୬ (ମହାଭାରତ):** ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଭୁବନେଶ୍ୱର ଉପକଣ୍ଠସ୍ଥିତ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନର ନୂତନ ଗ୍ରନ୍ଥାଗାର ଅଟ୍ଟାଳିକାର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ନୂତନ ଅଟ୍ଟାଳିକା ପ୍ରାୟ ୨୬ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯିବ। ଉକ୍ତ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ଶିକ୍ଷକ ଆବାସ ଗୃହ, ଛାତ୍ରାବାସ ଓ ଶ୍ରେଣୀଗୃହ ନିର୍ମାଣ କରାଯିବ। ଏହି ଭିତିପ୍ରସ୍ତର କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପାତ୍ର ଗଣିତରେ ଉଚ୍ଚକୋଟୀର ଗବେଷଣା ଓ ଗଣିତ ଶିକ୍ଷାକୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବୋଧଗମ୍ୟ କରିବା, ଶିକ୍ଷା ଓ ଶିକ୍ଷକମାନଙ୍କ ନିମନ୍ତେ ତାଲିମ ଶିବିର ଆୟୋଜନ କରିବା କ୍ଷେତ୍ରରେ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ ପ୍ରମୁଖ ଭୂମିକା ତୁଲାଇଛି ବୋଲି କହିଥିଲେ। ଏଥିରେ ଅଧିକରୁ ଅଧିକ ଗଣିତ କ୍ଷେତ୍ରରେ ପ୍ରୟୋଗାତ୍ମକ ଗବେଷଣା କରାଯିବା ପାଇଁ ସମସ୍ତ ଭିତିଭୂମି ଯୋଗାଇଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ ଉଲ୍ଲେଖ କରିଥିଲେ। ଏତଦ୍‌ବ୍ୟତୀତ ଭୁବନେଶ୍ୱରଠାରେ ୧୦୦ ଏକର ଜାଗାରେ ସାଇନ୍ସ ସିଟି ପ୍ରତିଷ୍ଠା



ସହ ଜୈବପ୍ରଯୁକ୍ତି ବିଜ୍ଞାନ ଅନ୍ତର୍ଗତ ପ୍ରମୁଖ ୧୭ଟି କ୍ଷେତ୍ରରେ ଆସନ୍ତା ୫ ବର୍ଷ ମଧ୍ୟରେ ୧୧୧୩ କୋଟି ଟଙ୍କା ଖର୍ଚ୍ଚ କରାଯିବା ପାଇଁ ସରକାର ନିଷ୍ପତି ନେଇଥିବା ସେ କହିଥିଲେ। ଏହି ଅବସରରେ ଯୋଗଦେଇ ବିଜ୍ଞାନ ଓ କାରିଗରୀ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଚିତ୍ରା ଅରୁମୁଗମ୍ ଗଣିତକୁ ପ୍ରୟୋଗ କରି ମାନବସମାଜର କଲ୍ୟାଣ ଦିଗରେ ଅଧିକ ଗବେଷଣା କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ ପ୍ରତିଷ୍ଠାନରେ ଆସନ୍ତା ପାଞ୍ଚବର୍ଷ ମଧ୍ୟରେ ନୂତନ ଭାବେ ଆପ୍ଲାଏଡ୍ ମ୍ୟାଥ୍‌ମେଟିକ୍ସ, ମ୍ୟାଥ୍‌ମେଟିକ୍ସ ଉଇଥ୍ କମ୍ପ୍ୟୁଟିଂ, ମ୍ୟାଥ୍‌ମେଟିକ୍ସ ଉଇଥ୍ ଡାଟା ସାଇନ୍ସ, ମ୍ୟାଥ୍‌ମେଟିକ୍ସ ଉଇଥ୍ କମ୍ପୁଟେସନାଲ ଫାଇନାନ୍ସ, ମ୍ୟାଥ୍‌ମେଟିକ୍ସ ଉଇଥ୍ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସରେ ପାଂଚବର୍ଷିଆ ଇଂଟିଗ୍ରେଟେଡ୍ ଏମ୍‌ଏସ୍‌ସି ପାଠ୍ୟକ୍ରମ ଆରମ୍ଭ ହେବ ବୋଲି ସେ ସୂଚନା ଦେଇଥିଲେ। ଗଣିତ ଓ ବିଜ୍ଞାନ ପ୍ରତିଷ୍ଠାନ ନିର୍ଦ୍ଦେଶକ ପ୍ରଫେସର ଯଶବନ୍ତ ଜେନା, କୁଳସଚିବ ପ୍ରଫେସର ତ୍ରୈଲୋକ୍ୟ ପାଣିଗ୍ରାହୀ, ବିଜ୍ଞାନ ଓ ବୈଷୟିକ ବିଭାଗ ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ଶିବାନୀ ମହାନ୍ତି, ଶ୍ରୀମତୀ ବିଦ୍ୟୁତପ୍ରଭା ରାଉତ, ଶ୍ରୀମତୀ ପୂଜା ମିଶ୍ର, ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ନିର୍ଦ୍ଦେଶକ ଶ୍ରୀମତୀ ଉର୍ମିପ୍ରଭା ମହାରଣା, ପ୍ରତିଷ୍ଠାନର ସୁନୀତା ଚକ୍ରବର୍ତୀ ଉପସ୍ଥିତ ଥିଲେ।

# ସ୍ୱର୍ଗତଃ ମୁଖାର୍ଜୀ ହେଲେ ତ୍ୟାଗ, ତପସ୍ୟା ଓ ବଳିଦାନର ପ୍ରତୀକ: ମନମୋହନ

**ଭୁବନେଶ୍ୱର,୨୪।୬ (ମହାଭାରତ):** ଡ.ଶ୍ୟାମାପ୍ରସାଦ ମୁଖାର୍ଜୀ ହେଲେ ଆମ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ । ତାଙ୍କ ବଳିଦାନ ଦିବସ ଆମ ସମସ୍ତଙ୍କ ପାଇଁ ସ୍ମରଣୀୟ ଓ ପ୍ରତିବଦ୍ଧତାର ଦିନ। ସେ ଦେଶର ରାଜନୀତିରେ ମୋଡ଼ ପରିବର୍ତନ କରିଥିଲେ । ସ୍ୱର୍ଗତଃ ମୁଖାର୍ଜୀଙ୍କ ପାଇଁ ଦେଶ ଥିଲା ସର୍ବୋପରି । ତାଙ୍କ ଦୃଢ଼ତା ଓ ଆତ୍ମବିଶ୍ୱାସ ପାଇଁ ଦେଶର ଏକତା ଅଖଣ୍ଡତା ଓ ସାର୍ବଭୌମତ୍ୱ ରକ୍ଷା ହୋଇପାରିଛି । ସେ ଥିଲେ ତ୍ୟାଗ, ତପସ୍ୟା ଓ ବଳିଦାନର ପ୍ରତୀକ ବୋଲି ୭୩ତମ ବଳିଦାନ ଦିବସରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି ।

ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ସାମଲ କହିଛନ୍ତି ଯେ, ଡ. ମୁଖାର୍ଜୀଙ୍କ ଦୃଢ଼ତା ଓ ଆତ୍ମବିଶ୍ୱାସ ପାଇଁ ଦେଶ ଆଜି ଏଭଳିସ୍ଥିତିରେ ପହଂଚିଛି । ଦେଶର ବିକାଶ, ସାମାଜିକ ନୀତି, ରାଷ୍ଟ୍ରୀୟ ସୁରକ୍ଷା ନୀତି ଏବଂ ରାଷ୍ଟ୍ରୀୟ ଏକତା ପାଇଁ ସେ ସଂକଳ୍ପବଦ୍ଧ ଥିଲେ । ଶିକ୍ଷା ମାଧ୍ୟମରେ ଦେଶର ଲୋକଙ୍କ ମଧ୍ୟରେ ରାଷ୍ଟ୍ରୀୟତା, ଜାତୀୟତାବାଦ ଓ ଦେଶଭକ୍ତି ବଢେଇବା ସହ ପୂର୍ବତନ ଶିକ୍ଷା ବ୍ୟବସ୍ଥାର ଆମୂଳଚୂଳ ପରିବର୍ତନ ଉପରେ ଡ. ମୁଖାର୍ଜୀ ଜୋର ଦେଇଥିଲେ । ସେ ଜଣେ ବିଶିଷ୍ଟ ରାଜନେତା ହେବା ସହ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିତ୍ୱ ଥିଲେ । ସେ ପଶ୍ଚିମବଙ୍ଗ ଓ ଜାମ୍ମୁକାଶ୍ମୀର ବିଭାଜନକାରୀ ଶକ୍ତିଗୁଡ଼ିକ ସହ ସାଲିସ କରି ନ ଥିଲେ । ସମ୍ବିଧାନରେ ୩୭୦ ଧାରାକୁ ବିରୋଧ କରି ଏକ୍ ଦେଶ୍ ମେଁ ଦୋ ବିଧାନ୍, ଦୋ ପ୍ରଧାନ୍ ଔର ଦୋ ନିଶାନ୍ ନହିଁ ଚଲେଙ୍ଗେ" ବୋଲି କହି ବିନା ପରମିଟରେ "କାଶ୍ମୀର ଚଲୋ" ଆହ୍ୱାନ ଦେଇଥିଲେ । ଯେତେବେଳେ କଂଗ୍ରେସ ଦଳ ତିଆରି କରାଗଲା, ସେତେବେଳେ ତା'ବିରୋଧରେ ସଠିକ ତଥ୍ୟ ଦେବା, ଦୃଢ଼ତାର ସହ ଛିଡ଼ା ହେବା, ଭୁଲ୍ କୁ ଭୁଲ୍ ବୋଲି କହି ଦେଶ ପାଇଁ ମାର୍ଗଦର୍ଶକ ସାଜିଥିଲେ । ମୁଖାର୍ଜୀ ଯେତେବେଳେ ସଂସଦରେ ଛିଡ଼ା ହୋଇ ପ୍ରଶ୍ନ କରୁଥିଲେ, ସେତେବେଳେ ଉତର ଦେବା ପାଇଁ ପଣ୍ଡିତ ଜବାହାରଲାଲ୍ ନେହେରୁ ମଧ୍ୟ ନୈତିକ ସାହାସ କରୁ ନ ଥିଲେ । ନେହେରୁ ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେଇ କ୍ଷମତାରୁ ବଳିଦାନ ଦେଇଥିଲେ । ଦେଶବାସୀଙ୍କ ସେବାରେ ସେ ନିଜ ଜୀବନକୁ ସମର୍ପଣ କରିଦେଇଥିଲେ । ଲୋକଙ୍କ ମନ ଭିତରେ ସେ ଯେଉଁ ଆତ୍ମବିଶ୍ୱାସ ଭରିଥିଲେ ତାହାକୁ ଲୋକେ ସବୁ ଦିନ ପାଇଁ ମନେ ରଖିବେ। ତାଙ୍କ ବିଚାରଧାରାରେ ଅନୁପ୍ରାଣିତ ହୋଇ ବିଜେପି ଆଜି ରୁଦ୍ଧିମନ୍ତ ହୋଇଛି । ୧୯୫୧ ମସିହାରେ ପ୍ରତିଷ୍ଠା ହୋଇଥିବା ଭାରତୀୟ ଜନସଂଘ ପରବର୍ତୀ ସମୟରେ ବିଜେପି ଭଳି ବିଶାଳ ରାଜନୈତିକ ଦଳରେ ପରିଣତ ହୋଇଛି । ଏବେ ସାରା ଦୁନିଆ ବିଜେପିର ବିଶ୍ୱରୂପ ଦେଖୁଛି । ବିଶ୍ୱର ସର୍ବବୃହତ ରାଜନୈତିକ ଦଳଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ବିଚାରଧାରା ଆଗରେ ରଖି ନିଷ୍ଠା, ତପସ୍ୟା ଓ ଆତ୍ମବିଶ୍ୱାସ ବଳରେ ଦଳ ଆଜି ଏହି ସ୍ଥାନରେ ପହଂଚି ପାରିଛି । ଦଳର ବିଚାରଧାରା ଆଜି ସବୁଠି ଆଦୃତ ଓ ଗ୍ରହଣଯୋଗ୍ୟ ହୋଇଛି । ୨୦୧୯ ମସିହା ଅଗଷ୍ଟ ୫ ତାରିଖରେ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଧାରା ୩୭୦ ଓ ୩୫ (ଏ) ଉଚ୍ଛେଦ ପରେ କାଶ୍ମୀର ରାଜ୍ୟ ଭାରତ ବର୍ଷର ଅଭିନ୍ନ ଅଙ୍ଗ ଭାବେ ପରିଗଣିତ ହୋଇଛି । ଫଳରେ ଡ.ମୁଖାର୍ଜୀଙ୍କ ସ୍ୱପ୍ନ ପୂରଣ ହୋଇଛି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୪୭ ସୁଦ୍ଧା ବିକଶିତ ଦେଶ ଗଠନ କରିବା ପାଇଁ ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହାକୁ ପୂରଣ କରିବା ପାଇଁ ସମସ୍ତଙ୍କୁ ପ୍ରୟାସ କରିବାକୁ ଶ୍ରୀ ସାମଲ ଆହ୍ୱାନ ଦେଇଥିଲେ। ବୁଦ୍ଧିଜୀବୀ ପ୍ରକୋଷ୍ଠର ଆବାହକ ସୁଦର୍ଶନ ନାୟକ ମଂଚ ପରିଚାଳନା କରିଥିବାବେଳେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ନଗର ଉନ୍ନୟନ ମନ୍ତ୍ରୀ ତଥା ବରିଷ୍ଠ ନେତା କୃଷ୍ଣଚନ୍ଦ୍ର ମହାପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ଶତପଥୀ, ରାଜ୍ୟ ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ, ରାଜ୍ୟ ମୁଖପାତ୍ର ସଜ୍ଜନ ଶର୍ମା, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୨୫ରେ ଯୁବ ଛାତ୍ର ବିଜେଡି ଛାତ୍ର ଆନ୍ଦୋଳନ

**ଭୁବନେଶ୍ୱର,୨୪।୬ (ମହାଭାରତ):** ରାଜ୍ୟରେ ଛାତ୍ରୀମାନଙ୍କୁ ଅସଦାଚରଣ, ଦୁଷ୍କର୍ମ, ହତ୍ୟା ଭଳି ଘଟଣା ଅହେତୁକ ବୃଦ୍ଧି ପାଇଥିବା ବେଳେ ରାଜ୍ୟ ବିଜେପି ସରକାର ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ଅଭିଯୋଗ କରି ବିଜୁ ଯୁବ ଓ ଛାତ୍ର ଜନତା ଦଳ ଜୁନ୍ ୨୫ ତାରିଖ ଦିନ ରାଜ୍ୟବ୍ୟାପୀ ଛାତ୍ର ଆନ୍ଦୋଳନର ଡାକରା ଦେଇଛି । ସୋମବାର ଶଙ୍ଖ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ, ବିଜୁ ଜନତା ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ବିଧାୟକ ବ୍ୟୋମକେଶ ରାୟ ଓ ପୂର୍ବତନ ଛାତ୍ର ସଭାପତି ତଥା ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିବା ସହିତ ଜୁନ୍ ୨୫ ତାରିଖରେ ବିଜେଡି ତରଫରୁ ହେବାକୁ ଥିବା ରାଜ୍ୟବ୍ୟାପୀ ଛାତ୍ର ଆନ୍ଦୋଳନ ସମ୍ପର୍କରେ ସୂଚନା ଦେଇଥିଲେ। ବ୍ୟୋମକେଶ ରାୟ କହିଥିଲେ, ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରଠାରୁ, ରାଜ୍ୟର ଆଇନ ଶୃଙ୍ଖଳା ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇପଡୁଛି । ଯୁବତୀ ମାନଙ୍କୁ ଅସଦାଚରଣ, ଦୁଷ୍କର୍ମ, ଅପହରଣ ଓ ହତ୍ୟା ଘଟଣା ପ୍ରତିଦିନ ଖବରକାଗଜରେ ଶିରୋନାମା ହେଉଛି । ଗୋପାଳପୁର ଭଳି ଏକ ପର୍ଯ୍ୟଟନସ୍ଥଳରେ ଜଣେ ଯୁବତୀଙ୍କ ପୁରୁଷ ବନ୍ଧୁଙ୍କୁ ଗଛରେ ବାନ୍ଧି ଦେଇ ତାଙ୍କ ସାମ୍ନାରେ ଯୁବତୀ ଜଣଙ୍କୁ ଗଣଦୁଷ୍କର୍ମ କରାଯାଇଥିଲା । ସେହିପରି ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲା କେନ୍ଦୁଝରରେ ମଧ୍ୟ ଏକ ଦୁଃଖଦ ଘଟଣା ଘଟିଥିଲା । ରାଜ୍ୟରେ ପ୍ରତିଦିନ ପ୍ରାୟ ୧୫ ଜଣ ଯୁବତୀ ଦୁଷ୍କର୍ମର ଶିକାର ହେଉଛନ୍ତି । ରାଜ୍ୟରେ ଦିନକୁ ଦିନ ଏଭଳି ଘଟଣା ବୃଦ୍ଧି ପାଉଥିବାରୁ, ଯୁବତୀମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି । ଦୁଃଖ ଓ ପରିତାପର ବିଷୟ, ଏହିଭଳି ସମ୍ବେଦନଶୀଳ ପ୍ରସଙ୍ଗରେ, ରାଜ୍ୟ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି ଓ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଥିବା ବେଳେ ଓ ରାଜ୍ୟର ୧୧ଟି ଜିଲ୍ଲା ହଇଜା ଓ ଡାଇରିଆରେ କଲବଲ ହେଉଥିବା ବେଳେ ରାଜ୍ୟ ବିଜେପି ସରକାର ଏକ ବର୍ଷ ପୂର୍ତିର ଉତ୍ସବ ପାଳନ କରୁଛନ୍ତି । ରାଜ୍ୟ ସରକାରଙ୍କୁ ଚେତାଇ ଦେବା ଉଦ୍ଦେଶ୍ୟରେ, ରାଜ୍ୟବ୍ୟାପୀ ଛାତ୍ର ଆନ୍ଦୋଳନ ଆୟୋଜିତ ହେବ ।

# ବିଏମ୍‌ସିର ମୋଟର ସାଇକେଲ ଶୋଭାଯାତ୍ରା

**ଭୁବନେଶ୍ୱର,୨୪।୬ (ମହାଭାରତ):** ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ (ବିଏମସି) ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ମିଳିତ ଉଦ୍ୟମରେ ଶୂନ ଦୁର୍ଘଟଣା ଦିବସ ପାଇଁ




ଗତ ୧୦ ତାରିଖରୁ ବ୍ୟାପକ କାର୍ଯ୍ୟକ୍ରମ ଜାରି ରହିଛି। ଆଜି ଜିରୋ ଆକ୍ସିଡେଣ୍ଟ ଡେ ଅବସରରେ ଏକ ମୋଟର ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଏମ୍‌ସି ମୁଖ୍ୟାଳୟ ପରିସରରୁ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରାରେ ୩୦୦ ଶହରୁ ଅଧିକ ବାଇକ ଆରୋହୀ ସାମିଲ ହୋଇଥିଲେ। ଶୋଭାଯାତ୍ରା ବିଏମ୍‌ସି ମୁଖ୍ୟାଳୟରୁ ବାହାରି ବାଣୀବିହାର ଦେଇ ମାଷ୍ଟର କ୍ୟାଣ୍ଟିନଠାରୁ ୟୁ ଟର୍ଣ୍ଣ କରି ପୁଣି ବିଏମ୍‌ସି କାର୍ଯ୍ୟାଳୟରେ ପହଞ୍ଚିଥିଲା।

ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମେୟର ଶ୍ରୀମତୀ ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ଶ୍ରୀମତୀ ମଞ୍ଜୁଲତା କହଁର, ବାଣିଜ୍ୟ ଓ ପରିବହନ ବିଭାଗ ଅତିରିକ୍ତ କମିଶନର ଦୀପ୍ତି ପାତ୍ର, ବିଏମ୍‌ସିର ଅତିରିକ୍ତ କମିଶନର ରତ୍ନାକର ସାହୁ, କୈଳାସ ଚନ୍ଦ୍ର ଦାସ, ଷ୍ଟାଣ୍ଡିଂ କମିଟିର ସମସ୍ତ ଅଧ୍ୟକ୍ଷ ଓ ଅଧ୍ୟକ୍ଷା, କର୍ପୋରେଟର, ପିଆର ଆଣ୍ଡ କମ୍ୟୁନିକେଶନ ଡେପୁଟି କମିଶନର ଏନ୍. ଗଣେଶ ବାବୁ ପ୍ରମୁଖ ଉପସ୍ଥିତ ଥିଲେ। ଶୂନ ଦୁର୍ଘଟଣା ଦିବସ ପାଇଁ ଗତ ୩ ତାରିଖରୁ ରାଜ୍ୟ ବ୍ୟାପୀ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ସଂପର୍କରେ ଅତିରିକ୍ତ କମିଶନର ରତ୍ନାକର ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ପରେ ମେୟର କିପରି ଟ୍ରାଫିକର ସମସ୍ତ ନିୟମ ମାନି ଗାଡି ଚଳାଇବା ଦରକାର ଏବଂ ଏହା ଦ୍ୱାରା ନିଜେ କିପରି ସୁରକ୍ଷିତ ରହିବା ସହ ଅନ୍ୟକୁ ସୁରକ୍ଷିତ ରଖିପାରିବେ ସେ ସଂପର୍କରେ ଅବଗତ କରାଇଥିଲେ।

# ଓଡ଼ିଶା ଶ୍ରମିକ କଲ୍ୟାଣ ବୋର୍ଡର ତୃତୀୟ ବୈଠକ

**ଭୁବନେଶ୍ୱର,୨୪।୬ (ମହାଭାରତ):** ଓଡ଼ିଶା ଶ୍ରମିକ କଲ୍ୟାଣ ବୋର୍ଡର ତୃତୀୟ ବୈଠକ ସ୍ଥାନୀୟ ଖାରବେଳ ଭବନସ୍ଥିତ ବିଭାଗୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ମନ୍ତ୍ରୀ ତଥା ବୋର୍ଡର ଅଧ୍ୟକ୍ଷ ଗଣେଶ ରାମ ସିଂ ଖୁଣ୍ଟିଆ ଅଧ୍ୟକ୍ଷତା କରି କହିଲେ ଯେ ଶ୍ରମ ବିନା ସମୃଦ୍ଧି ଅସମ୍ଭବ । ଶ୍ରମିକମାନେ ହେଉଛନ୍ତି ଆମ ଦେଶର ଗୁରୁତ୍ୱପୂର୍ଣ୍ଣ ଅଂଶ, ଦେଶର ମୂଳଦୁଆ, ଦେଶ ନିର୍ମାଣର ମେରୁଦଣ୍ଡ, ପ୍ରକୃତ ରାଷ୍ଟ୍ରନିର୍ମାତା। ସେମାନଙ୍କୁ ଅବହେଳା କରି ଦେଶ ଅଗ୍ରଗତି କରିପାରିବ ନାହିଁ। ଶ୍ରମିକକୁ ମର୍ଯ୍ୟାଦା ଦେଲେ ହିଁ ଶ୍ରମର ଗୌରବ ମିଳିଥାଏ । ଓଡ଼ିଶା ହେଉଛି ଏକ ଶ୍ରମିକ ବହୁଳ ରାଜ୍ୟ ଏବଂ ଓଡ଼ିଶାର ଅଭିବୃଦ୍ଧି, ଅର୍ଥନୈତିକ ଓ ସାମଗ୍ରିକ ଉନ୍ନତି ଦିଗରେ ଶ୍ରମିକ ଭାଇଭଉଣୀମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେବା, ସମର୍ପଣ ଓ ସୁଶାସନର ବିଚାରଧାରା ଆଧାରରେ ରାଜ୍ୟ ସରକାର କାର୍ଯ୍ୟ କରୁଛନ୍ତି। ସମାଜରେ ଧାଡ଼ିର ଶେଷରେ ଠିଆ ହୋଇଥିବା ବ୍ୟକ୍ତି ପାଖରେ ମଧ୍ୟ ଯେପରି ସମସ୍ତ ସରକାରୀ ସୁବିଧା ଓ ସରକାରୀ ଯୋଜନା ସହଜରେ ଉପଲବ୍ଧ ହୋଇପାରିବ ସେ ଦିଗରେ ଗୁରୁତ୍ୱାରୋପ କରାଯାଉଛି । ବର୍ତମାନର ରାଜ୍ୟ ସରକାର ଗରିବ ଓ ଶ୍ରମିକଙ୍କ ପାଇଁ ସମ୍ବେଦନଶୀଳ ସରକାର । ଓଡ଼ିଶାର ଲକ୍ଷ ଲକ୍ଷ ଶ୍ରମଜୀବି ଭାଇଭଉଣୀମାନଙ୍କର ସମସ୍ୟାଗୁଡିକ ବାସ୍ତବ କ୍ଷେତ୍ରରେ ହୃଦୟଙ୍ଗମ କରି ସେଗୁଡ଼ିକର ସମାଧାନ ଦିଗରେ ଉପଯୁକ୍ତ ପଦକ୍ଷେପ ନେବା ଓ ସେମାନଙ୍କ ସର୍ବାଙ୍ଗୀନ ବିକାଶ ଓ ଆଇନଗତ ତଥା ସାମାଜିକ ସୁରକ୍ଷା ଓ ଅଧିକାର ପ୍ରଦାନ ଦିଗରେ ନିଷ୍ଠାପର ଓ ନିରବଚ୍ଛିନ୍ନ ଉଦ୍ୟମ ଜାରି ରଖିବାକୁ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ଆଜି ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପ୍ରମୁଖ ଶାସନ ସଚିବ ତଥା ଓଡ଼ିଶା ଶ୍ରମିକ କଲ୍ୟାଣ ବୋର୍ଡର ଉପାଧ୍ୟକ୍ଷା ଶ୍ରୀମତୀ ଚିତ୍ରା ଅରୁମୁଗମ କହିଲେ ଯେ ବିଗତ ଏକ ବର୍ଷ ମଧ୍ୟରେ ରାଜ୍ୟ ସରକାର ଶ୍ରମିକମାନଙ୍କର କଲ୍ୟାଣ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ସଂଗଠିତ କ୍ଷେତ୍ରରେ କାମ କରୁଥିବା ଶ୍ରମିକମାନଙ୍କର କଲ୍ୟାଣ ପାଇଁ ଇତିମଧ୍ୟରେ ରାଜ୍ୟ ସରକାର ଶ୍ରମିକ କଲ୍ୟାଣ ବୋର୍ଡକୁ ପୁନର୍ଗଠନ କରିଛନ୍ତି । ମାଲିକ, ଶ୍ରମିକ ସଂଘ ପ୍ରତିନିଧିମାନେ ନିଷ୍ଠାପର ଭାବରେ କାମ କରି ଏହି ବୋର୍ଡରେ ଥିବା ବିଭିନ୍ନ ଯୋଜନାର ସୁଫଳ ନେବା ପାଇଁ କାର୍ଯ୍ୟ କରିବା ସହ ଏ ଦିଗରେ ଶ୍ରମିକମାନଙ୍କ ମଧ୍ୟରେ ଅଧିକ ସଚେତନତା ସୃଷ୍ଟି କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ଉପସ୍ଥିତ ଥିବା ଶିଳ୍ପାନୁଷ୍ଠାନ, କାରଖାନା ମାଲିକ ଓ କର୍ତୃପକ୍ଷମାନଙ୍କୁ ଉଚିତ୍ ସମୟରେ ଶ୍ରମିକମାନଙ୍କ ଦେୟ ପ୍ରଦାନ କରିବାକୁ ସେ ଅନୁରୋଧ କରିଥିଲେ। ଶ୍ରମ ଆୟୁକ୍ତ, ଓଡ଼ିଶା ଶ୍ରୀ ଇନ୍ଦ୍ରମଣି ତ୍ରିପାଠୀ ସ୍ୱାଗତ ଭାଷଣ ଦେବା ସହ ଓଡ଼ିଶା ଶ୍ରମିକ କଲ୍ୟାଣ ବୋର୍ଡର ଆଭିମୁଖ୍ୟ ତଥା କାର୍ଯ୍ୟକାରିତା ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ।

ମହାଭାରତ

ସାରାଂଶ ଚଳନ୍ତି ସମୟର ଅବଶିଷ୍ଟାଂଶ



# ହିନ୍ଦୁ ସମାଜରୁ ଜାତି ପ୍ରଥା

ହିନ୍ଦୁ ସମାଜରୁ ଜାତି ପ୍ରଥା ବା ଜାତି ବିଭେଦ ଦୂର କରିବାକୁ ହେଲେ ଜାତି ସମ୍ପର୍କିତ ଅଧିକ ସମୀକ୍ଷା ଏବଂ ତର୍ଜମାକୁ ଏଡ଼ାଇବା ଉଚିତ । କିନ୍ତୁ ଗତ ବୁଧବାର କେନ୍ଦ୍ର କ୍ୟାବିନେଟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି । କେନ୍ଦ୍ରର ଏହି ନିଷ୍ପତ୍ତି ଅନୁଯାୟୀ ଆଗାମୀ ଜନଗଣନା ବେଳେ ଦେଶରେ ଜାତିଗଣ ସର୍ଭେ କରାଯିବ । ଜାତିଗତ ସର୍ଭେ ଅର୍ଥ ଜାତି ଜନଗଣନା ବୋଲି କୁହାଯାଇପାରେ । କିନ୍ତୁ କେନ୍ଦ୍ର ସରକାର ଏ ସମ୍ପର୍କରେ କିଛି ସ୍ପଷ୍ଟ କରି ନାହାଁନ୍ତି । ଜାତିଗତ ସର୍ଭେକୁ ଜନଗଣନରେ ସାମିଲ କରାଯିବ ବୋଲି କହିବା ଅର୍ଥ ଜାତି ଜନଗଣନା ହେବ, ଏହା ଭାବିବା ଭୁଲ । ଏହା ବାଦ କେବେ ଜନଗଣନା ହେବ ତାହା ମଧ୍ୟ କେନ୍ଦ୍ର ସରକାର କହି ନାହାଁନ୍ତି । ୧୮୮୧ରୁ ଭାରତରେ ପ୍ରତି ୧୦ ବର୍ଷରେ ଥରେ ଜନଗଣନା ହୋଇଥାଏ । କିନ୍ତୁ କୋଭିଡ ମହାମାରୀ ଯୋଗୁ ୨୦୨୧ରେ ଜନଗଣନା ହୋଇପାରିନଥିଲା । ଶେଷ ଥର ପାଇଁ ୨୦୧୧ରେ ଜନଗଣନା ହୋଇଥିଲା । କୁହାଯାଉଛି ଯେ, ଚଳିତ ବର୍ଷ ଶେଷ ଭାଗରେ ଜନଗଣନା ହେବ ଏବଂ ଚୁଡ଼ାନ୍ତ ରିପୋର୍ଟ ୨୦୨୬ରେ ବାହାରିବ । କିନ୍ତୁ ଏ ଯାବତ ଏଥିଲାଗି କିଛି ପ୍ରସ୍ତୁତି ଆରମ୍ଭ ହୋଇନାହିଁ । ତେଣୁ ଚଳିତ ବର୍ଷ ଭାରତରେ ଜନଗଣନା ପ୍ରକ୍ରିୟା ଆରମ୍ଭ ହେବ ବୋଲି ବିଶ୍ୱାସ ନାହିଁ । ଭାରତ ଭଳି ବିଶ୍ୱର ସର୍ବାଧିକ ଜନବହୁଳ ଦେଶରେ ଜନଗଣନା ଏକ ବିରାଟ କାର୍ଯ୍ୟ । ଗାଁଠାରୁ ଆରମ୍ଭ କରି ସହର, ଜଙ୍ଗଲ, ପାହାଡ଼, ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ଗଣନାରେ ସାମିଲ କରିବାକୁ ହେବ । କେହି ଜଣେ ହେଲେ ବ୍ୟକ୍ତି ଯେପରି ଏଥିରୁ ବାଦ ନପଡ଼ନ୍ତି, ସେଥିପ୍ରତି ଦୃଷ୍ଟି ଦେବାକୁ ପଡ଼ିବ । ଏଥିପାଇଁ ଲକ୍ଷ ଲକ୍ଷ କର୍ମଚାରୀ ନିୟୋଜିତ ହେବେ । ଏସମସ୍ତ କାର୍ଯ୍ୟ ନିମନ୍ତେ ବହୁ ପୂର୍ବରୁ ପ୍ରସ୍ତୁତିର ଆବଶ୍ୟକତା ରହିଛି ଯାହାର କୌଣସି ସୂଚନା ଏବେ ସୁଦ୍ଧା ନାହିଁ । ତେବେ କେନ୍ଦ୍ର ସରକାର ଆକସ୍ମିକ ଭାବେ ଜାତି ଗଣନା କରାଯିବ ବୋଲି ଯେଉଁ ଘୋଷଣା କଲେ ତାହା ପଛରେ କ'ଣ ରହସ୍ୟ ଅଛି ? କାହିଁକି କେନ୍ଦ୍ର ସରକାର ଏଭଳି ନିଷ୍ପତ୍ତି ନେଲେ ଯାହାକୁ ପୂର୍ବରୁ ବିରୋଧ କରୁଥିଲେ ? ଏହାର କାରଣ ହେଲା ଭୋଟ ବ୍ୟାଙ୍କ ରାଜନୀତି । ଜାତିଗତ ଜନଗଣନା ଦାବି କରି କଂଗ୍ରେସ ଏବଂ ଏହାର ସହଯୋଗୀ ଦଳମାନେ ଆଦିବାସୀ, ହରିଜନ, ଦଳିତ, ଅନ୍ୟ ପଛୁଆ ବର୍ଗଙ୍କ ସମର୍ଥନ ହାସଲ କରିବେ ବୋଲି ଆଶଙ୍କା କରି ବିଜେପି ଏହାକୁ ନିଜ ସପକ୍ଷରେ ଆଣିବାକୁ ଏଭଳି ନିଷ୍ପତ୍ତି ନେଇଛି । ଚଳିତ ବର୍ଷ ବିହାର ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ଜାତିଗତ ରାଜନୀତି ଲାଗି କୁଖ୍ୟାତ ବିହାରରେଦଳିତ ଏବଂ ଓବିସି ବର୍ଗଙ୍କ ସଂଖ୍ୟା ଯଥେଷ୍ଟ ଅଧିକ । ଏଥିପାଇଁ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ବିହାରରେ ଜାତିଗତ ଜନଗଣନା ଦାବି କରି ଆସୁଥିଲେ । ସମ୍ଭବତଃ ନୀତିଶ କୁମାରଙ୍କ ପ୍ରରୋଚନା ଏବଂ ଚାପରେ ବିଜେପି ଜାତିଜନଗଣନା ପାଇଁ ନିଷ୍ପତ୍ତି ନେଇଛି । କାଳେ ବିହାରରେ ଆରଜେଡି-କଂଗ୍ରେସ ମେଣ୍ଟ ଜାତି ଭିତ୍ତିକ ଭୋଟର ସିଂହଭାଗ ନେଇଯିବ ସେଥିପାଇଁ ବିଜେପି ଜାତି ଗଣନା ପାଇଁ ନିଷ୍ପତ୍ତି ନେଇଛି । ଏହାକୁ ଅନେକ ମୋଦିଙ୍କ ମାଷ୍ଟର ଷ୍ଟ୍ରୋକ ବୋଲି କହୁଛନ୍ତି । କିନ୍ତୁ ବାସ୍ତବରେ ଜାତି ଜନଗଣନା ହେବ କି ନାହିଁ, ଯଦି ହେବ କାହିଁକି ଏବଂ କେଉଁ ଉଦ୍ଦେଶ୍ୟରେ ଏହା ହେବ ତାହା ଅସ୍ପଷ୍ଟ । କେନ୍ଦ୍ରର ଜାତି ଜଣନା ନିଷ୍ପତ୍ତିକୁ କଂଗ୍ରେସ ରାହୁଲ ଗାନ୍ଧିଙ୍କ ବିଜୟ ବୋଲି ଦାବି କରୁଛି । କାରଣ ରାହୁଲ ଗାନ୍ଧି ଜାତିଜନଗଣନା ପାଇଁ ଦୀର୍ଘ ଦିନରୁ ଦାବି କରି ଆସୁଥିଲେ । ରାହୁଲ କହିଛନ୍ତି ଯେ, କଂଗ୍ରେସ କ୍ଷମତାକୁ ଆସିଲେ ସମ୍ବିଧାନ ସଂଶୋଧନ କରି ୫୦% ସଂରକ୍ଷଣ ସୀମାକୁ ହଟାଇଦେବେ । ଯେଉଁ ଜାତିର ସଂଖ୍ୟା ଯେତିକି ସେହି ଜାତିକୁ ଶିକ୍ଷାନୁଷ୍ଠାନରେ ଆଡମିଶନ ଏବଂ ସରକାରୀ ଚାକିରୀ କ୍ଷେତ୍ରରେ ସେତିକି ସଂରକ୍ଷଣ ସୁବିଧା ମିଳିବା ଉଚିତ । ଏହା ଏକ ଅତି ବିପଜ୍ଜନକ ଚିନ୍ତାଧାରା । ରାହୁଲଙ୍କ ଜାତି ଗଣନା ଦାବି ପଛରେ ଏହି ଉଦ୍ଦେଶ୍ୟ ରହିଛି ।

# କ୍ୟାନସରରୁ ଆରୋଗ୍ୟ ହୋଇପାରିବେ ପିଲା

॥ ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ ॥

*ପିଲାମାନଙ୍କୁ କ୍ୟାନସର ସମୟରେ ବିଭିନ୍ନ ପ୍ରକାର ଚିକିତ୍ସା କରାଯାଏ । ସେଥିମଧ୍ୟରୁ ଗୋଟିଏ ହେଉଛି କେମୋ ଥେରାପି । ପିଲାଟିଙ୍କୁ କେମୋ ଥେରାପିରେ ଆଣ୍ଟିକ୍ୟାନସର ଡ୍ରଗ୍ସ ଦିଆଯାଏ । ଯାହାକି ମାରାତ୍ମକ କ୍ୟାନସର କୋଷକୁ ନଷ୍ଟ କରେ । ମେରୁଦଣ୍ଡରେ କିମ୍ବା ସ୍ନାୟୁରେ ଏହି ଡ୍ରଗ୍ସ ଦିଆଯାଏ । କେତେକ କ୍ଷେତ୍ରରେ ପିଲାଟିର ପାଟିରେ ଏହା ଦିଆଯାଏ । ଏହା ସଠିକ ଭାବେ କାର୍ଯ୍ୟକଲେ ପିଲାଟି ରୋଗମୁକ୍ତର ସମ୍ଭାବନା ରହିଥାଏ ।*

ଜନ୍ମରୁ ଚଉଦ ବର୍ଷ ପର୍ଯ୍ୟନ୍ତ ପିଲାଙ୍କ ଠାରେ କ୍ୟାନସରର ଆଶଙ୍କା ଦିନକୁ ଦିନ ବଢୁଛି । ସେହିକ୍ରମରେ ଡାକ୍ତରୀ ବିଜ୍ଞାନ ମଧ୍ୟ ବୃଦ୍ଧି ପାଉଛି । ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ତଥ୍ୟଭିତ୍ତିକ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ସୂଚିତ ହୋଇଛି ଯେ ପ୍ରତି ବର୍ଷ ବିଶ୍ୱରେ ୧ ଲକ୍ଷ ୫୦ ହଜାର କ୍ୟାନସର ପୀଡ଼ିତ ପିଲାଙ୍କ ଚିହ୍ନଟ ହୋଇଛି । ସେଥିମଧ୍ୟରୁ ୮୦ ପ୍ରତିଶତ ପିଲା ଚିକିତ୍ସା ଦ୍ୱାରା ସୁସ୍ଥ ଜୀବନଯାପନ କରିପାରୁଛନ୍ତି । ତେବେ ଆର୍ଥିକ ଅନଗ୍ରସର ପିଲା ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ ହୁଅନ୍ତି ଯାହାଦ୍ୱାରା ପାଖାପାଖି ୯୦ ପ୍ରତିଶତରୁ ଅଧିକ ପିଲା ମୃତ୍ୟୁମୁଖରେ ପଡ଼ନ୍ତି । ଭାରତରେ ପ୍ରତିବର୍ଷ ୫୦ ହଜାର ନୂଆ କ୍ୟାନସର ଶିଶୁରୋଗୀ ଚିହ୍ନଟ ହେଉଛନ୍ତି । ଏମାନେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା ହୋଇଥାନ୍ତି । ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ପ୍ରତ୍ୟେକ କ୍ୟାନସର ପୀଡ଼ିତ ଶିଶୁ ଓ ବୟସ୍କଙ୍କୁ ସର୍ବୋତ୍ତମ ଓ ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦେବାପାଇଁ କାର୍ଯ୍ୟକ୍ରମ ହାତକୁ ନେଇଛି । କ୍ୟାନସର ଚିକିତ୍ସା ଓ ସଚେତନତା ବୃଦ୍ଧି ପାଇଁ ପ୍ରତିବର୍ଷ ୧୫ ଫେବୃଆରୀ ତାରିଖରେ ପିଲାଙ୍କ ପାଇଁ ଆନ୍ତର୍ଜାତିକ ଚାଇଲ୍ଡ ହୁଡ୍ କ୍ୟାନସର ଦିବସ ପାଳିତ ହେଉଛି । ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ସହ କେତେକ ସାମାଜିକ ଓ ସେବାଭିମୁଖୀ ସଂଗଠନର ମିଳିତ ସହଯୋଗରେ ଲୋକଙ୍କ ମଧ୍ୟରେ ସଚେତନତା ବଢ଼ାଇବା, ଉତ୍ତମ ଚିକିତ୍ସା ଯୋଗାଇବା ଓ ପିଲାଙ୍କ ସହିତ ତାଙ୍କ ପରିବାରକୁ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବାର କାର୍ଯ୍ୟକ୍ରମର ସାମିଲ ହୋଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମୁତାବକ ବର୍ଷକୁ ବର୍ଷ ପିଲାଙ୍କ ଠାରେ କ୍ୟାନସରର ସମସ୍ୟା ବଢ଼ିବାରେ ଲାଗିଛି । ଯାହାପାଇଁ ସଚେତନତା ନିହାତି ଜରୁରୀ । ପ୍ରାଥମିକ ଚିକିତ୍ସାରୁ ପିଲାଟି ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇ ଅନ୍ୟ ମାନଙ୍କପରି ସାଧାରଣ ଜୀବନ ଯାପନ କରିପାରିବ ।

ସାଧାରଣରେ ପିଲାଙ୍କ ଠାରେ ଦେଖା ଦେଉଥିବା କ୍ୟାନସର ଗୁଡ଼ିକ ଭିତରେ ଯେଉଁ ପ୍ରକାର ଭେଦ ରହିଛି ତାହା ଆସନ୍ତୁ ଜାଣିବା । ଅଧିକ ଭାବରେ ପିଲା ବ୍ଲଡ଼ କ୍ୟାନସରରେ ଶିକାର ହୋଇଥାନ୍ତି ଯାହାକି ହ୍ୱାଇଟ ରକ୍ତଶ୍ୱେତକୁ ପ୍ରଭାବିତ କରିବା ସହ ଶରୀରର ବିଭିନ୍ନ ସୁସ୍ଥ କୋଷକୁ ଆକ୍ରାନ୍ତ କରିଥାଏ । ଅନ୍ୟ କୌଣସି ବଡ଼ ରୋଗ ହୋଇଥିବା ସମୟରେ ସଂକ୍ରମଣ ହେଲେ ଏହା ରୋକ ପ୍ରତିରୋଧକ ଶକ୍ତି ଦୁର୍ବଳ ହେବାରୁ ଏହି କ୍ୟାନସର ହୋଇଥାଏ । ଏହାକୁ ଆକ୍ୟୁଟ ଲ୍ୟୁକେମିଆ ବା ବ୍ଲଡକ୍ୟାନସର କୁହାଯାଏ । ସେହିପରି ଦ୍ୱିତୀୟଟି ହେଉଛି ବ୍ରେନ୍ ଟ୍ୟୁମର । ଏହାଦ୍ୱାରା କ୍ୟାନସର ଜୀବାଣୁ ଅଧିକ ଭାବରେ ସକ୍ରିୟ ହୋଇ ସନ୍ନିକଟ କୋଷକୁ ପ୍ରଭାବିତ କରି ପିଲାଟିର ଜୀବନ ପ୍ରତି ସଂକଟ ସୃଷ୍ଟି କରିଥାଏ । ବୟସ୍କଙ୍କ ତୁଳନାରେ ଅଧିକ ଦେଖାଦେଉଥିବା କ୍ୟାନସର ହେଉଛି କିଡ଼ନୀ କ୍ୟାନସର । ତେବେ ଏହା ଖୁବ୍ କମ୍ ଭାବରେ ଦେଖାଯାଏ । ସେହିପରି ଛୋଟ ପିଲା ବା ପାଞ୍ଚ ବର୍ଷ ପର୍ଯ୍ୟନ୍ତ ପିଲାର ବୟସରେ ଦେଖାଯାଉଥିବା ଆଖିର ଟ୍ୟୁମର ଦ୍ୱାରା ଆଇ ଟ୍ୟୁମର କ୍ୟାନସର ଦେଖାଯାଏ । ଏହା ସହଜରେ ଚିକିତ୍ସା ହୋଇପାରେ । ତେବେ ସଠିକ ସମୟରେ ଚିକିତ୍ସା ନହୋଇପାରିଲେ ପିଲାଟିର ଅନ୍ୟ ସୁସ୍ଥ ଅଙ୍ଗକୁ ବ୍ୟାପି ଯାଏ ।

ପିଲାଟି କୌଣସି ରୋଗରେ ଦୀର୍ଘଦିନ ଧରି ଆକ୍ରାନ୍ତ ହେଲେ ସେ ତାର ରୋଗ ପ୍ରତିରୋଧକ ଶକ୍ତିକୁ ହରାଇଥାଏ । ଯାହାଦ୍ୱାରା ସଂକ୍ରମଣ ହୋଇ ବ୍ଲଡ଼ କ୍ୟାନସରର ଶିକାର ହୋଇଥାଏ । ସେହିପରି ପିଲାଟି କୌଣସି ରୋଗରେ ଅଧିକ ରାଡିଏସନ୍ ନେଇଥିଲେ ଏହି ରୋଗର ଆଶଙ୍କା ଦେଖାଯାଏ । ଏହାବ୍ୟତୀତ ଜେନେଟିକ୍ ମଧ୍ୟ ଅନ୍ୟ ଏକ କାରଣ । ଜନ୍ମ ସମୟରୁ ପିଲାଟି ମା'ଜିନ୍‌ରୁ ଏହି ଜୀବାଣୁ ତା ଦେହରେ ଦେଖାଯାଏ । ପିଲାମାନଙ୍କର କ୍ୟାନସରର ପ୍ରାଥମିକ ଲକ୍ଷଣ ହେଉଛି ପିଲାଟି କୌଣସି କାରଣ ନଥାଇ ମଧ୍ୟ ଦୁଇ ସପ୍ତାହରୁ ଅଧିକ ଦିନ ଅସୁସ୍ଥ ରହିବା । ଶରୀରର କୌଣସି ଅଙ୍ଗରେ ଆବୁପରି ଦେଖାଯିବା । ତାର ଆଖି ଡୋଳାରେ ଧଳା ଚିହ୍ନ ମାଡିଯିବା ଓ ଅସୁସ୍ଥତା ବା ଥକ୍କା ଅନୁଭବ କରିବା । ପିଲାଟିଙ୍କୁ ଜ୍ୱର ଲାଗିରହିବା ଓ ଉଦ୍‌ବେଗଜନକ ଭାବେ ଓଜନ କମିଯିବା ।

ପିଲାମାନଙ୍କୁ କ୍ୟାନସର ସମୟରେ ବିଭିନ୍ନ ପ୍ରକାର ଚିକିତ୍ସା କରାଯାଏ । ସେଥିମଧ୍ୟରୁ ଗୋଟିଏ ହେଉଛି କେମୋ ଥେରାପି । ପିଲାଟିଙ୍କୁ କେମୋ ଥେରାପିରେ ଆଣ୍ଟିକ୍ୟାନସର ଡ୍ରଗ୍ସ ଦିଆଯାଏ । ଯାହାକି ମାରାତ୍ମକ କ୍ୟାନସର କୋଷକୁ ନଷ୍ଟ କରେ । ମେରୁଦଣ୍ଡରେ କିମ୍ବା ସ୍ନାୟୁରେ ଏହି ଡ୍ରଗ୍ସ ଦିଆଯାଏ । କେତେକ କ୍ଷେତ୍ରରେ ପିଲାଟିର ପାଟିରେ ଏହା ଦିଆଯାଏ । ଏହା ସଠିକ ଭାବେ କାର୍ଯ୍ୟକଲେ ପିଲାଟି ରୋଗମୁକ୍ତର ସମ୍ଭାବନା ରହିଥାଏ । ଏହାର ପାର୍ଶ୍ୱପ୍ରତିକ୍ରିୟାରେ କେତେକ କ୍ଷେତ୍ରରେ ପିଲାର ଚୁଟି ଉପୁଡିଯିବା ସହ ଯନ୍ତ୍ରଣା ପାଇଥାଏ । ବେଳେ ବେଳେ ତାହାର ଖପୁରୀ ସମ୍ବେଦନଶୀଳର ଶିକାର ହୋଇଥାଏ, ରକ୍ତହୀନତା ସହ ରକ୍ତ ଜମାଟ ବାନ୍ଧିଯାଏ ଓ ପରିସ୍ରାନଳୀ ମଧ୍ୟ ତାର ସଂକ୍ରମଣ ଶିକାର ପରି ସମସ୍ୟା ସମ୍ମୁଖୀନ ହୋଇଥାଏ । ତେବେ ଏହା ସମସ୍ତଙ୍କ କ୍ଷେତ୍ରରେ ଦେଖାଯାଇନଥାଏ । ଆଉ ଗୋଟିଏ ଚିକିତ୍ସା ପଦ୍ଧତି ହେଉଛି ରାଡ଼ିଏସନ୍ ଏକ୍ସରେ ମାଧ୍ୟମରେ ଚାପ ଦ୍ୱାରା ପିଲାଟିର ଟ୍ୟୁମରକୁ ଛୋଟ କରି ନଷ୍ଟ କରି ଦିଆଯାଇଥାଏ । ଏହା କେମୋ ଥେରାପି ଓ ଅସ୍ତ୍ରୋପଚାର ପୂର୍ବରୁ ଦିଆଯାଇଥାଏ । ରାଡ଼ିଏସନ୍ ଓ କେମୋ ଥେରାପି ଦ୍ୱାରା ପିଲାଟିର ସୁସ୍ଥ କୋଷ ଉପରେ କୌଣସି ପ୍ରଭାବ ପଡ଼ିନଥାଏ ଏହା କେବଳ କ୍ୟାନସର କୋଷକୁ ନଷ୍ଟ କରେ । ଏହାର ପାର୍ଶ୍ୱପ୍ରତିକ୍ରିୟାର ପ୍ରଭାବ କେମୋଥରାପି ଠାରୁ ବହୁତ କମ୍ ହେଲେ ଏହା ପିଲାର ଫୁସ୍‌ଫୁସ୍‌କୁ ସାମାନ୍ୟ ଭାବେ ଦୁର୍ବଳ କରେ । ସେହିପରି କେତେକ କ୍ଷେତ୍ରରେ ଅସ୍ତ୍ରପଚାର ଦ୍ୱାରା ପିଲାମାନଙ୍କର କ୍ୟାନସର ଚିକିତ୍ସା କରାଯାଏ । ପିଲାମାନଙ୍କ ଠାରେ ରକ୍ତକର୍କଟ ପ୍ରାୟତଃ ଦେଖାଯାଏ । ଏହା ବ୍ୟତୀତ ମସ୍ତିଷ୍କ କର୍କଟ, ଲିମ୍ଫୋମା, ବୃକକ୍‌ର କର୍କଟ, ରେଟିନୋବ୍ଲାଷ୍ଟୋମା ଓ ନ୍ୟୁରୋବ୍ଲାଷ୍ଟୋମା ମଧ୍ୟ ଶିଶୁମାନଙ୍କର ଅନ୍ୟତମ ପ୍ରମୁଖ କର୍କଟ ରୋଗ । ହେଲେ ଏସବୁ ଗୁଡ଼ିକ ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ । ସଠିକ୍ ସମୟରେ ଶିଶୁ ଠାରେ କର୍କଟ ଚିହ୍ନଟ ହେଲେ ଏହା ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ ।

ପିଲାମାନଙ୍କ ଠାରେ କ୍ୟାନସର କୋଷ ଅଧିକ ସକ୍ରିୟ ରହିଥାଏ । ହେଲେ ପ୍ରାଥମିକ ଓ ଉପଯୁକ୍ତ ଭାବେ ଚିକିତ୍ସା କରାଗଲେ ପିଲାଟି ଶୀଘ୍ର ରୋଗମୁକ୍ତ ହୋଇଥାଏ । ବଡ଼ମାନଙ୍କ କ୍ଷେତ୍ରରେ କ୍ରୋନିକ୍ ଲ୍ୟୁକିମିଆ ବା ଆସ୍ତେ ଆସ୍ତେ ପ୍ରଭାବ ଦେଖାଯାଉଥିବା ବ୍ଲଡ କ୍ୟାନସର ହେଉଥିବାବେଳେ ପିଲାମାନଙ୍କ ଠାରେ ଏକ୍ୟୁଟ୍ ଲ୍ୟୁକିମିଆ ବା ଅଧିକ ଗତିରେ ପ୍ରଭାବ ବିସ୍ତାର କରୁଥିବା ବ୍ଲଡ଼ କ୍ୟାନସର ହୋଇଥାଏ । ପିଲାମାନଙ୍କର ବ୍ଲଡ଼ କ୍ୟାନସରର ସମ୍ପୂର୍ଣ୍ଣ ଓ ସଫଳ ଚିକିତ୍ସା ପାଇଁ ପାଖାପାଖି ତିନିବର୍ଷ ଲାଗୁଥିବାବେଳେ ପିଲାଟି ଚିକିତ୍ସା ପରେ ବର୍ଷେ ପାଖାପାଖି ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ରହିବାକୁ ପଡ଼ିଥାଏ । ବୟସ୍କଙ୍କ ତୁଳନାରେ ପିଲାମାନଙ୍କ କ୍ୟାନସର ଚିକିତ୍ସାରେ କମ୍ ଖର୍ଚ୍ଚ ପଡ଼ିଥାଏ । ଚିକିତ୍ସା ବେଳେ ଯେପରି ପିଲାଟି ପାର୍ଶ୍ୱପ୍ରତିକ୍ରିୟାର ଶିକାର ନହୁଏ ସେ କ୍ଷେତ୍ରରେ ସତର୍କତା ଜରୁରୀ । ଚିକିତ୍ସା ପରେ ପିଲାଟି ନିଶ୍ଚିନ୍ତ ସାଧାରଣ ଜୀବନଯାପନ କରିଥାଏ । ହେଲେ ସୁସ୍ଥ ହେବାପରେ ଚିକିତ୍ସକଙ୍କ ନିୟମିତ ଓ ଯୋଜନାବଦ୍ଧ ପରାମର୍ଶ ଆବଶ୍ୟକୀୟ । କେତେକ କ୍ଷେତ୍ରରେ ପିଲାଟି ମା'ବାପା କିମ୍ବା ଜିନ୍‌ଗତ ସମସ୍ୟା ପାଇଁ ଏହାର ଶିକାର ହୋଇଥାଏ । ମନେରଖନ୍ତୁ ଭଗବାନଙ୍କ ସୃଷ୍ଟିରେ ପିଲାଟି ଜଣେ ଅମୃତ ଓ ଆଗାମୀ ଭବିଷ୍ୟତର ସ୍ୱର୍ଣ୍ଣିମ ସୃଷ୍ଟି । ସେଥିପାଇଁ ପିଲାଙ୍କୁ ଦେବଶିଶୁ କୁହାଯାଏ । ଭାରତୀୟ ଆଧାତ୍ମିକ ବିଶ୍ୱାସ ରହେ ଯେ, ଭଗବାନଙ୍କର କଲ୍ୟାଣ ପିଲାମାନଙ୍କ ଠାରେ ସର୍ବଦା ରହିଥାଏ । କ୍ୟାନସର କଥା ଶୁଣିବା ମାତ୍ରେ ପିଲାଟିର ବାପାମା ବା ଅଭିଭାବକମାନେ ଅତ୍ୟଧିକ ଭୟଭୀତ ହୋଇଯାଆନ୍ତି ଯାହାଦ୍ୱାରା ପିଲାଟି ମଧ୍ୟ ମାନସିକ ଭାବରେ ଗୁରୁତର ଅଧୈର୍ଯ୍ୟତାର ଶିକାର ହୋଇଥାଏ । ଏ କ୍ଷେତ୍ରରେ ଭଗବାନଙ୍କ ଉପରେ ବିଶ୍ୱାସ ରଖି ତଥା ଚିକିତ୍ସକଙ୍କ ପରାମର୍ଶ ଓ ତତ୍ତ୍ୱାବଧାନକୁ ପାଥେୟ କରି ଭାଙ୍ଗି ପଡ଼ନ୍ତୁନାହିଁ । ପ୍ରାଥମିକ ସମୟରୁ ଚିକିତ୍ସା ଜାରି ରଖନ୍ତୁ । ମନେରଖନ୍ତୁ ସରକାର ଏ କ୍ଷେତ୍ରରେ ପର୍ଯ୍ୟାପ୍ତ ଓ ଯଥାର୍ଥ ଚିକିତ୍ସା ବ୍ୟବସ୍ଥାର ଗୁରୁତ୍ୱ ପ୍ରଦାନ କରି ପିଲାମାନଙ୍କ ଠାରୁ କ୍ୟାନସରକୁ ରୋଗମୁକ୍ତ କରିବାପାଇଁ ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି । ସରକାରୀ ସୁବିଧାର ସୁଯୋଗ ନିଅନ୍ତୁ, ଧୈର୍ଯ୍ୟହରା ନହୋଇ ପ୍ରାଥମିକ ଅବସ୍ଥାରୁ ଦୃଢ଼ ମାନସିକତାର ସହ ପରିସ୍ଥିତିକୁ ସମ୍ମୁଖୀନ ହୋଇ ପିଲାଟିଙ୍କୁ ହିଁ ବିଶ୍ୱାସ ଓ ଭରଷା ଦିଅନ୍ତୁ । ଦେଖିବେ ଆପଣଙ୍କ ପିଲାଟି ରୋଗମୁକ୍ତ ହୋଇ କ୍ୟାନସର ବିଜୟୀ ହେବାସହ ନୂଆ ଜୀବନଯାପନ କରିପାରିବ ।

ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,
ଦୂରଭାଷ : ୯୪୩୭୧୨୪୦୭୪

# ରିଲ୍ସ ନିଶାରେ ଚାଲି ଯାଉଛି ଜୀବନ

॥ ଡାକ୍ତର ସମ୍ରାଟ କର ॥

ସକାଳୁ ବର୍ଷା ଲାଗିରହିଥିବାବେଳେ ସାମ୍ନାପଟ ଚା ଦୋକାନୀ କେଶବ ବଡ଼ ପାଟି କରି ଆମ ଘର ଭିତରକୁ ଚାଲି ଆସିଲା । କହିଲା ସାର ସବୁ ଓଲଟ ପାଲଟ ହୋଇଗଲା, ସେ କହିଲା ତାର ଜଣେ ସାନ ଭାଇ ଗତକାଲି ଛାତ ଉପରେ ରିଲ୍ସ ତିଆରି କରୁ କରୁ ତଳକୁ ଗଳି ପଡ଼ି ଗୁରୁତର ହୋଇଯାଇଛି ଏବେ ସେ ଚେତାଶୂନ୍ୟ ହୋଇ ଡାକ୍ତରଖାନାରେ ପଡ଼ିଛି । ମୁଁ ତାକୁ କହିଲି ସାମାନ୍ୟ ଅସାବଧାନରୁ ଏହି ରିଲ୍ସ ନିଶାରେ ଜଣେ ବିଏସଏଫ ଯବାନ ଜିତେନ୍ଦ୍ର ପାଢ଼ୀଙ୍କ ମୂଲ୍ୟବାନ ଜୀବନ ଚାଲିଯାଇଛି । ଗଞ୍ଜାମ ଧରାକୋଟ ଥାନା ନରଡ଼ା ବିଲିରୁ ଏଭଳି ସ୍ତବ୍ଧ କରିଦେବା ଭଳି ଦୁର୍ଘଟଣା ସମସ୍ତଙ୍କୁ ବ୍ୟଥିତ କରିଛି । ସୋସିଆଲ ମିଡ଼ିଆ ଭୂତ ଗ୍ରାସିଥିବା ଯୁବପିଢ଼ିଙ୍କ ଅଭିଭାବକଙ୍କ ନିଦ ହଜାଇଛି । ଏଭଳି ବିପଦଜନକ ରିଲ୍ସ ରାଜ୍ୟର ବୁଦ୍ଧିଜୀବୀ ଓ ସଚେତନ ଚିନ୍ତାଶୀଳ ନାଗରିକ ମାନଙ୍କ ଉଦବେଗ ବଢ଼ାଇ ଦେଇଛି ।

କିଛି ଦିନ ତଳେ କଟକ ରେଳ ଷ୍ଟେସନର କିଛି ଦୂର ସାମ୍ନାରୁ ଆସୁଥିବା ଏକ ରେଳଗାଡ଼ିର କିଛି ଦୂର ଆଗରେ ରେଳ ଲାଇନରେ ଦୁଇ ଯୁବକ ଏହି ରିଲ୍ସ କରୁଥିବା ସମୟରେ ଗିରଫ ହୋଇଥିଲେ । ଖାଲି ଜିତେନ୍ଦ୍ର କାହିଁକି ପୂର୍ବରୁ ଏମିତି ପୁଳା ପୁଳା ଅଘଟଣ ମିଳିଯିବ, ଯେଉଁଥିରେ ରିଲ୍ସ ନିଶାରେ ଅନେକ ଜୀବନକୁ ବାଜିରେ ଲଗାଉଛନ୍ତି । କିଛିଙ୍କ ମୂଲ୍ୟବାନ ଜୀବନ ଅଚିରେ ଝଡ଼ି ଯାଉଛି । ଆଉ କିଛି ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତି ଯାଉଛନ୍ତି । ଅନେକ ବିପଦଜନକ ବାଇକ ଷ୍ଟଣ୍ଟ ଦେଖାଉଛନ୍ତି । ପାହାଡ଼ ଶିଖରରେ ଚଢ଼ି ଭିଡ଼ିଓ ବନାଉଛନ୍ତି । ରିଲ୍ସ ପାଇଁ ପଶୁପକ୍ଷୀଙ୍କୁ ହଇରାଣ କରୁଛନ୍ତି । ଅଥବା ଜୀବନରୁ ମାରି ଦେଉଛନ୍ତି । ଏମିତିକି କିଛି ବିପଦଜନକ ରିଲ୍ସ ଯୋଗୁଁ ଅନ୍ୟ ନିରୀହ ଲୋକଙ୍କ ଜୀବନ ବାଜିରେ ଲାଗୁଛି । ଏଭଳି ବିପଦଜନକ ରିଲ୍ସ ବନାଇବା ବର୍ତ୍ତମାନ ଅନେକଙ୍କ ସଉକ ପାଲଟିଛି ।

୨୦୨୧ ଜାନୁଆରୀ ୩ ତାରିଖ । ବିପଦଜନକ ଭାବେ ସେଲ୍ଫିଂ ନେଉଥିବା ବେଳେ ନିରୁପମା ପ୍ରଜାପତି ଝାରସୁଗୁଡ଼ା କୁନକୁଣ୍ଡ ନଦୀ ସୁଅରେ ଭାସି ପ୍ରାଣ ହରାଇଥିଲେ । ଗତ ଫେବୃଆରୀ ୧୩ରେ ନବରଙ୍ଗପୁର ରାଇଘର ସରକାରୀ ଉଚ୍ଚବିଦ୍ୟାଳୟରେ ଏକ ରିଲ୍ସ ଭାଇରାଲ ହୋଇଥିଲା । ଜଣେ ସ୍କୁଲ ଛାତ୍ର ସ୍କୁଲ ଛାତରୁ ଆରପାର୍ଶ୍ୱ ଆଜବେଷ୍ଟସକୁ ଡେଇଁ ଷ୍ଟଣ୍ଟ ଦେଖାଉଥିଲେ । ତଳେ ପଡ଼ି ଆହତ ବି ହେଲେ ।

ବାସ୍ତବ କଥା ହେଉଛି କେହି ଜାଣିଶୁଣି ଏମିତି ଭୁଲ କରେନି । ରାତାରାତି ଷ୍ଟାର ବନିଯିବା ନିଶା ଓ ୟୁଟ୍ୟୁବରୁ ପ୍ରବଳ ରୋଜଗାର ଲୋଭ ଏମାନଙ୍କୁ ଗ୍ରାସିଥାଏ । ଅନଲାଇନ ଗେମିଂରେ ଆତ୍ମହତ୍ୟା କରୁଥିବା ଓ ବିନା କାରଣରେ ପାଗଳଙ୍କ ଭଳି ହାତ କାଟି ଦେଉଥିବା ଇମୋସନାଲ ଅନଷ୍ଟେବଲ ପରସୋନାଲିଟି ଡିଜଅର୍ଡ଼ର ଭଳି ମାନସିକ ରୋଗୀଙ୍କ ସହ ଏମାନଙ୍କ ଲକ୍ଷଣ ପ୍ରାୟତଃ ସମାନ । ଏଭଳି ବିପଦଜନକ କାର୍ଯ୍ୟରୁ ନିବୃତ୍ତ ରହିବାକୁ ସେମାନଙ୍କ ପରିବାର କିମ୍ବା ନିକଟତମ ଲୋକ ସଚେତନ କରାଇବା ଉଚିତ । ରାତାରାତି ସୀମିତ ଉଦ୍ୟମ ଓ ସମ୍ବଳରେ ପ୍ରତିଷ୍ଠିତ ହେବା ସହ ନିଜ ସାଙ୍ଗସାଥିଙ୍କ ମହଲରେ ଦେଖେଇ ହେବାର ପ୍ରବଣତା ଓ ଏହାକୁ ୟୁଟ୍ୟୁବରେ ଅପଲୋଡ କରି ରାତାରାତି ଧନୀ ହୋଇଯିବାର ନିଶା ମଧ୍ୟ ଏକ କାରଣ ରହୁଛି ।

ତେବେ ସବୁଠାରୁ ବଡ଼ ବିପଜ୍ଜନକ ଦିଗ ହେଉଛି ନିଶାଗ୍ରସ୍ତ ହୋଇ ଏହି କାର୍ଯ୍ୟରେ ଲିପ୍ତ ହେବା କାରଣ ନିଶା ସେବନ କରିବା ପରେ ଜଣେ ସାମୂହିକ ଭାବେ ଦେହଗତ କ୍ଷେତ୍ରରେ କିଛି ଉତ୍ତେଜନା ପାଇଥାଏ । ଯାହାକି ସେମାନଙ୍କୁ ଏପରି ଦୁର୍ବାର କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରିଥାଏ । ରିଲ୍ସ ପରି ସେଲଫି ମାନିଆ ମଧ୍ୟ ଏକ ପ୍ରକାର ବିକୃତି କହିଲେ ଅତ୍ୟୁକ୍ତି ହେବନାହିଁ । ଏପରି କାର୍ଯ୍ୟ ଭାରତ ବାହାରେ ହେଉଥିଲେ ମଧ୍ୟ ସେଠାକାର ଆଇନରେ ଏ ନେଇ ବିଧିବଦ୍ଧ ବ୍ୟବସ୍ଥା ରହିଛି ଏବଂ ରିଲ୍ସ ବନାଇବା ପାଇଁ ମଧ୍ୟ ଏକ କ୍ଷେତ୍ର ରହିଛି । ଏହି ରିଲ୍ସ ବନାଇବାରେ କେତେକ କ୍ଷେତ୍ରରେ ଅଭିଭାବକଙ୍କ ଦୋଷ ମଧ୍ୟ ନଜରକୁ ଆସିଥାଏ କାରଣ ଆଜିକାଲି ସମସ୍ତଙ୍କ ହାତରେ ଉଚ୍ଚ ପ୍ରଯୁକ୍ତି ବିଦ୍ୟାର ଦାମୀ ମୋବାଇଲ ରହିଛି । ଏବଂ କେତେକ ଅଭିଭାବକ ସେମାନଙ୍କ ଛୋଟ ପିଲାଙ୍କୁ ଆକର୍ଷଣୀୟ ଓ ଅନ୍ୟ ମାନଙ୍କ ଠାରୁ ଶ୍ରେଷ୍ଠ ଦେଖାଇବା ପାଇଁ ରିଲ୍ସ ବା ମୋବାଇଲ ଫୋନରେ ସର୍ବଶେଷ ଫଟୋ ସୁଟ କରି ଅନ୍ୟମାନଙ୍କୁ ପଠାଇବା ପାଇଁ ପ୍ରେରିତ କରିଥାନ୍ତି । ପରବର୍ତ୍ତୀ ସମୟରେ ଏହା ପିଲାଟିର ବୟସ ବୃଦ୍ଧି ହେବା ସହ ଏଥିପ୍ରତି ଆସକ୍ତି ମଧ୍ୟ ବଢ଼ିଥାଏ । ଏହା କେତେକ କ୍ଷେତ୍ରରେ ହିଂସାତ୍ମକ ରୂପ ମଧ୍ୟ ନେଇଥାଏ । ପ୍ରେମ କ୍ଷେତ୍ର ହେଉ ବା ଅର୍ଥ ଦେଣନେଣ କ୍ଷେତ୍ରରେ ବନ୍ଧୁତା ସବୁକିଛି ତୁଚ୍ଛ ହୋଇଯାଇ ଏହା ଅସାମାଜିକ ଭାବନାକୁ ବଢ଼ାଇ ଦେଇଥାଏ । ଜନୈକ ସାଇବର ବିଶେଷଜ୍ଞଙ୍କ କହିବା ଅନୁଯାୟୀ ବିପଦଜନକ ରିଲ୍ସ ବନାଇବା ବେଳେ କାହାରିକୁ ସାବାଡ଼ କରି ହେବନି । କିନ୍ତୁ ବିରି ମାଡ଼ ଦେଖି କୋଳଥ ଚେପା ଉକ୍ତି ଭଳି ପଦକ୍ଷେପ ନେବାକୁ ପଡ଼ିବ । ସୋସିଆଲ ମିଡ଼ିଆରେ ବିପଦଜନକ ରିଲ୍ସ ଭିଡ଼ିଓ ଦେଖିବା ମାତ୍ରେ ସମ୍ପୃକ୍ତ ଆଡ଼ମିନ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ନେବା ଦରକାର । ସାଇବର ପୁଲିସ ଏ ଦିଗରେ ଧ୍ୟାନ ଦେଉ । ପୁଲିସର ଏକ ସ୍ୱତନ୍ତ୍ର ଟିମ ଫେସବୁକ, ୟୁଟ୍ୟୁବ ଓ ଇନଷ୍ଟାଗ୍ରାମରେ ରୀତିମତ ନଜର ରଖି ଅମାନିଆଙ୍କୁ ଖୋଜି ବାହାର କରୁ । ବିପଦଜନକ ରିଲ୍ସ ଟ୍ରେଣ୍ଡ ଆପେ କମିଯିବ । ଏମିତି ନୁହେଁ ଯେ, ଓଡ଼ିଶା ପୁଲିସ କିଛି ପଦକ୍ଷେପ ନେଉନି । ଗତ ମାର୍ଚ୍ଚ ମାସରେ ଟୁଇଟ କରିଥିଲା ରାଜ୍ୟ ପୁଲିସ । ରେଳଧାରଣା, ପାହାଡ଼ ଓ ଗଭୀର ପାଣି, ଘାଟି ଭଳି ବିପଦପୂର୍ଣ୍ଣ ଜାଗାରେ ରିଲ୍ସ ନ କରିବାକୁ ପରାମର୍ଶ ଦେଇଥିଲା । କମିଶନରେଟ ପୁଲିସ ମଧ୍ୟ ଏଭଳି ଉତ୍ପାତିଆଙ୍କ ବିରୋଧରେ ଫତୱା ଜାରି କରିଥିଲା । ସୋସିଆଲ ମିଡ଼ିଆରେ ଭୟଙ୍କର ରିଲ୍ସ ଦେଖାଇ ଆତଙ୍କ ଖେଳାଉଥିବା ବ୍ୟକ୍ତିଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ ଚେତାଇଥିଲା । ଏ କ୍ଷେତ୍ରରେ ବାପା ମାଆଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି । ପ୍ରାଥମିକ ଭାବେ ପିଲାମାନଙ୍କୁ ମୋବାଇଲ ବ୍ୟବହାର କରିବା ପାଇଁ ଦେଉଥିଲେ ସତର୍କତା ଅବଲମ୍ବନ କରନ୍ତୁ । ପିଲା କେଉଁ ସାଇଟକୁ ଯାଉଛି, କ'ଣ ଦେଖୁଛି, କେତେ ସମୟ ବିତାଉଛି ଏବଂ ଏହାକୁ ନେଇ ତାର ବ୍ୟବହାରିକ ଓ ଆଚରଣଗତ ପରିବର୍ତ୍ତନ କ'ଣ ହେଉଛି ନଜର ରଖିବା ଜରୁରୀ । ଯଦି ପରବର୍ତ୍ତୀ ସମୟରେ ପିଲାଟି ଏଥିରେ ଅଭ୍ୟସ୍ତ ହୋଇଯାଉଛି ବା ଯେଉଁମାନେ ବି ଘଣ୍ଟା ଘଣ୍ଟା ଏପରି ବିପଦଜନକ ରିଲ୍ସ ତିଆରି କରୁଛନ୍ତି ସେମାନଙ୍କ ମନସ୍ତାତ୍ତ୍ୱିକ ପରୀକ୍ଷଣ ଓ ପରାମର୍ଶ ଦରକାର । ସେମାନେ କ୍ଲିନିକାଲ ସାଇକୋଲୋଜିଷ୍ଟଙ୍କ ଠାରୁ ଥେରାପି ବି ନେଇପାରିବେ । ଅଭଭାବକମାନେ ଏ ନେଇ ଅଧିକ ବ୍ୟତିବ୍ୟସ୍ତ ନ ହୋଇ ପିଲାଟିଙ୍କୁ ସ୍ୱାଭାବିକ ଜୀବନ ଅତିବାହିତ କରିବା ପାଇଁ ବା ଜଣଙ୍କୁ ଏହି ନିଶାରୁ ନିବୃତ୍ତ କରିବା ପାଇଁ ତାକୁ ଉଚିତ ପରାମର୍ଶ ଦିଅନ୍ତୁ, ତା ପାଇଁ ଏକ ଭଲ ରୁଟିନ ତିଆରି କରନ୍ତୁ ଏବଂ ଆବଶ୍ୟକ ପଡ଼ିଲେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ
ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

# ଜୀବନ ଅଧ୍ୟୟନ

॥ ଇଂ.ସଚ୍ଚିଦାନନ୍ଦ ନନ୍ଦ ॥

ଆମ ଦେଶ ଭାରତବର୍ଷରେ ପାଞ୍ଚଲକ୍ଷ ଗାଁ ଅଛି । ସେଥିରେ ଲୋକମାନେ ସୁଖ ସୁବିଧାରେ ରହିବା ପାଇଁ କୌଣସି ବ୍ୟବସ୍ଥା ନାହିଁ । ସରକାର ଲୋକଙ୍କ ହିତ ପାଇଁ ଅନେକ ପ୍ରକାର ଯୋଜନା କରୁଛନ୍ତି । କିନ୍ତୁ ସେ ସବୁ କାର୍ଯ୍ୟକାରୀ ହେବାର ଦେଖାଯାଉ ନାହିଁ । କେବଳ ସରକାର ଯେ ଚେଷ୍ଟା କରି ଗାଁ ଲୋକଙ୍କୁ ଆରାମରେ ରଖିପାରିବେ ଏମିତି ଭାବିବା ଭୁଲ । ଏଥିପାଇଁ ଲୋକମାନଙ୍କର ସହଯୋଗ, ସାହାଯ୍ୟ ଏବଂ ସଦିଚ୍ଛା ଲୋଡ଼ା ହୁଏ । ଗୋଟିଏ ଫୁଲରେ କଣ ବଗିଚାଟିଏ ହୋଇପାରିବ ? ଜଣେ ଲୋକ କ'ଣ ଦ୍ରୁତ ବେଗରେ ଚାଲିଥିବା ଦୁନିଆଁକୁ ବଦଳାଇ ଦେଇପାରିବ ? ନାଇଁ, ଏହା ଅସମ୍ଭବ । ଆଜି ଆମ ଭାରତବର୍ଷରେ ୨୪.୬୪ କୋଟି ଟିକିପିଲା ଅଛନ୍ତି । ସେଥିମଧ୍ୟରୁ ୯.୩୬ କୋଟି ପିଲା ଭିକ୍ଷା କରି ବଞ୍ଚନ୍ତି । ତେଣୁ ସେମାନଙ୍କ ଭାଗ୍ୟ ବଦଳେଇବା ଆମର ଦାୟିତ୍ୱ ।

ବଡ଼ ମଣିଷକୁ ବଦଳେଇବା ଆଉ ସମ୍ଭବ ନୁହେଁ । ଯେଉଁ ଗଛର ଡାଳ ବାଙ୍କି ଯାଇଛି ତାକୁ ଆଉ ସଳଖ କରିବା ସମ୍ଭବ ନୁହେଁ । କିନ୍ତୁ ଟିକି ଚାରା ଗଛଟିକୁ ଠିକ୍ ଭାବରେ ବଢ଼େଇ ହେବ । ତେଣୁ ଭାରତର ପ୍ରତ୍ୟେକ ବଡ଼ ମଣିଷ ଟିକି ଟିକି ଛାତ୍ରଛାତ୍ରୀମାନଙ୍କର ଉନ୍ନତି ପାଇଁ କାମ କରିବା ଉଚିତ । ଧର୍ମ କରିବା ପାଇଁ ମଣିଷକୁ ଧନ ଦିଆଯାଇଛି; ଉପଭୋଗ ପାଇଁ ନୁହେଁ । ଆମ ପ୍ରତ୍ୟେକ ଗ୍ରାମରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଏବଂ ଗୋଟିଏ ଚିକିତ୍ସାଳୟ ବସାଇବା ପାଇଁ ଆଜି ଶପଥ ନେବା ଉଚିତ । ସାନ ସାନ ଛାତ୍ରଛାତ୍ରୀମାନେ ଏହାଦ୍ୱାରା ଯଥେଷ୍ଟ ଉପକୃତ ହେବେ । ଅନ୍ୟ ରାଷ୍ଟ୍ରମାନଙ୍କ ସମ୍ମୁଖରେ ଭାରତବର୍ଷକୁ ଆଦର୍ଶ ଦେଶର ଆସନ ଦେବାକୁ ହେଲେ ଆମକୁ ସବୁଠୁ କମ୍ କାମନା ରଖି କାମ କରିବାକୁ ପଡ଼ିବ ଏବଂ କଠିନ ଶାରୀରିକ ପରିଶ୍ରମ କରିବାକୁ ହେବ । ଆଜି ଆମ ଦେଶରେ କାହିଁକି ଏତେ ମାତ୍ରାରେ ଦୁର୍ଦ୍ଦଶା ରହିଛି ଜଣେ ହେଲେ ତାହା ଜାଣି ପାରୁନାହାନ୍ତି । ଅନ୍ନପୂର୍ଣ୍ଣାଙ୍କ ନାମ ଅନୁଯାୟୀ ନାମିତ ହୋଇଥିବା ଏହି ପବିତ୍ର ଦେଶ ଭାରତବର୍ଷରେ ଖାଦ୍ୟାଭାବ ରହିଛି ବୋଲି ଆମ ନେତାମାନେ କହି ବୁଲୁଛନ୍ତି, ଭାରତରେ କେବେ ହେଲେ ଖାଦ୍ୟ ଅଭାବ ହେବନାହିଁ । ଏହାକୁ ବହୁ ଆଧ୍ୟାତ୍ମିକ ନେତାଙ୍କ ଭବିଷ୍ୟତ ବାଣୀ ।

ଜନସଂଖ୍ୟା ଦ୍ରୁତଭାବରେ ବଢୁଛି ବୋଲି ଅନୁଭବ କରି ଆମେମାନେ ଜନସଂଖ୍ୟା ନିୟନ୍ତ୍ରଣ କରିବାକୁ ଯୋଜନା କରୁଛୁ । ଏହା କିନ୍ତୁ ଠିକ୍ ପଦ୍ଧତି ନୁହେଁ । ଲୋକସଂଖ୍ୟା ବଢୁଥିବାବେଳେ ପ୍ରତ୍ୟେକ ବ୍ୟକ୍ତିପାଇଁ ଖାଦ୍ୟ ଆବଶ୍ୟକ । ଜନ୍ମରୁ ମଣିଷର ଗୋଟିଏ ମୁଖ ଏବଂ ଯୋଡ଼ିଏ ହାତ ରହିଛି । ଯଦି ଜଣେ ଦୁଇ ହାତରେ ପରିଶ୍ରମ କରେ ତାହେଲେ ଗୋଟିଏ ମୁହଁ ପାଇଁ ସେ କ'ଣ ଖାଦ୍ୟ ଯୋଗାଇ ପାରିବ ନାହିଁ ? ସେ ଖାଦ୍ୟ ଚାହେଁ ଅଥଚ ସେଥିପାଇଁ ଶ୍ରମ ବା ଯତ୍ନ କରିବାକୁ ଅପାରଗ । ଆମେ ଅଧିକରୁ ଅଧିକ ଅଳସୁଆ ହେଉଥିବାରୁ ତାହାହିଁ ଖାଦ୍ୟାଭାବର ମୁଖ୍ୟ କାରଣ ହେଉଛି । ଆମେ ଯଦି କଠୋର ପରିଶ୍ରମ କରୁ ଆମ ପାଇଁ ଖାଦ୍ୟ କେବେ ନିଅଣ୍ଟ ହେବନାହିଁ । ଆଜି ଆମେ ଛାତ୍ରଛାତ୍ରୀମାନଙ୍କୁ କର୍ମବୀର ହେବା ପାଇଁ ତାଲିମ ଦେବା । ସେମାନେ ଉତ୍ସର୍ଗୀକୃତ ଏବଂ ତ୍ୟାଗପୁତ ମନରେ କର୍ମସାଧନ କରିବେ । ସେମାନେ କର୍ମଯୋଜନା ଅଂଶଗ୍ରହଣ କରିବା ପାଇଁ ଯେପରି ଆଗଭର ହେବେ ସେଥିପାଇଁ ଆମେ ତାଙ୍କୁ ଉତ୍ସାହିତ କରିବା ଉଚିତ । ସେମାନଙ୍କୁ ସବୁ ପ୍ରକାର କାମ କରାଇବା ପାଇଁ ଆମେ ଉଦ୍ୟମ କରିବା ଉଚିତ । ତାହା ଆମ ଜୀବନର ଉଦ୍ଦେଶ୍ୟ ହୋଇପାରେ । ପ୍ରକୃତରେ ଜୀବନର ଉଦ୍ଦେଶ୍ୟ କ'ଣ ? ଖାଇବା, ପିଇବା, ଶୋଇବା ଏବଂ ମରିବା ଜୀବନ ନୁହେଁ । ଜୀବନ ଏକ ଆହ୍ୱାନ, ଏହାର ମୁକାବିଲା କର । ଜୀବନ ଏକ ସ୍ୱପ୍ନ, ଏହାକୁ ଉପଲବ୍ଧି କର । ଜୀବନ ଏକ ଖେଳ, ଏହାକୁ ଖେଳି ଶିଖ । ଜୀବନ ଏକ ପ୍ରେମ, ଏହାକୁ ଉପଭୋଗ କର । ଜୀବନ ହେଉଛି ଚେତନା । ଜୀବନର ଏହି ସବୁ ଦିଗକୁ ଆମେ ଜାଣି ରଖିବା ଉଚିତ । ଆମ ଭିତରେ ଆଧାତ୍ମିକତା ଏବଂ ଆତ୍ମାର ଯେଉଁ ଚିତ୍‌କଣା ରହିଛି ତାହାକୁ ଉପଯୁକ୍ତ ଭାବେ ବିକଶିତ କରିବା ହିଁ ଜୀବନର ଲକ୍ଷ୍ୟ ହେବା ଉଚିତ । 'ଜନ୍ତୁନାଂ ନରଜନ୍ମଂ ଦୁର୍ଲ୍ଲଂଭମ୍' ଯେତେ ପ୍ରାଣୀ ଜନ୍ମ ହୁଅନ୍ତି ସେମାନଙ୍କ ମଧ୍ୟରେ ମଣିଷ ଜନ୍ମ ପାଇବା ସବୁଠୁ ଭାଗ୍ୟର କଥା । ମଣିଷ ଜନ୍ମ ସବୁଠୁଁ ପୂଣ୍ୟ ଜନ୍ମ ହୋଇଥିବାରୁ ସମସ୍ତ ଜ୍ଞାନ ଓ ପ୍ରଜ୍ଞାନ ଲାଭ କରି ପଶୁ ପରି ବଞ୍ଚିବା ଅତି ଦୁଃଖର କଥା । ଆମେ ଯେତେବେଳେ ଏହି ପବିତ୍ର ମାନବ ପ୍ରକୃତିକୁ ସମାଜସେବା ଏବଂ ମାନବ ମଧ୍ୟରେ ସମତା ରକ୍ଷା କରିବା ଉଦ୍ଦେଶ୍ୟରେ ନିୟୋଜିତ କରି ପାରିବା ସେତେବେଳେ ମାନବ ପ୍ରକୃତିର ଉଦ୍ଦେଶ୍ୟ ସାଧିତ ହେବ । ଆମେ କୂଅରେ ବେଙ୍ଗଟିଏ ପରି ବଞ୍ଚି ରହିବା ଉଚିତ ନୁହେଁ । ବରଂ ବିଶାଳ ଜଳାଶୟର ବେଙ୍ଗଟିଏ ପରି ବଞ୍ଚିବା । ମନୁଷ୍ୟ ପକ୍ଷେ ସଂକୀର୍ଣ୍ଣ ଭାବନା ଶୋଭନୀୟ ନୁହେଁ । ସ୍ୱାର୍ଥପରତାରୁ ହିଁ ଏପରି ଚିନ୍ତା ଜାତ ହୁଏ ।

ଅଲିଶା ବଜାର, କଟକ
ଦୂରଭାଷ : ୯୩୩୭୨୪୨୯୫୫

# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା




## ପାରାଦୀପରେ ଡେଙ୍ଗୁ ଓ ଡାଏରିଆ ସଚେତନତା କାର୍ଯ୍ୟକ୍ରମ



ପାରାଦୀପ, (ମହାଭାରତ) : ପାରାଦୀପ ପୌରାଞ୍ଚଳର ୧୫ ନମ୍ବର ୱାର୍ଡ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରବିବାର ଦିନ ନ୍ୟାସନାଲ ମେଡିକସ ଅର୍ଗାନାଇଜେସନ ପକ୍ଷରୁ ଡେଙ୍ଗୁ ଏବଂ ଡାଏଇରିଆ ବିଷୟରେ ଏକ ସ୍ୱାସ୍ଥ୍ୟ ସଚେତନତା ଶିବିର ସହ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ଓ ଆଖି ପରୀକ୍ଷା କରାଯାଇ ବସ୍ତିବାସିନ୍ଦାଙ୍କୁ ଔଷଧ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ୧୫ ୱାର୍ଡ ପାରିଷଦ ସୌଦାମିନୀ ସାହୁ ଉଦଘାଟନ କରିଥିଲେ। ଏଥିରେ ଶିକ୍ଷମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ, ୮ ନମ୍ବର ୱାର୍ଡ ପାରିଷଦ ସୁବ୍ରତ ପ୍ରଧାନ, ସମାଜସେବୀ ଗୋଲେଖ ଚନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମ୍ପ୍ରତି ସମୟରେ ଏହି ସଚେତନତା କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଏପରି ଶିବିର ଆୟୋଜନକୁ ଉଚ୍ଚ ପ୍ରଶଂସା କରଥିଲେ। ଏହି କାର୍ଯ୍ୟକ୍ରମରେ ୱାର୍ଡ ମହିଳା ସଂଘର ସଦସ୍ୟା,ଅଙ୍ଗନବାଡି କର୍ମୀ, ଆଶା ଦିଦି, ସ୍ୱଚ୍ଛ କର୍ମୀ ପ୍ରମୁଖ ସହଯୋଗ କରିଥିଲେ। ୮ ନମ୍ବର ପାରିଷଦ ସୁବ୍ରତ ପ୍ରଧାନ ଓ ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ ଶିବିର ରେ ପହଂଚି, କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ।

## ଅସହାୟ ବିଧବାଙ୍କୁ ବ୍ୟାସ ଫାଉଣ୍ଡେସନର ସହାୟତା

ପାରାଦୀପ, (ମହାଭାରତ) : ଜଗତସିଂହପୁର ଜିଲ୍ଲାରେ ବ୍ୟାସ ଫାଉଣ୍ଡେସନର ସେବଧର୍ମୀ କାର୍ଯ୍ୟ ସାଧାରଣରେ ଉଚ୍ଚ ପ୍ରଶଂସିତ ହୋଇଥିବା ବେଳେ କୁଜଙ୍ଗ ବ୍ଲକର ବୋରିଖି ଗ୍ରାମର ସ୍ୱର୍ଗତଃ ବନବିହାରୀ ଜେନାଙ୍କ ବିଧବା ପତ୍ନୀ ବନିତା ଜେନାଙ୍କୁ ସହାୟତାର ହାତ ବଢ଼ାଇ ସର୍ବାଦୃତ ହୋଇଛି ବ୍ୟାସ ଫାଉଣ୍ଡେସନ । ସ୍ୱାମୀଙ୍କ ମୃତ୍ୟୁ ପରେ ନିକଟ ସମ୍ପର୍କୀୟମାନଙ୍କ ହତାଦର ଓ ନିର୍ଯ୍ୟାତନା ମଧ୍ୟରେ ଅତିଷ୍ଠ ହୋଇ ପୁଅ ଝିଅ ଙ୍କର ପାଠ ପଢା, ଭବିଷ୍ୟତ ଓ ଅଧିକାର ପାଇଁ ବ୍ୟାସ ଫାଉଣ୍ଡେସନ ମାଧ୍ୟମରେ ନିଜର ସଂଗ୍ରାମ ଜାରି ରଖିଥିଲେ । କୁଜଙ୍ଗ ପୋଲିସର ସହାୟତା ଓ ବ୍ୟାସ ଫାଉଣ୍ଡେସନର ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟ ଓ ଉପସଭାପତି ରଶ୍ମିତା ନାୟକଙ୍କ ସଯତ୍ନ ପ୍ରୟାସରେ ଗତ ଅପ୍ରେଲ ୧ ରିଖରେ ବନିତା ଶାଶୁ ଘରେ ରହିବା ପାଇଁ ସୁଯୋଗ ପାଇପାରିଥିଲେ । ବନିତାଙ୍କର ଏକ ମାତ୍ର ଝିଅ ଅଷ୍ଟମ ଶ୍ରେଣୀରେ ଓ ପୁଅ ପଞ୍ଚମ ଶ୍ରେଣୀରେ ଅଧ୍ୟୟନରତ । ବଞ୍ଚିବା, ପଢ଼ିବା ଓ ଅତ୍ୟାବଶ୍ୟକୀୟ ଭରଣ ପୋଷଣ ନିମନ୍ତେ



ବନିତାଙ୍କର ସମ୍ବଳ କେବଳ ରାସନ୍ ଚାଉଳ । ପିଲା ୨ଟିର ପାଠ ପଢା ପାଇଁ ଅତ୍ୟାବଶ୍ୟକୀୟ ସହଯୋଗ ଯୋଗାଇ ଦେବା ପାଇଁ ବନିତା ଅସମର୍ଥ ଥିଲେ । ଶ୍ରୀମତୀ ଆଚାର୍ଯ୍ୟ ପିଲାମାନଙ୍କ ସମ୍ପର୍କରେ ଅନେକ ଚିନ୍ତା କରି ପ୍ରଥମେ ବନିତାଙ୍କର ବିଧବା ଭତ୍ତା କରାଇବା ସହ ଜିଲ୍ଲା ସିଡବ୍ଲୁସି ବିଭାଗ ସହିତ ଯୋଗାଯୋଗ କରି ଯୁଭେନାଇଲ ଜଷ୍ଟିସ ବା କିଶୋର ନ୍ୟାୟ ଯୋଜନା ମାଧ୍ୟମରେ ପିଲାମାନଙ୍କ ପାଇଁ ମାସିକ ଆର୍ଥିକ ପ୍ରୋତ୍ସାହନ ସ୍ଥିରୀକୃତ କରିଛନ୍ତି । ଏଣୁ ଆଗାମୀ ଦିନରେ ଏହି ଯୋଜନାରୁ ମିଳିବାକୁ ଥିବା ଆର୍ଥିକ ପ୍ରୋତ୍ସାହନ ବନିତା ଓ ତାଙ୍କ ପିଲା ୨ଟିଙ୍କ ମୁହଁରେ ନିଶ୍ଚିତ ହସ ଫୁଟାଇ ପାରିବ । ଏହାପରେ ବନିତାଙ୍କୁ ଗଜଲକ୍ଷ୍ମୀ କ୍ଲଥଷ୍ଟୋର ଦ୍ୱାରା ଏକ ସିଲେଇ ମେସିନ୍ ମଧ୍ୟ ପ୍ରଦାନ କରାଯିବ । ଏହା ଦ୍ୱାରା ବନିତା ସ୍ୱାବଲମ୍ବୀ ହେବା ସହ ବଞ୍ଚିଥିବା ପର୍ଯ୍ୟନ୍ତ ପିଲା ଦୁଇ ଜଣଙ୍କ ଭବିଷ୍ୟତକୁ ସୁଗମ କରିପାରିବେ । ବନିତାଙ୍କୁ ସରକାରୀ ସହଯୋଗ ଯୋଗାଇଦେବାକୁ ପ୍ରୟାସ କରିଥିବା ସିଡବ୍ଲୁସିର ସମସ୍ତ କର୍ମକର୍ତ୍ତା ମାନଙ୍କୁ ଏବଂ ବ୍ୟାସ ଫାଉଣ୍ଡେସନର ବରିଷ୍ଠ ସଦସ୍ୟ ଉଦୟନାଥ ସ୍ୱାଇଁଙ୍କୁ ଅଧକ୍ଷା ଶ୍ରୀମତୀ ଆଚାର୍ଯ୍ୟ କୃତଜ୍ଞତା ଜଣାଇଛନ୍ତି । ତେବେ ବନିତାଙ୍କ ସହଯୋଗ କରି ତାଙ୍କ ଆଖିରୁ ସ୍ନେହମୟୀ ଲୁହ ପୋଛିଲେ ବୋଲି ସାଧାରଣରେ ଆଲୋଚନା ଓ ପ୍ରଶଂସା କରାଯାଇଛି ।

## ବିଜୁ ଯୁବ ଓ ଛାତ୍ର ଜନତା ଦଳର ରାଜ୍ୟବ୍ୟାପୀ ଆନ୍ଦୋଳନ ନେଇ ପ୍ରସ୍ତୁତି

ଖୋର୍ଦ୍ଧା, (ମହାଭାରତ) : ରାଜ୍ୟରେ ସରକାର ପରିବର୍ତ୍ତନ ପରେ ପ୍ରତ୍ୟେକ ଦିନ ଗଣ ଦୁଷ୍କର୍ମ ଭଳି ସମ୍ବେଦନଶୀଳ ଘଟଣା ଘଟି ଚାଲିଛି। ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପଙ୍କ ବୟାନ ପରେ ସାରା ବିଶ୍ୱରେ ଓଡ଼ିଶା ନିନ୍ଦିତ ହେଉଛି। ରାଜ୍ୟରେ ମହିଳାଙ୍କୁ



ସୁରକ୍ଷିତ ଦେବା ରାଜ୍ୟ ସରକାରଙ୍କ ପ୍ରଥମ କାର୍ଯ୍ୟ ହେବା ଉଚିତ୍ କିନ୍ତୁ ଡବଲ ଇଞ୍ଜିନ ସରକାରଙ୍କ ଶାସନ କାଳରେ ବଢ଼ି ଚାଲିଥିବା ନାରୀ ନିର୍ଯାତନା ପ୍ରତିବାଦରେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଆସନ୍ତା ଜୁନ୍ ୨୫ତାରିଖ ଦିନ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ସମ୍ମୁଖ ରେ ପ୍ରତିବାଦ ଏବଂ ବିକ୍ଷୋଭ ସଭା ଅନୁଷ୍ଠିତ ହେବ। ଏହି ଅବସରରେ ଖୋର୍ଦ୍ଧା ବିଜେଡି ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ସଭା ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ବିଜେଡି ଛାତ୍ର ଜନତା ଦଳ ସଭାପତି ସ୍ୱାଧୀନ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ରାଜ୍ୟ ଯୁବ ବିଜେଡ଼ି ସମ୍ପାଦକ ଶୁଭ କାନ୍ତ ମହାପାତ୍ର, ଯୁବ ବିଜେଡ଼ି ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡେଙ୍ଗା, ଛାତ୍ର ବିଜେଡ଼ି ରାଜ୍ୟ ସାଧାରଣ ସମ୍ପାଦକ ସତ୍ୟ ପ୍ରକାଶ ସାହୁ, ଛାତ୍ର ନେତା ଅମିତ୍ କୁମାର ଦାସ ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଥିବା ବେଳେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ପ୍ରତିବାଦରେ ରାଜ୍ୟବ୍ୟାପୀ ଛାତ୍ର ଏବଂ ଯୁବ ଗୋଷ୍ଠୀଙ୍କ ଦ୍ୱାରା ଆୟୋଜିତ ପ୍ରତିବାଦ ସଭାକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ।

## ନାଳରେ ବୁଡି ମହିଳାଙ୍କ ମୃତ୍ୟୁ

ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ତେଣ୍ଡରା ପଞ୍ଚାୟତ ଟେଣ୍ଡରା ଗ୍ରାମରେ ଜଣେ ମହିଳା ଶୌଚ କରିବାକୁ ଯାଇ ନାଳରେ ବୁଡୁ ମୃତ୍ୟୁ ଘଟିଛି। ମୃତ୍ୟୁ ମହିଳା ଜଣକ ବାସନ୍ତି ପାତ୍ର ବୋଲି ଜଣାପଡିଛି। ସୂଚନାରୁ ପ୍ରକାଶ ମଙ୍ଗଳବାର ସକାଳୁ ବାସନ୍ତୀ ଘର୍ ନିକଟ ନାଳକୁ ଶୌଚ କରିବାକୁ ଯାଇଥିବା ବେଳେ ଶୌଚ କରିବା ସମୟରେ ପାଣିରେ ବୁଡି ଯାଇ ମୃତ୍ୟୁ ଘିଟି ଥିଲା। ଗ୍ରାମ ଅନ୍ୟ ଲୋକମାନେ ନାଳକୁ ଶୌଚ କରିବାକୁ ଯାଇ ଦେଖନ୍ତି ତ ବାସନ୍ତୀ ନାଳ ପାଣିରେ ଭାସୁ ଛନ୍ତି। ଏହା ଦେଖି ଗ୍ରାମବାସୀ ସାହାପଡା ଅଗ୍ନିଶମ ବିଭାଗ ଓ ପାଟଣା ପୋଲିସ ଖବର ଦେଇ ଥିଲେ। ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ପହଞ୍ଚି ଶବ ଉଦ୍ଧାର କରିବା ବେଳେ ପୋଲିସ ମୃତ୍ୟୁ ସଠିକ୍ ତଦନ୍ତ ଜାରି ରଖିବା ସହିତ ଶବ ବ୍ୟବଚ୍ଛେଦ ନିମନ୍ତେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି।

## ଟ୍ୱିନ୍ ସିଟି ପ୍ରେସ କ୍ଲବ ତରଫରୁ ଜିଲ୍ଲାପାଳଙ୍କୁ ଛଅ ଦଫା ସ୍ମାରକପତ୍ର ପ୍ରଦାନ



ବାଲିଅନ୍ତା, (ମହାଭାରତ ): ବାଲିଅନ୍ତା ବ୍ଲକ ଜଗନ୍ନାଥପୁର ପଞ୍ଚାୟତର ବିଭିନ୍ନ ସମସ୍ୟା ଓ ଉନ୍ନତି ମୂଳକ କାର୍ଯ୍ୟକୁ ନେଇ ଟ୍ୱିନ୍ ସିଟି ପ୍ରେସ କ୍ଲବ ତରଫରୁ ଜୟଦେବ ନିର୍ବାଚନ ମଣ୍ଡଳୀ ବିଧାୟକ ନବକିଶୋର ମଲ୍ଲିକଙ୍କ ଉପସ୍ଥିତରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଛଅ ଦଫା ଦାବି ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏଠାରେ ସୂଚନା ଯୋଗ୍ୟ କି ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରଣା ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତ ସଦଭାବନା ଗୃହରେ ଯୁଗ୍ମ ଜନଶୁଣାଣୀ କରିଥିଲେ । ଜିଲ୍ଲାପାଳଙ୍କ ଏହି ଜନଶୁଣାଣୀରେ ସ୍ଥାନୀୟ ସମସ୍ୟାକୁ ନେଇ ଟ୍ୱିନ୍ ସିଟି ପ୍ରେସ କ୍ଲବ ପକ୍ଷରୁ ଜିଲ୍ଲାପାଳଙ୍କୁ ଛଅ ଦଫା ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ଏହା ମୁଖ୍ୟତଃ ଜଗନ୍ନାଥପୁର ପଂଚାୟତର ମୁଖ୍ୟ ଛକ ତ୍ରିନାଥବଜାର ଠାରେ ବିଭିନ୍ନ ସମୟରେ ବେପରୁଆ ଗାଡିଚାଳକମାନଙ୍କ ବେପରୁଆ ଗାଡିଚାଳନା ,ଚୋରି, ଡକାୟତି ଓ କୌଣସି ଅସାମାଜିକ କାର୍ଯ୍ୟକଳାପକୁ ପୋଲିସକୁ ବିଭିନ୍ନ କ୍ଷେତ୍ରରେ ସହାୟକ ପାଇଁ ଏହି ଛକରେ ସି ସି କ୍ୟାମେରା ଲଗାଇବାକୁ ଦାବି। ଜଗନ୍ନାଥପୁର ପଂଚାୟତର ଦୁଇଗୋଟି ମୁଖ୍ୟ ଛକ ପ୍ରଥମଟି ତ୍ରିନାଥବଜାର ଦ୍ୱିତୀୟଟି ପଞ୍ଚବଟୀ ବଜାର ଉକ୍ତ ଦୁଇ ବଜାରରେ ଯାତ୍ରୀ ବିଶ୍ରାମଗାର ସହିତ ଶୌଚାଳୟ ନିର୍ମାଣ କରିବା ଦାବି । ଜଗନ୍ନାଥପୁର ପଞ୍ଚାୟତରେ ବୈଷୟକ ଶିକ୍ଷା ଅନୁଷ୍ଠାନ, ବିଭିନ୍ନ ବଡ଼ବଡ଼ ବ୍ୟବସାୟିକ ଅନୁଷ୍ଠାନ, ସରକାରୀ ଓ ବେସରକାରୀ ସ୍କୁଲ, ଇତ୍ୟାଦି ଥିବାରୁ ଏକ ରାଷ୍ଟ୍ରାୟତ ବ୍ୟାଙ୍କ ଖୋଲିବା ପାଇଁ ଦାବି ଜଣାଇଛନ୍ତି। ପଞ୍ଚାୟତର ଚାରୋଟି ସ୍ଥାନରେ ଯଥା -୧ -ପଞ୍ଚାୟତ ପରିସର, ୨- ତ୍ରିନାଥବଜାର, ୩ -ପଞ୍ଚବଟୀବଜ଼ାର ୪-ପଞ୍ଚବଟୀ ଦୋଳ ମେଳଣ ପଡିଆରେ ଲାଗିଥିବା ହାଇମାକ୍ସ ଲାଇଟ ଦୀର୍ଘଦିନ ହେବ ଅଚଳ ହୋଇ ପଡିଛି ସେସବୁ କାର୍ଯ୍ୟକ୍ଷମ କରିବା ପାଇଁ ଦାବି । ପ୍ରତାପନଗରୀ ଜଳସେଚନ ଉପଖଣ୍ଡଅନ୍ତର୍ଗତ ଫୁଲନଖରା ଡିଷ୍ଟ୍ରିବ୍ୟୁଟାରୀ କେନାଲ ଉପରେ ପଞ୍ଚବଟୀ ଠାରେ ଥିବା ବିପଦ ସଂକୁଳ ବ୍ରିଜରକୁ ହଟେଇ ନୂତନ ବ୍ରିଜ ନିର୍ମାଣ କରିବା ।ତ୍ରିନାଥବଜାର ଠାରୁ ବାଲିଅନ୍ତା ଭାୟା ଅଟଳା ଗ୍ରାମ୍ୟ ଉନ୍ନୟନ ବିଭାଗ ଭୁବନେଶ୍ୱରଙ୍କ ଅଧୀନରେ ଥିବା ରାସ୍ତାର ରାମଲୀଳା ମଣ୍ଡପ ଠାରୁ ଗୋପୀନାଥ ମନ୍ଦିର ପର୍ଯ୍ୟନ୍ତ ଅସରାଏ ବର୍ଷା ହେଲେ ପାଣି ଜମା ହେବା ଦ୍ୱାରା ଲୋକେ ଯାତାୟତରେ ଅସୁବିଧା ହେଉଥିବାରୁ ଉକ୍ତ ରାସ୍ତା କଡରେ ଡ୍ରେନ ନିର୍ମାଣ କରିବା । ଜଗନ୍ନାଥପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ବସବାସ କରୁଥିବା କିଛି ଗ୍ରାମବାସୀ କିଛିବର୍ଷ ହେବ ଗ୍ରାମ ମଧ୍ୟରେ ଥିବା ସରକାରୀ ରାସ୍ତାକୁ ଅବୈଧ ଭାବେ କବଜା କରିଥିବା ରାସ୍ତା ଉପରେ ବ୍ୟକ୍ତିଗତ ପାଚେରୀ ଓ ବାରଣ୍ଡା ଏବଂ ଘର କରି ଅଯଥା ରାସ୍ତାକୁ ମାଡି ବସିଛନ୍ତି । ଯାହାଦ୍ୱାରା ଦମକଳ କିମ୍ବା ଆମ୍ବୁଲାନ୍ସ ପରି ଜରୁରୀ କାଳୀନ ଗାଡି ବିପଦ ସମୟରେ ଯାଇ ଆସି ପାରୁନାହିଁ ତଥା ଗ୍ରାମବାସୀମାନେ ନାନା ପ୍ରକାରର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଥିପ୍ରତି ଦୃଷ୍ଟିଦେଇ ସରକାରୀ ରାସ୍ତା ସୀମା ନିର୍ଦ୍ଧାରଣ କରିବାକୁ ବାଲିଅନ୍ତା ତହସିଲଦାରଙ୍କୁ ନିର୍ଦ୍ଦେଶ ପ୍ରଦାନ କରିବା ପାଇଁ ଦାବି । ଜିଲ୍ଲାପାଳ ସାମ୍ବାଦିକମାନଙ୍କର ଦାବିପତ୍ର ଗ୍ରହଣ କରି ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଟ୍ୱିନ୍ ସିଟି ପ୍ରେସ କ୍ଲବର ସଭାପତି ବରିଷ୍ଠ ସାମ୍ବାଦିକ ସନାତନ ପରିଜାଙ୍କ ନେତୃତ୍ୱରେ ବରିଷ୍ଠ ସାମ୍ବାଦିକ ତଥା ଟ୍ୱିନ୍ ସିଟି ପ୍ରେସ କ୍ଲବ ର ଉପଦେଷ୍ଟା ଶ୍ରୀଯୁକ୍ତ ବୈଂଶୀଧର ଭୋଳ, ସମ୍ପାଦକ ଡ଼ଃ ଭବାନୀ ଶଙ୍କର ପାତ୍ର, ଉପ ସଭାପତି ଗୁରୁ ପ୍ରସାଦ ମହାପାତ୍ର, ହୃଦାନନ୍ଦ ସାହୁ, କୋଷାଧକ୍ଷ ନିର୍ମଳ ଚନ୍ଦ୍ର ବେହେରା, ଅନନ୍ତ କୁମାର ଭୋଇ, କିଶୋର କୁମାର ଭୋଇ ପ୍ରମୁଖଙ୍କ ଉପସ୍ଥିତରେ ଛଅଦଫା ସ୍ମାରକପତ୍ର ପ୍ରଦାନ କରାଯାଇଛି ।

## ଜିଲ୍ଲା ପରିଷଦ ପ୍ରକଳ୍ପର ଶିଳାନ୍ୟାସ



ବାଲିପାଟଣା, (ମହାଭାରତ) : କଥା ଦେଇ କଥା ରଖିଲେ ବିଜେଡି ଜିଲ୍ଲା ପରିଷଦ ପ୍ରାର୍ଥୀ ଗଙ୍ଗାଧର ମଲିକ। ନିର୍ବାଚନ ସମୟରେ ଜୟଦେବ ନିର୍ବାଚନ ମଣ୍ଡଳୀ ବାଲିପାଟଣା ବ୍ଲକ ଅନ୍ତର୍ଗତ ପମ୍ପାଲୋ ପଞ୍ଚାୟତ କୁଳନ୍ତିରା ବାଗିଲୋ ଗ୍ରାମକୁ ଭୋଟ ଭିକ୍ଷା କରିବାକୁ ଆସିଥିବା ବେଳେ ଘେରି ଥିଲେ ଗ୍ରାମବାସୀ ।କଥା ରଖିଥିଲେ ଯିଏ ଆମ ଗାଁ ମା ଭୁ ବାସିନୀଙ୍କ ମନ୍ଦିର ଆଗରେ ଖୋଲା ଛାତ୍ କରିବ ଆମେ ତାକୁ ଭୋଟ ଦେବୁ। ଏଥିରେ ବିଜେଡି ଦଳର ଜିଲ୍ଲା ପରିଷଦ ପ୍ରାର୍ଥୀ ଗଙ୍ଗାଧର ମଲିକ ମା ଭୁ ବାସିନୀଙ୍କ ମନ୍ଦିର ଆଗରେ ଶପଥ ଗ୍ରହଣ କରିଥିଲେ ଯେ ମୁଁ ଜିତିଲେ ଛାତ କରିବି ଓ ହାରିଲେ ବି କରିବି। ଜିତିବାର ଦୀର୍ଘଦିନ ପରେ ଆଜି ତାଙ୍କ ନିଜସ୍ୱ ପାଣ୍ଠି ରୁ ଦୁଇ ଲକ୍ଷ୍ୟ ପଚାଶ ହଜାର ଟଙ୍କା ପ୍ରଦାନ କରି ମା ଭୁ ବାସିନୀ ଙ୍କ ମନ୍ଦିର ଛାତ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ବାଲିପାଟଣା ବ୍ଲକ ସଭାପତି କିଶୋର ଜେନା, ପାମ୍ପାଲୋ ପଞ୍ଚାୟତ କମିଟି ସଭାପତି ଜଗନ୍ନାଥ ପଣ୍ଡା, ରମେଶ ଚନ୍ଦ୍ର ସାହାଣୀ, ମା ଭୁ ବାସିନୀ ଚାରି ଟେବୁଲ୍ ଟ୍ରଷ୍ଟ ର ଅଧକ୍ଷ ପ୍ରୀୟଞ୍ଜନ ସ୍ୱାଇଁ, ଯତିନ୍ଦ୍ର ଭୋଳ, ଆଲୋକ ରଂଜନ ଭୋଳ, ପ୍ରଶାନ୍ତ ଭୋଳ, ସୁଶାନ୍ତ ଭୋଳ, ତାପସ ଭୋଳ, ଦୀପକ ଭୋଳ, ଜୀବନ ଜ୍ୟୋତି ପଣ୍ଡା, ଶଙ୍କର ଭୋଳ, ପ୍ରତାପ ସ୍ୱାଇଁ ଓ ସମସ୍ତ ଗ୍ରାମବାସୀ ମାନେ ଉପସ୍ଥିତ ରହି ପ୍ରକଳ୍ପ ର ଶିଳାନ୍ୟାସ କରିବା ସହିତ ଜିଲ୍ଲା ପରିଷଦ ପ୍ରାର୍ଥୀ ଗଙ୍ଗାଧର ମଲିକ ଓ ସଭାପତି କିଶୋର ଜେନାଙ୍କୁ ଭବ୍ୟ ସମ୍ବର୍ଦ୍ଧନା କରିବା ସହିତ ହୃଦୟରୁ ସ୍ୱାଗତ ଜଣାଇଥିଲେ। କିପରି ବର୍ଷା ଦିନ ଆରମ୍ଭ ପୂର୍ବରୁ ତୁରନ୍ତ କାମ ଶେଷ ହେବ ଓ ଆବଶ୍ୟକ ସ୍ଥଳେ ଯଦି ଆଉ କିଛି ଅର୍ଥରାଶି ଦରକାର୍ ହୁଏ ବିନିଯୋଗ କରାଯିବ ବୋଲି ବିଜେଡି ବ୍ଲକ ସଭାପତି କିଶୋର ଜେନା ଓ ଗଙ୍ଗାଧର ମଲିକ ଅଧକ୍ଷ ପ୍ରୀୟଞ୍ଜନ୍ ସ୍ୱାଇଁ ଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଭିଟାମାଟି କ୍ଷତିପୂରଣ ପାଇଁ ଆମରଣ ଅନଶନ

ଅନୁଗୋଳ, (ମହାଭାରତ): ବଆଁରପାଳ ବ୍ଲକ ବଡକେରାଜାଙ୍ଗ ଗାଁରେ ଜିନ୍ଦଲ କମ୍ପାନୀକୁ ନେଇ ବିଭିନ୍ନ ସମୟରେ ଉତ୍ତେଜନା ଦେଖାଦେଉଛି । କେତେବେଳେ ଉଚିତ କ୍ଷତିପୂରଣ, ନିଯୁକ୍ତି ଏବଂ ଥଇଥାନକୁ ନେଇ ଗ୍ରାମବାସୀ ଓ ଜିନ୍ଦଲ କର୍ତ୍ତୃପକ୍ଷଙ୍କ ମଧ୍ୟରେ ତୁ ତୁ ମେ ମେ ଲାଗି ରହିଛି, ଏଭଳି ପରିସ୍ଥିତି ଦୀର୍ଘଦିନ ଦିନ ହେବ ବିବାଦ ଲାଗି ରହିଥିଲେ ମଧ୍ୟ ଏହାର ସମାଧାନ ହୋଇ ପାରୁନାହିଁ। ବଡକେରାଜାଙ୍ଗ ଅଞ୍ଚଳର ଜିନ୍ଦଲ କମ୍ପାନୀରେ ଶହ ଶହ ହେକ୍ଟର ଜମି ଅଧିଗ୍ରହଣ ହେଉଥିଲେ ମଧ୍ୟ କ୍ଷତିପୂରଣ ରାଶି ଓ ନିଯୁକ୍ତି ପାଇଁ ଗ୍ରାମବାସୀଙ୍କ ମନରେ ଅସନ୍ତୋଷର ନିଆଁ କୁହୁଳୁଛି ଜିନ୍ଦଲ କମ୍ପାନୀ ମାଜିଷ୍ଟ୍ରେଟ ଓ ପୋଲିସ ଫୋର୍ସ ମୃତୟନ କରି ଜୋରଜବର କାର୍ଯ୍ୟ କରୁଅଛି ବୋଲି ଗ୍ରାମବାସୀ ଅଭିଯୋଗ କରୁଛନ୍ତି । ଲୋକଙ୍କ ଘୋର ବିରୋଧ ଯୋଗୁଁ ଘଟଣା ସ୍ଥଳରେ କଂଗ୍ରେସ ନେତ୍ରୀ ଇଂ ସସ୍ମିତା ବେହେରା, କଂଗ୍ରେସ ନେତା ସୁନୀଲ ପ୍ରଧାନ,ପ୍ରବୋଧ ସ୍ୱାଇଁ, ବରିଷ୍ଠ ଆଇନିଜୀବୀ ସୁଦୀପ ମିଶ୍ର ଯୋଗଦେଇ କ୍ଷତିଗ୍ରସ୍ତ ପ୍ରଜାଙ୍କ ବୈଠକରେ ଆଲୋଚନା କରି ମାଜିଷ୍ଟ୍ରେଟ ବଆଁରପାଳ ତହସିଲଦାର, ଆଡ଼ସିନାଲ ଏସ୍ପି, ଏସ୍ଡିପିଓ, ନିଶା ଥାନା ଅଧିକାରୀଙ୍କ ସହିତ ଆଲୋଚନା କରି ଜିଲ୍ଲା ପ୍ରଶାସନଙ୍କ ନିକଟରେ ତ୍ରିପାକ୍ଷିକ ଆଲୋଚନା ନେଇ କାର୍ଯ୍ୟ କରିବା ପାଇଁ ପ୍ରତିଶୃତି ଦେଇଥିଲେ । ପରବର୍ତ୍ତୀ ସମୟରେ ପରିସ୍ଥିତି ଶାନ୍ତ ପଡିବା ପରେ ପୁଣି ଫୋର୍ସ ମୃତୟନ କରି ଜୋରଜବର କାର୍ଯ୍ୟ କରିବା ଲୋକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଲୋକଙ୍କ ସମସ୍ୟାର ସମାଧାନ ପାଇଁ କୌଣସି ପଦକ୍ଷେପ ନେଉ ନଥିବା ଅଭିଯୋଗ ହେଉଛି । ଜିନ୍ଦଲ କମ୍ପାନୀ ଉତ୍ତୋଳନ କରି କୋଟି କୋଟି ଟଙ୍କା ଲାଭ ପାଉଛି । ଲୋକଙ୍କୁ ସେମାନଙ୍କ ପ୍ରାପ୍ୟ ଦେବାରେ ଅସୁବିଧା କୋଉଠି ରହିଲା ବୋଲି ଜମିହରା ପ୍ରଜା ପ୍ରଶ୍ନ କରିଛନ୍ତି । ଜିନ୍ଦଲ କମ୍ପାନୀର ମନମାନୀ ବା ଗୁଣ୍ଡାରାଜ ବିରୋଧରେ ଓ ସେମାନଙ୍କ ଚାରିଦଫା ଦାବୀ ତଥା ୧- ଜରଉଞ୍ଜଖଇଜଜ ଆଇନ, ୨୦୧୩ ଅନୁଯାୟୀ ଜମି କ୍ଷତିପୂରଣ (ଅବ୍ୟବହୃତ ଅଧିଗ୍ରହଣିତ ଜମି ପାଇଁ) ୨- ଗ୍ରାମ କମିଟି ଦ୍ୱାରା ଦାବି କରାଯାଇଥିବା ପ୍ରାସଙ୍ଗିକ ଯୁକ୍ତି ସହିତ ଚଉର କ୍ଷତିପୂରଣ ୩.- ସମସ୍ତ ଜମି ହରାଇଥିବା ଏବଂ ଚଉର ପାଇଁ . ନିଯୁକ୍ତି। ୪- ସମସ୍ତ ପଞ୍ଚାୟତ ରାସ୍ତାକୁ ଏହାର ମୂଳ ସ୍ଥିତି ଏବଂ ମୂଳ ଜଡଜ କୁ ଫେରାଇ ଆଣିବା ଭଳି ଚାରି ଦଫା ନେଇ ଅନୁଗୋଳ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣାରେ ବସିଛନ୍ତି ବୋଲି ଗ୍ରାମବାସୀ କ୍ଷୋବର ସହ ପ୍ରକାଶ କରିଛନ୍ତି।

## ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ବିଧାୟକ ଙ୍କୁ ଶୁଭେଚ୍ଛା ଜଣାଇଲେ ବଡ଼ ସିଲିଙ୍ଗା ବାସୀ

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଟି ଦଶପଲ୍ଲା, ଗଣିଆ ଓ ନୂଆଗାଁ ପଂଚାୟତ କୁ ନେଇ ଗଠିତ। ଏହି ପଂଚାୟତ ଗୁଡିକରେ ଅନେକ ସମସ୍ୟା ରହିଛି। ବିଗତ ଦିନରେ ଅନେକ ଉନ୍ନୟନ କାର୍ଯ୍ୟ ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ରେ ବିଧାୟକ ନିଜ ହାତକୁ ନେଇଥିବା ବେଳେ ଅନେକ କାର୍ଯ୍ୟ ର ଶୁଭ ଭିତ୍ତି ପ୍ରସ୍ତର ପ୍ରଦାନ କରିଥିଲେ। ତେବେ ବିଗତ ଅଳ୍ପ ଦିନ ତଳେ ରାସ୍ତା ଓ ଅନ୍ୟ ସମସ୍ୟା କୁ ନେଇ ବଡସିଲିଙ୍ଗା ଗ୍ରାମବାସୀମାନେ ଗଣିଆ ବ୍ଲକ ସମ୍ମୁଖରେ ଧାରଣା ଦେଇଥିଲେ ।ବହୁତ ବୁଝା ସୁଝା ପରେ ଧାରଣା ଭାଙ୍ଗିଥିଲା। ତେବେ ରାସ୍ତାର ଉନ୍ନତି ଓ ମରାମତି ପାଇଁ ବିଧାୟକ ୧୨ କୋଟି ମଂଜୁର କରିଛନ୍ତି। ତେବେ ତାହା ବିଧାୟକ ପାଣ୍ଠି ରୁ କରାଯାଇଛି ନା ବର୍ତ୍ତମାନ ଲୋକଙ୍କ ସରକାର ମୋହନ ସରକାର ଏହାକୁ ମଂଜୁର କରିଛନ୍ତି ତାହା ବର୍ତମାନ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଭୋଟ ପୂର୍ବରୁ ବିଧାୟକ ଙ୍କ ଦ୍ୱାରା ଅନେକ କାମ ର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା। ତନ୍ମଧ୍ୟରୁ ବୃତ୍ତଙ୍ଗ ଜଳସେଚନ ପାଇଁ ୧୭୦୦୦ କୋଟି, ଦଶପଲ୍ଲା ବାଇପାସ ରାସ୍ତା,୧୦୦ ଶଯ୍ୟା ବିଶିଷ୍ଟ କିମ୍ସ ଡାକ୍ତରଖାନା, ମଧ୍ୟଖଣ୍ଡ ଡାକ୍ତରଖାନା ପାଇଁ ୧୭୦୦ କୋଟି, ମହୀପୁର ଡାକ୍ତରଖାନା ପାଇଁ ୧୪୦୦ କୋଟି, ବୃହତ ପାନୀୟ ଜଳ ପ୍ରକଳ୍ପ ପାଇଁ ୧୫୦ କୋଟି,୪୦ କୋଟି ବ୍ୟୟ ରେ ପଙ୍କୁଆ ଠାରୁ କଳସା ଖମଣ ପି ଡବ୍ଲୁ ଡି ରାସ୍ତା, କୁଆଁରିଆ ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ୨କୋଟି, ଦଶପଲ୍ଲା ଏନ ଏ ସୀ ପାର୍କ ପାଇଁ ୬ କୋଟି,୧୫ ରୁ ଉର୍ଦ୍ଧ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ, ଦୁର୍ଗମ ଅଂଚଳରେ ମୋବାଇଲ ଟାୱାର ନିର୍ମାଣ, ଦଶପଲ୍ଲା ଏନ ଏ ସୀ ରେ ୨କୋଟି ଟଙ୍କା କଲ୍ୟାଣମଣ୍ଡପ ଓ ଅର୍ବାନ ହଷ୍ଟେଲ ପାଇଁ ୩ କୋଟି ଟଙ୍କା ଆଦି କାର୍ଯ୍ୟ ଗୁଡିକ ପାଇଁ ମଂଜୁର କରିଥିବା କଥା ଭୋଟ ପୂର୍ବରୁ ତଥା ତା ପୂର୍ବରୁ କହିଥିଲେ। ତେବେ ଏକ ତୃତୀୟାଂଶ କାମ ଆରମ୍ଭ ହୋଇନାହିଁ। କେବଳ ଭୋଟ ରାଜନୀତି ମଧ୍ୟରେ ସୀମିତ ରହିଲା ଭଳି ଲାଗିଲା ବୋଲି ସାଧାରଣ ରେ ଆଲୋଚନା ହେଉଛି ।ଦେଖାଯାଉ ଗଣିଆ ବ୍ଲକ ର ବଡସିଲିଙ୍ଗା ଗ୍ରାମବାସୀ କରିଥିବା ଧାରଣା ର ପ୍ରତିଫଳନ ସଠିକ ରୂପାୟନ ହେଉଛି ନା ଉପରୋକ୍ତ କାର୍ଯ୍ୟ ଗୁଡିକ ଭଳି ରହିଯାଉଛି।

## ବଢୁଛି ବେଆଇନ ବନ୍ଧୁକ କାରବାର: ଘଞ୍ଚ ଜଙ୍ଗଲ ପାଲଟିଛି ଠିକଣା, ଟେର୍ ପାଉନି ପୁଲିସ



ନୟାଗଡ଼, (ମହାଭାରତ) : ନୟାଗଡ଼ ଜିଲ୍ଲାରେ ଏବେ ବେଆଇନ ବନ୍ଧୁକ କାରବାର ବୃଦ୍ଧି ପାଇବାରେ ଲାଗିଛି। ଏତେ ବନ୍ଧୁକ ଆସୁଛି କେଉଁଠୁ, ଏହା ତିଆରି କରାଯାଉଛି କେମିତି, ଏ ଦିଗରେ ପୁଲିସ କିଛି ବି ଟେର୍ ପାଉନି। ମାସକ ମଧ୍ୟରେ ତିନିରୁ ଅଧିକ ସ୍ଥାନରେ ଚଢ଼ଉ ଏହାର ଜ୍ୱଳନ୍ତ ପ୍ରମାଣ। ଦଶପଲ୍ଲା, ଶରଣକୁଳ ଓ ପୂର୍ବରୁ ନୟାଗଡ଼ ଥାନା ଅଞ୍ଚଳରୁ ବେଆଇନ ଭାବେ ବନ୍ଧୁକ ତିଆରି କରାଯାଉଥିବା ଜାଗାରେ ପୁଲିସ ଚଢ଼ଉ କରି ବିପୁଳ ପରିମାଣରେ ସାମଗ୍ରୀ ଜବତ କରୁଛି। ବିଶେଷ କରି ଜାମିନରେ ଆସି ପୁଣି ଥରେ ଅପରାଧୀ ମାନେ ଏହି ବେପାର ପୁଣି ଥରେ ଆରମ୍ଭ କରୁଥିବା ଜଣାପଡ଼ିଛି। ଗତ ୩ ତାରିଖରେ ଦଶପଲ୍ଲା ଜଙ୍ଗଲର ପାହାଡ଼ ଉପରୁ ତିଆରି ଚାଲିଥିବା ଏକ ଦେଶୀ ବନ୍ଧୁକ ତିଆରି କାରଖାନା ଉପରେ ଚଢ଼ଉ କରି ପୁଲିସ ତିନି ଜଣଙ୍କୁ ଗିରଫ କରିଛି। ଗିରଫ ଯୁବକ ମାନେ ହେଲେ ରାଜେଶ କୁମାର ପ୍ରଧାନ, ତପନ ପରିଡ଼ା ଓ ଗୋବର୍ଦ୍ଧନ ପରିଡ଼ା। ମାତ୍ର ଏହି ବନ୍ଧୁକ କାରଖାନାର ମୁଖ୍ୟ କୁହାଯାଉଥିବା ତପନର ବଡ଼ ଭାଇ ବିଭୂତି ପରିଡ଼ାକୁ ପୁଲିସ ଗିରଫ କରିବାକୁ ସକ୍ଷମ ହୋଇନାହିଁ। ଜେଲ୍ ?ରୁ ଜାମିନରେ ଆସି ତପନ ଓ ବିଭୂତି ପୁଣି ଥରେ ଏହି ବେପାର ଆରମ୍ଭ କରିଥିବା ଜଣାପଡ଼ିଛି। ସେହିପରି ଶରଣକୁଳ ଥାନା ଅଧୀନ ଜାକେଡ଼ା ଗାଁ ନିକଟସ୍ଥ ଏକ ଜଙ୍ଗଲରେ ବନ୍ଧୁକ ତିଆରି କରାଯାଉଥିବା କାରଖାନା ଉପରେ ଚଢ଼ଉ କରିଥିଲା। ସେଠାରୁ ସୁଶାନ୍ତ ପ୍ରଧାନ, ବସନ୍ତ ବାଣ୍ଠି ଓ ପ୍ରଶାନ୍ତ ବିଶ୍ୱାଳକୁ ପୁଲିସ ଗିରଫ କରିଛି। ଅନେକ ଦିନ ହେଲା ଏହି ତିନି ଜଣ ବନ୍ଧୁକ ତିଆରି କାମରେ ନିୟୋଜିତ ରହିଥିବା ବେଳେ ଏହି କାରଖାନାର ମୁଖ୍ୟ କାର୍ପଟଦାର ପ୍ରଶାନ୍ତ ବିଶ୍ୱାଳ ବୋଲି ପୁଲିସ ଜାଣିବାକୁ ପାଇଛି। ନୟାଗଡ଼ ସଦର ଥାନା ଅଧୀନ ମାଳିସାହି ଗାଁରେ ଦୀର୍ଘ ଦିନ ଧରି କମାରଶାଳରେ ବନ୍ଧୁକ ତିଆରି କରୁଥିବା ବାବୁଲି ମହରଣା (୪୦)ର କମାରଶାଳ ଉପରେ ପୁଲିସ ଚଢ଼ଉ କରି ଗୋଟିଏ ସମ୍ପୂର୍ଣ୍ଣ ତିଆରି ଓ ତିନିଟି ଅର୍ଦ୍ଧନିର୍ମିତ ରାଇଫଲ୍, ଦୁଇଟି ଟ୍ରିଗର୍ ସହ ବିପୁଳ ପରିମାଣରେ ବନ୍ଧୁକ ତିଆରି ପାଇଁ ଆବଶ୍ୟକ ହେଉଥିବା ସାମଗ୍ରୀ ଜବତ ହୋଇଛି। ବାବୁଲିକୁ ପୁଲିସ ପୂର୍ବରୁ ଦୁଇ ଥର ଏହି ଅଭିଯୋଗରେ ଗିରଫ କରିଛି। ଜାମିନରେ ଆସିବା ପରେ ପୁଣି ସେ ଏହି କାମରେ ଲାଗିପଡୁଛି। ପୂର୍ବରୁ ରଣପୁର ପୁଲିସ ଖତ୍ରିବରପୁର ଓ ଜିରାପଡ଼ା ଗାଁରେ ଚଢ଼ଉ କରି ୫ଟି ଦେଶୀ ବନ୍ଧୁକ ସହ ୫ ଜଣଙ୍କୁ ଗିରଫ କରିଥିଲା। ଏଣୁ ଏହି ଅଞ୍ଚଳରେ ଏବେ ବି ବେଆଇନ ଭାବେ ବନ୍ଧୁକ ତିଆରି କରାଯାଉଥିବା ସନ୍ଦେହ ପ୍ରକାଶ ପାଉଛି। କେବଳ ଯେ ପଶୁ ଜନ୍ତୁ ଶିକାର ପାଇଁ ଏହି ଅପରାଧୀ ମାନେ ବନ୍ଧୁକ ତିଆରି କରିଛନ୍ତି ତାହା ନୁହେଁ, ଏମାନଙ୍କ ଠାରୁ ବନ୍ଧୁକ ନେଇ ଅପରାଧୀ ମାନେ ଚୋରି, ଡକାୟତୀ ଓ ରାହାଜାନି କରିବାକୁ ପଛାଉ ନାହାନ୍ତି ବୋଲି ଖୋଦ୍ ଏସ୍ ?ପି ଏସ୍. ମୁଶ୍ରୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ। ଏଣୁ ଜାମିନରେ ଆସି ବାରମ୍ବାର ଏମିତି ଅପରାଧ ଘଟାଉଥିବା ଅପରାଧୀ ମାନଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହୋଇଛି।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






ବୁଧବାର, ୨୫.୬. ୨୦୨୫

## ଧରାକୋଟ ଖାରିଗୁମ୍ମା ଘଟଣା ପୀଡିତଙ୍କ ପରିବାରକୁ ଭେଟିଲା ପ୍ରଶାସନ



ଆସିକା (ମହାଭାରତ): ଗଞ୍ଜାମ ଜିଲ୍ଲା ଧରାକୋଟ ତହସିଲ ଅନ୍ତର୍ଗତ ଖାରିଗୁମ୍ମା ଗ୍ରାମରେ ଗତ ରବିବାର ଅପରାହ୍ନ ରେ ସିଙ୍ଗିପୁର ଗ୍ରାମର ବାବୁଲା ନାୟକ ଓ ବୁଲୁ ନାୟକଙ୍କୁ କେତେକ ବ୍ୟକ୍ତି ନିର୍ଯାତନା ଦେଇଥିବା ଘଟଣା ଜିଲ୍ଲା ପ୍ରଶାସନର ନଜରକୁ ଆସିବା କ୍ଷଣି ଜିଲ୍ଲା ପ୍ରଶାସନ ଏହାରି ଉପରେ ତ୍ୱରିତ ପଦକ୍ଷେପ ନେଇଛି ।ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରାଙ୍କ ନେତୃତ୍ୱରେ ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡି, ଅତିରିକ୍ତ ତହସିଲଦାର ଗଣେଶ୍ୱର ଦଳାଇ,ବିଡ଼ିଓ ଶୁସିଲ ପଟ୍ଟନାୟକ,ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ନିହାର ରଞ୍ଜନ ମହାନ୍ତି, ବ୍ଲକ ମଙ୍ଗଳ ଅଧିକାରୀ ଅନନ୍ୟା ପଣ୍ଡା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କାଳୁ ଚରଣ ସ୍ୱାଇଁ, ରାଜସ୍ୱ ନିରୀକ୍ଷକ ରଞ୍ଜନ କୁମାର ବରାଡ ପ୍ରମୁଖ ସିଙ୍ଗିପୁର ଗ୍ରାମର ବାବୁଲା ନାୟକ ଓ ବୁଲୁ ନାୟକଙ୍କ ପରିବାରକୁ ଭେଟି ତାଙ୍କ ପ୍ରତି ଘଟିଥିବା ଘଟଣା ବାବଦରେ ପଚାରି ବୁଝିଥିଲେ। ପ୍ରଶାସନ ତୁମ ସାଥିରେ ଅଛି। ନଡରି ନିର୍ଭୟରେ ରୁହ ବୋଲି ପୀଡିତ ଙ୍କ ପରିବାରକୁ କହିଥିଲେ। ଏହା ପରେ ଉପଜିଲ୍ଲାପାଳ ଉମା ଶଙ୍କର ବେହେରା ବାବୁଲା ଓ ବୁଲୁଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୦,୦୦୦ ଲେଖାଏଁ ମୋଟ ୨୦,୦୦୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ଼। ପ୍ରକାଶଯୋଗ୍ୟ ଏହି ଘଟଣାରେ ଧରାକୋଟ ପୁଲିସ ଏକ ମାମଲା ରୁଜୁ କରି ୯ ଜଣ ବ୍ୟକ୍ତିଙ୍କୁ ଗିରଫ କରିଛି ।ପୀଡିତ ଦୁଇ ଜଣଙ୍କୁ ଡାକ୍ତରୀ ଚିକିତ୍ସା ପରେ ପୁଲିସ ସୁରକ୍ଷିତ ଭାବ ସେମାନଙ୍କ ଗାଁ ସିଙ୍ଗିପୁରରେ ଛାଡିଛି। ବର୍ତମାନ ଉଭୟଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ଥିବା ଜଣାପଡିଛି ।ଏହି ଘଟଣାରେ ସଂପୃକ୍ତ ଥିବା ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଭଞ୍ଜନଗର ଉପଜିଲ୍ଲାପାଳ ଉମା ଶଙ୍କର ବେହେରା କହିଛନ୍ତି।

## ରାସ୍ତା ସମ୍ପ୍ରସାରଣ କାର୍ଯ୍ୟକୁ ନେଇ ଅସନ୍ତୁଷ୍ଟ ହୋଇ ପୂର୍ତ୍ତବିଭାଗ ଅଧିକାରୀଙ୍କୁ ପୁଣି ଭେଟିଲେ ବିଜେପି କର୍ମୀ

ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସହରର ମୁଖ୍ୟ ରାସ୍ତା ର ସମ୍ପ୍ରସାରଣ ନକରି ଆଜି ପର୍ଯ୍ୟନ୍ତ ସେମିତି ପଡ଼ିରହିଛି। ପୂର୍ବ ସମୟରେ ଜନ ସାଧାରଣଙ୍କ ଗମନାଗମନ ପାଇଁ ଯେଉଁ ଯେଉଁ ରାସ୍ତା ରେ ବ୍ୟବସ୍ଥା କରିଥିଲେ ବର୍ତ୍ତମାନ ତାହା ହିଁ ପଡ଼ି ରହିଛି । ପାରଳାଖେମୁଣ୍ଡି ରେ ପାୟ ୪୦ ହଜାର ରୁ ଅଧିକ ଲୋକ ବସବାସ କରୁଥିବା ବେଳେ ସାତ ଟି ବ୍ଲକ ର ଜନସଂଖ୍ୟା ନିର୍ଭର କରନ୍ତି ଫଳରେ ପ୍ରତ୍ୟେକ ଦିନ ସହର ରେ ଟ୍ରାଫିକ ସମସ୍ୟା ଲାଗି ରହିଛି। ପୂର୍ବରୁ ୨୪ ବର୍ଷ ସରକାର ପାରଳାଖେମୁଣ୍ଡି କୁ ଅଣଦେଖା କରୁଛନ୍ତି ତେଣୁ ସ୍ଥିତି ଯେମିତି କୁ ସେମିତି ହିଁ ରହିଛି । ପୂର୍ବରୁ ଏହି ରାସ୍ତା ସମ୍ପ୍ରସାରଣ ନିମନ୍ତେ ଜିଲ୍ଲାପାଳ ଏବଂ ପୂର୍ତ୍ତବିଭାଗ ର ଅଧିକାରୀ ଙ୍କୁ ଦଳ ପକ୍ଷରୁ ଦୃଷ୍ଟିଆକ୍ରସଣ କରାଯାଇଥିଲା। ତଥାପି ଅଣଦେଖା କରି ଆଜି ସେହି ପୁରଣା କାମକୁ ପୁଣି ସେହି କାମ ଆରମ୍ଭ କରିଥିବା ବେଳେ ଆଜି ପାରଳାଖେମୁଣ୍ଡି ର ବହୁ ବିଜେପି କର୍ମୀ ପର୍ତ୍ତୁବିଭାଗ ଅଧିକାରୀ ଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।ପାରଳା ବାସି ଙ୍କ ଦାବି ରହିଛି ପାରଳାଖେମୁଣ୍ଡିରେ ୪୦ ଫୁଟ ରାସ୍ତା କାମ ବନ୍ଦ କରିବା ଏବଂ ୬୬ ଫୁଟ ରାସ୍ତା ପାଇଁ ପାଇଁ ଜରୁରୀ ରହିଛି ।ସହରରେ ଚାଲିଥିବା ବର୍ତ୍ତମାନର ରାସ୍ତା ପ୍ରଶସ୍ତୀକରଣ ପ୍ରକଳ୍ପ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଥିବା ବେଳେ ତୁରନ୍ତ ଏବଂ ହସ୍ତକ୍ଷେପ ପାଇଁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

## ଶାଶୁ ଘରେ ମହିଳା ଙ୍କୁ ମରାଣତ୍ମକ ଆକ୍ରମଣ, ଅଭିଯୋଗ ପରେ ଶୁଣୁନି ପୋଲିସ

କାକଟପୁର (ମହାଭାରତ )-କାକଟପୁର ଥାନା ଅଧିନସ୍ଥ ଅନନ୍ତପୁର ଗ୍ରାମରେ ଶାଶୁର ପିଣ୍ଡ ପକାଇବାକୁ ଆସିଥିବା ବଡ଼ବୋହୂକୁ ଅକଥନୀୟ ନିର୍ଯ୍ୟାତନା ଦେବା ସହିତ ମରଣାନ୍ତକ ଆକ୍ରମଣ କରିଛନ୍ତି ପରିବାର ଲୋକେ । ଏନେଇ ବଡ଼ବୋହୁ ମଧୁସ୍ମିତା ରାୟ କାକଟପୁର ଥାନାକୁ ଖବର ଦେଇଥିଲେ ମଧ ଥାନା କର୍ମଚାରୀ ଯିବା ବେଳକୁ କର୍ମଚାରୀ ମାନଙ୍କୁ ପରିବାର ଲୋକେ ବୋହୁ ପାଗେଳୀ କହି ଘଉଡ଼ାଇ ଦେଇଥିଲେ । ସେତେବେଳକୁ ମହିଳା ଜଣଙ୍କ ସଂଜ୍ଞାହୀନ ଅବସ୍ଥାରେ ଥିଲେ । ଚେତା ଫେରିବା ପରେ ମଧୁସ୍ମିତା ନିଜ ବାପଘରକୁ ଖବର ଦେଇ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ କାକଟପୁର ପୋଲିସ କେବଳ ମାମଲା ରୁଜୁ କରି ଚୁପ ବସି ରହିବା ପୀଡିତା ମହିଳା କ୍ଷୋଭର ସହିତ ଗଣମାଧମ କୁ ପ୍ରକାଶ କରିଛନ୍ତି । ଅପର ପକ୍ଷରେ ମଧୁସ୍ମିତା ବାହାହୋଇ ଆସିବା ଦିନ ଘରେ ପହଞ୍ଚିବା ବେଳକୁ ଶାଶୁଙ୍କର ଅକାଳ ବିୟୋଗ ତାଙ୍କ ବୈବାହିକ ଜୀବନକୁ ଛାରଖାର କରିଦେଇଥିଲା । ସେହିଦିନ ଠାରୁ ତାଙ୍କ ଉପରେ ପରିବାର ପକ୍ଷରୁ ବଢିଯାଇଥିଲା ଅକଥନୀୟ ନିର୍ଯ୍ୟାତନା । ସ୍ୱାମୀ ସୁଦୂର ଗୋଆ ରେ ରହିବା କାରଣରୁ ଶ୍ୱଶୁର ଓ ଦିଅରର ମଧୁସ୍ମିତା ଙ୍କ ଉପରେ ପଡିଥିଲା ଲୋଲୁପ ଦୃଷ୍ଟି,ନିଜ କାମନା ଓ ବାସନା କୁ ଚରିତାର୍ଥ କରିବା ପାଇଁ ଅନେକ ଥର ଉଦ୍ୟମ କରିଛନ୍ତି ବୋଲି ପୀଡିତା ଗଣମାଧମ ପ୍ରତିନିଧିଙ୍କ ଆଗରେ ପ୍ରକାଶ କରିଛନ୍ତି । ଯାହାଫଳରେ ମଧୁସ୍ମିତା ଙ୍କୁ ବାରମ୍ବାର ବାପ ଘରକୁ ଯିବାକୁ ପଡୁଥିଲା। ଗତ ୨୨ ତାରିଖ ଦିନ ମଧୁସ୍ମିତା ଶାଶୁ ଙ୍କ ପିଣ୍ଡ ଦେବାକୁ ସେ ନିଜ ଶାଶୁ ଘରକୁ ଆଇଥିବା ବେଳେ ସ୍ୱାମୀ, ଶ୍ୱଶୁର ଓ ଦିଅର ତାଙ୍କୁ ଦଉଡ଼ିରେ ବାନ୍ଧି ନିର୍ଘାତ ମାଡ ମାରି ସଂଜ୍ଞାହୀନ କରିଦେଇଥିଲେ। ଲୋକଲଜ୍ୟାକୁ ନଡରି ସେ ପୋଲିସ ରେ ଅଭିଯୋଗ କରିଥିଲେ ମଧ କାକଟପୁର ପୋଲିସ କେବଳ ଅସଦାଚରଣ ମାମଲା ରୁଜୁ କରି ତୁମ ପରିବାର କଥା ତେଣୁ ଯାହା ବୁଝିବା କଥା କୋର୍ଟ ବୁଝିବ ବୋଲି ପୀଡ଼ିତାଙ୍କୁ ରୋକଠୋକ ଶୁଣାଇଦେଇଥିଲେ ।ଏବେ ୨ ଟି କନ୍ୟା ସନ୍ତାନକୁ ସାଙ୍ଗରେ ଧରି ଅନାହତ ଭବିଷ୍ୟତ ଅପେକ୍ଷାରେ ରାହା ଖୋଜୁଛନ୍ତି ପୀଡିତା ମଧୁସ୍ମିତା । ଆଇନ ଉପରୁ ଆସ୍ଥା ତୁଟାଇ କେତେଦିନ ଆଉ ନିର୍ଯ୍ୟାତନା ସହିବେ ସେ କଥା ଭାଳି ହେଉଛନ୍ତି । ଦେଖିବାକୁ ବାକି କେବେ ପାଇବେ ମଧୁସ୍ମିତା ନ୍ୟାୟ । ଏ ସଂକ୍ରାନ୍ତରେ କାକଟପୁର ଥାନା ସବ-ଇନସପେକ୍ଟର ଗୌରୀଶଙ୍କର ସେଠୀଙ୍କୁ ପଚାରିବାରେ ସେ କେଶ ବିଷୟରେ ଅବଗତ ନାହାନ୍ତି ବୋଲି ପ୍ରକାଶ କରିଛନ୍ତି ।

# ଅବ୍ୟବସ୍ଥା ଘେରରେ ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର




ନିଆଳି: ( ମହାଭାରତ ) ପୂରଣ ହେଲା ପୂର୍ବତନ ଆଇଏଏସ ଅଫିସର ତଥା ନିଆଳି ମାଟିର ସୁଯୋଗ୍ୟ ସନ୍ତାନ ସ୍ୱର୍ଗତ ଗୁରୁ ପ୍ରସାଦ ମହାପାତ୍ରଙ୍କ ଦୀର୍ଘ ଦିନର ସ୍ୱପ୍ନ । ଉଦଘାଟିତ ହେଲା ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ହେଲେ ବଦଳିଲାନି ରୋଗୀ ସେବା ତରିକା ବଦଳିଲାନି ଡାକ୍ତରଙ୍କ ମାନସିକତା। ମେ ୨ ତାରିଖରେ ଜଗତିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ ଓ ନିଆଳି ବିଧାୟକ ଛବି ମଲ୍ଲିକଙ୍କ କରକମଳରେ ଆନୁଷ୍ଠାନିକ ଭାବେ ଉଦଘାଟନ ହୋଇଥିଲା। ପୂର୍ବ ଅପେକ୍ଷା ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ଥିତି ବଦଳିଛି ସତ କିନ୍ତୁ ଯଥା ପୂର୍ବଂ ତଥା ପର୍ଂ ନିତିରେ ଚାଲିଛି ରୋଗି ସେବା । ଅନେକ ସମୟରେ ଡାକ୍ତର ଚିକିତ୍ସାଳୟରେ ଅନୁପସ୍ଥିତ ରହୁଥିବା ବେଳେ ରୋଗିଙ୍କ ପାଇଁ ଉଦ୍ଦିଷ୍ଟ ବେଡ଼ ରେ ପଡୁନାହିଁ ବେଡ଼ ସିଟ୍ ।ବିଦ୍ୟୁତ ଚାଳିତ ଲିଫ୍ଟ କଥା ନ କହିବା ଭଲ ଅନେକ ସମୟରେ ରୋଗି ଏବଂ ତାଙ୍କ ସମ୍ପର୍କୀୟ ଲିଫ୍ଟ ରେ ଫସୁଥିବା ଅଭିଯୋଗ ହେଉଛି । ଅନ୍ୟପଟେ ପୂର୍ବରୁ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବେଡ୍ ନଥିବା କାରଣରୁ କଟକ, ପୁରୀ, ଖୋର୍ଦ୍ଧା ଓ ଜଗତିଂହପୁର ଜିଲ୍ଲାର ଚିକିତ୍ସିତ ହେବା ପାଇଁ ଆସୁଥିବା ପ୍ରାୟ ହଜାର ହଜାର ରୋଗୀ ଅସୁବିଧାର ସମ୍ମୁଖୀନ ହେବା ସହିତ କଟକ ବଡ଼ ଡ଼ାକ୍ତରଖାନା ଓ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ ହେଉଥିଲେ। ନୂତନ ଗୃହ ପରେ ଲୋକଙ୍କୁ ଉନ୍ନତ ମାନର ଚିକିତ୍ସା ସେବା ନଦିଆଯିବା ଦୂର୍ଭାଗ୍ୟ ଜନକ ବୋଲି ନିଆଳିର ବୁଦ୍ଧିଜୀବି ମହଲରେ ଆଲୋଚନା ହେଲାଣି । ଅପରପକ୍ଷେ ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ପରିଚାଳକଙ୍କ ଦାୟିତ୍ୱହୀନତା ପାଇଁ ଏଭଳି ସମସ୍ୟା ଦେଖାଦେଇଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଲାଣି । ବିଭିନ୍ନ ବିଭାଗର ରୋଗୀ ଆସୁଥିଲେ ମଧ ଶଯ୍ୟାଶାଇ ନିମନ୍ତେ ବ୍ୟବହୃତ ହେଉଥିବା ବେଡରେ ପଡୁନି ବେଡ଼ସିଟ୍ ଫଳରେ ରୋଗୀ ଘରୁ ଆଣି ଆସିଥିବା ପିନ୍ଧା ଲୁଗାକୁ ବେଡ଼ ସିଟ୍ ରୂପେ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦେଇମୁକ୍ତରେ ମେଡ଼ିସିନ୍ ମିଳୁଥିବା ବେଳେ ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସାଧାରଣତଃ ଏସିଡିଟି, କଫ୍ ସିରପ, ବ୍ଲଡ଼ ପ୍ରେସର୍, ମଲ୍ଟିଭିଟାମିନ୍ ଓ ମିଲୋକାଷ୍ଟ ଭଳି ମେଡ଼ିସିନ୍ ନମିଳିବା ଅଭିଯୋଗ ହେଉଛି। ଏହାର ଫାଇଦା ନେଇ କିଛି ଡାକ୍ତର ଘରେଇ ମେଡ଼ିସିନ୍ କମ୍ପାନୀ ସହିତ ହାତ ମିଳାଇ ଓ ଏମ୍.ଆର୍.ଆଇଙ୍କ ଭିତିରି ବୁଝାବଣା କରି ନିର୍ଦ୍ଦିଷ୍ଟ କମ୍ପାନୀର ମେଡ଼ିସିନ୍ ରୋଗୀଙ୍କୁ ପ୍ରେସ୍କ୍ରାଇବ୍ କରାଯାଉଥିବା ଅଭିଯୋଗ ହେଉଛି। ଏହି ସମସ୍ୟାର ସମାଧାନ ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ, କଟକ ସିଡିଏମଓ, ନିଆଳି ବିଧାୟକ ଏହା ଉପରେ ଦୃଷ୍ଟି ଦେବା ସହ କିପରି ଗରିବ ଶ୍ରେଣୀର ଲୋକମାନେ ମେଡ଼ିସିନ୍ ରୁ ବଞ୍ଚିତ ନହୁଅନ୍ତୁ ବୋଲି ଅଞ୍ଚଳବାସୀ କହିଛନ୍ତି।

## ମେଟ୍ରିକ ଏ -ୱାନ ପାଇ ଥିବା ଆଠଜଣ ମେଧାବୀ ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



କରଞ୍ଜିଆ,(ମହାଭାରତ) ମେଟ୍ରିକରେ ଏ - ୱାନ ପାଇ ଥିବା ଆଠଜଣ ମେଧାବୀ ଛାତ୍ର ଛାତ୍ରୀ ଙ୍କୁ ଆଜି ବ୍ଲକ ସ୍ତରୀୟ ସମ୍ବର୍ଦ୍ଧନା ଅନୁଷ୍ଠିତ । ଏହି ଅବସରରେ ବିଇଓ କୁଞ୍ଜବିହାରୀ ପ୍ରଧାନ ଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭା ଠାକୁରମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଡ଼ିଓ ସ୍ୱପ୍ନେଶ୍ୱର ବେହେରା ଯୋଗ ଦେଇ ପରିଶ୍ରମ କଲେ ସଫଳତା ମିଳିଥାଏ , ଭବିଷ୍ୟତ ଗଢିବା ପାଇଁ ମାଟ୍ରିକ ପରୀକ୍ଷା ପ୍ରଥମ ସପାନ ବୋଲି ବିଡିଓ ଶ୍ରୀ ବେହେରା ଉଲ୍ଲେଖ କରିବା ସହ ବ୍ଲକର ଏ-ୱାନ ଗ୍ରେଡ ହାସଲ କରି ଛାତ୍ର ଛାତ୍ରୀ ଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ, ଏବିଇଓ ସନ୍ତୋଷ ମିଶ୍ର, ଠାକୁରମୁଣ୍ଡା ସରପ□ ସୁଜିତ କୁମାର ଲୁଗୁନ, ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲକ୍ଷ୍ମୀ ନାରାୟଣ ମହାନ୍ତ, ସାମ୍ବାଦିକ ଶରତ ତ୍ରିପାଠୀ ଯୋଗଦେଇ ବହୁ ମୂଲ୍ୟବାନ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ ରତିକାନ୍ତ ବୈଦ୍ୟ ଯୋଗଦେଇ ଗୁରୁ ଏବଂ ଶିକ୍ଷା ଅନୁଷ୍ଠାନ ର ସହଯୋଗ ରେ ଏ ସଫଳତା ମିଳିଥାଏ ବୋଲି ବିଭିନ୍ନ ଗପ ମାଧମରେ ବକ୍ତବ୍ୟରେ ଦେଇଥିଲେ । ବ୍ଲକର ମାଟ୍ରିକ ପରୀକ୍ଷା ରେ ଏ-ୱାନ ଗ୍ରେଡ ହାସଲ କରିଥିବା ୮ ଜଣ ଛାତ୍ର ଛାତ୍ରୀ ବ୍ଲକ ଅଞ୍ଚଳ ର କେନ୍ଦୁଜିଆଣୀ ଶିଶୁ ମନ୍ଦିରର ଛାତ୍ର ନିଖିଲ ବେଙ୍ଗ୍ରା, ଶୁଭମ୍ ଘଣା, ଅନନ୍ତ କୁମାର ମହାନ୍ତ , ଦେବାଶିଷ ମହାନ୍ତ , ମନୋଜ ମହାନ୍ତ ଓ ଦିବ୍ୟଜ୍ୟୋତି ଗିରି। ସେହିପରି ଦ୍ରୋପଦୀ ବାଳିକା ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ ରିତୁ ପୂର୍ଣ୍ଣା ମହାନ୍ତ ଓ ସୁଭଦ୍ରା ମହାନ୍ତ ଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ବିଦ୍ୟାଳୟ ର ଚଳିତ ବର୍ଷ ୨୦୨୪-୨୫ ବର୍ଷରେ ଆଠ ଜଣ ଛାତ୍ରଛାତ୍ରୀ ଏ ୱାନ୍ ପାଇଥିବାରୁ ଶିକ୍ଷକ ମାନଙ୍କୁ ସାଧୁବାଦ ଜଣାଇଥିଲେ । ଏଥି ସହିତ ଆଗାମୀ ବର୍ଷ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବା ପାଇଁ ଏବେଠୁ ପ୍ରସ୍ତୁତି ଆରମ୍ଭ କରିବାକୁ ପରାମର୍ଶ ଦେଇଥିଲେ।

## କଣ ସ୍ୱପ୍ନ ହେଇ ରହିଯିବ କି ମଙ୍ଗଳା ମନ୍ଦିର ସୌନ୍ଦର୍ଯ୍ୟ କରଣ



କାକଟପୁର (ମହାଭାରତ): ପୁରୀଜିଲ୍ଲା କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳାଙ୍କ ପୀଠ ରାଜ୍ୟର ଥିବା ଶକ୍ତିପୀଠ ମାନଙ୍କ ମଧ୍ୟରେ ଅନ୍ୟତମ ।ଗତ ବିଜେଡି ସରକାରଙ୍କ ସମୟରେ ରାଜ୍ୟର ପ୍ରମୁଖ ଶକ୍ତିପୀଠ ଗୁଡିକର ସୌନ୍ଦର୍ଯ୍ୟ କରଣ ପାଇଁ ସରକାର ପ୍ୟାକେଜ ଘୋଷଣା କରିଥିଲେକ୍ଷ ସେଥିମଧ୍ୟରୁ କାକଟପୁରର ମଙ୍ଗଳା ମନ୍ଦିରର ସୌନ୍ଦର୍ଯ୍ୟ କରଣ ପାଇଁ ୯ କୋଟି ୮୦ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଥିଲା । ସେ ସମୟରେ ପାର୍କିଂସ୍ଥଳର ପୁନଃରୁଦ୍ଧାର, ଯାତ୍ରୀ ବିଶ୍ରାମଗାର, ମୁଣ୍ଡନ ଗୃହ, ପାର୍କ, ପୂର୍ବ ଦ୍ୱାରରେ ଐତିହ୍ୟ୍ କରଣ ସେବାୟତ ସଦନ ଓ ଖଣ୍ଡାଲାଇଟ ପଥରରେ ମନ୍ଦିର ଚତୁଃପାର୍ଶ୍ୱର ମୁଖ୍ୟ ଦ୍ୱାର ଗୁଡିକର ସୌନ୍ଦର୍ଯ୍ୟ କରଣ ପାଇଁ ଡ୍ରଇଂ ଓ ଡିଜାଇନ ଜାରି କରାଯାଇଥିଲା । ମାତ୍ର ଉକ୍ତ ଘୋଷଣାକୁ ୨ ବର୍ଷ ପୂରିଯାଇଥିଲେ ମଧ କାର୍ଯ୍ୟର ୨୫ ଭାଗ କାର୍ଯ୍ୟ ସରିପାରିନାହିଁ । କିନ୍ତୁ ନୂତନ ସରକାର ଆସିବାପରେ ଖୋଦ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଘନ ଘନ ମଙ୍ଗଳା ମନ୍ଦିର ପରିଦର୍ଶନ କରି ମନ୍ଦିରର ସୌନ୍ଦର୍ଯ୍ୟ କରଣ କାର୍ଯ୍ୟପାଇଁ ପର୍ଯ୍ୟାପ୍ତ ଅର୍ଥରାଶି ରାଜ୍ୟ ସରକାର ଯୋଗାଇଦେବା ସହିତ ଉକ୍ତ କାର୍ଯ୍ୟ ଓଟିଡିସି ଦ୍ୱାରା କରାଯିବ ବୋଲି ଘୋଷଣା କରିଥିଲେ ମଧ ଏହାର ଡ୍ରଇଂ ଏବଂ ଡିଜାଇନ ଅଦ୍ୟାବଧି ଜାରି କରାଯାଇ ପାରିଲା ନାହିଁ କିମ୍ବା ସେବାୟତ ନିଯୋଗଙ୍କ ସହିତ କୌଣସି ଆଲୋଚନା ନକରାଯିବା ସେବାୟତ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।ଏ ସଂକ୍ରାନ୍ତରେ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶଙ୍କୁ ପଚାରିବାରେ ଉପ ମୁଖ୍ୟମନ୍ତ୍ରୀ ମଙ୍ଗଳା ମନ୍ଦିର ପାଇଁ ପ୍ରାଥମିକ ପର୍ଯ୍ୟାୟରେ ୩୨ କୋଟି ଟଙ୍କା ଘୋଷଣା କରିଥିଲେ ମଧ ଅଦ୍ୟାବଧି କୌଣସି ଚିଠି ମନ୍ଦିର ପ୍ରଶାସନର ହସ୍ତଗତ ହୋଇନାହିଁ ବୋଲି ପ୍ରକାଶ କରିଥିଲେ । ଅପର ପକ୍ଷରେ ଓବିସିସିର କାର୍ଯ୍ୟକରୁଥିବା ଠିକାଦାରଙ୍କୁ କାର୍ଯ୍ୟର ବିଳମ୍ବ ସମ୍ପର୍କରେ ପଚାରିବାରେ ରାଜସ୍ୱ ବିଭାଗ ଓ ମନ୍ଦିର ପ୍ରଶାସନ ଜମି ଯୋଗାଇବାରେ ଅହେତୁକ ବିଳମ୍ବ ହେତୁ କାର୍ଯ୍ୟର ବିଳମ୍ବ ହୋଇଛି କିନ୍ତୁ ଆଉ ମାତ୍ର ୫ -୬ ମାସ ମଧ୍ୟରେ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇଯିବ ବୋଲି ସେ ତାଙ୍କ ପ୍ରତିକ୍ରିୟା ରେ ପ୍ରକାଶ କରିଥିଲେ । ଏ ନେଇ ଭକ୍ତ ଓ ସେବାୟତ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ ରାଜ୍ୟ ସରକାର ଦୃଷ୍ଟି ଦେଇ କାର୍ଯ୍ୟ ସାରିବାକୁ ସାଧାରଣ ରେ ଦୃଢ଼ ଦାବୀ ହୋଇଛି।

## ଅନୁଗୋଳ ମୂଖ୍ୟ ଚିକିତ୍ସାଳୟରେ ଅଲଟ୍ରାସାଉଣ୍ଡରେ ଅବ୍ୟବସ୍ଥା ପ୍ରିୟାପ୍ରିତୀରେ ଚାଲିଛି ମୂଖ୍ୟ ଚିକିତ୍ସାଳୟର ଅଲଟ୍ରାସାଉଣ୍ଡ



ଅନୁଗୋଳ( ମହାଭାରତ) :ଅଭିଯୋଗ ଉପରେ ଅଭିଯୋଗ, କିନ୍ତୁ ସରିବାର ନା ନେଉ ନାହିଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନାଁରେ, ଏ ପଟେ ମେଡିକାଲ କଲେଜ ପାଇଁ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କିନ୍ତୁ ରୋଗୀ ଙ୍କ ସମସ୍ୟା ସମାଧାନ ହେବାରେ ନା ନଉ ନାହିଁ। ଆଜି ଏକ ଲଗ୍ନ ଚିତ୍ର ଦେଖିବାକୁ ମିଳିଛି। ଅଲଟ୍ରାସାଉଣ୍ଡ କରିବା ପାଇଁ ରୋଗୀ ମାନେ ନମ୍ବର କରି ଧାଡ଼ି ରେ ଛିଡା ହୋଇଛନ୍ତି। ୧ ନମ୍ବର ରୁ ଆରମ୍ଭ କରି ୧୮ ନମ୍ବର ପର୍ଯ୍ୟନ୍ତ ସକାଳ ୮ ଘଟିକା ରୁ ଧାଡ଼ି ରେ ଛିଡା ହୋଇଛନ୍ତି। ଦିନ ୧.୩୦ ପର୍ଯ୍ୟନ୍ତ ୧ ନମ୍ବର ର ସିରିୟଲ ଅଲଟ୍ରାସାଉଣ୍ଡ ହୋଇନାହିଁ। କିନ୍ତୁ ଏହାରି ଭିତରେ ୧୭ଜଣଙ୍କର ଅଲଟ୍ରାସାଉଣ୍ଡ ହେଇସାରିଲାଣି। ଯାହା କୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପ୍ରସୂତି ବିଭାଗ ରେ ଚାଲିଥିଲା ଉତେଜନା। ବଅଁରପାଳ ଥାନା ମହିଧରପୁର ଅଞ୍ଚଳର ଜିତୁ ପ୍ରଧାନ ଙ୍କ ସ୍ତ୍ରୀ ବିନୋଦିନୀ ମାଝୀ ( ୨୮ ) ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ଗତ କାଲି ଅପରାହ୍ନ ୪ ଟା ବେଳେ ଅଲଟ୍ରାସାଉଣ୍ଡ ପାଇଁ ଆସିଥିଲେ। କିନ୍ତୁ ତାଙ୍କର ଅଲଟ୍ରାସାଉଣ୍ଡ ରେ କାହିଁକି ବିଳମ୍ବ ହେଉଛି ବୋଲି ପଚାରିଲେ ଡାକ୍ତର ରାଗୁ ଛନ୍ତି ଓ କହିଛନ୍ତି ତମେ ଶୋଇଥାଅ ତୁମକୁ ଡକାଯିବ ବୋଲି ଅଭିଯୋଗ କରିଛନ୍ତି। ଯାହା ଫଳରେ ଅଲଟ୍ରାସାଉଣ୍ଡ ନ କରି ଫେରି ଯାଉଛନ୍ତି। ସେହିପରି ୧ ନମ୍ବର ରେ ଥିବା ଜଣେ ମହିଳା ଙ୍କ ବାପା ଅଭିଯୋଗ କରିଛନ୍ତି ଯେ, ଗତ କାଲି ଠାରୁ ଆସିଛୁ। ସକାଳୁ ଟିକେଟ ଆଣି ଧାଡ଼ି ରେ ଛିଡା ହୋଇଛି । କିନ୍ତୁ ଏ ପର୍ଯ୍ୟନ୍ତ ଅଲଟ୍ରାସାଉଣ୍ଡ କରାଯାଇନାହିଁ । କିନ୍ତୁ ଅନ୍ୟ ମାନଙ୍କର ଅଲଟ୍ରାସାଉଣ୍ଡ କରାଯାଉଛି । ଏ ଘଟଣା ବିଷୟରେ ଅଲଟ୍ରାସାଉଣ୍ଡ କରୁଥିବା ଡାକ୍ତର ଙ୍କୁ ପଚାରିବାରୁ ଆମେ ସମସ୍ତଙ୍କର ଅଲଟ୍ରାସାଉଣ୍ଡ କରିବୁ, ଯେଉଁ ମାନଙ୍କର ଅତି ଜରୁରୀ ଅଛି ସେମାନଙ୍କୁ ଆଗରେ ଅଲଟ୍ରାସାଉଣ୍ଡ କରାଯାଉଛି । ସେମାଙ୍କର ସାରିବା ପରେ ଅନ୍ୟ ମାନଙ୍କର କରିବି ବୋଲି କହିଥିଲେ। ଏଠି ପ୍ରଶ୍ନ ଉଠେ ଯେ, କାହିଁକି ଅଲଟ୍ରାସାଉଣ୍ଡ କରିବା ପାଇଁ ଧାଡ଼ି ରେ ଛିଡା ହେଇ ଟିକେଟ କୁ ଦିଆ ଯାଉଛି ଓ ସଙ୍ଗେ ସଙ୍ଗେ ସେହି ଟିକେଟକୁ ମଧ ନେଇଯାଉଛନ୍ତି।

## ଦୁଃଖ ଦେଉଛି କମ୍ପାନୀ,ବିସ୍ଥାପିତଙ୍କୁ ମିଳୁନି ନିଯୁକ୍ତି,ପ୍ରଦୂଷଣରେ ଲାଗୁନି ରୋକ୍



ହିନ୍ଦୋଳ(ମହାଭାରତ)ଢ଼େଙ୍କାନାଳ ଜିଲ୍ଲା ହିନ୍ଦୋଳ ଝାଡବନ୍ଧ ସ୍ଥିତ ଏକ କମ୍ପାନୀକୁ ନେଇ ଦିନକୁ ଦିନ ବଢୁଛି ଜନ ଅସନ୍ତୋଷ ।ଜମିହରା ବିସ୍ଥାପିତ ପ୍ରଜାଙ୍କୁ ଏଯାଏ ମିଳିନି ନିଯୁକ୍ତି। କମ୍ପାନୀ ପାଇଁ ନିକଟସ୍ଥ ଝାଡବନ୍ଧ ଗାଁର ବନ୍ଧ,ପୋଖରୀ,ଗଛପତ୍ର ଠାରୁ ନେଇ ଭାତ ହାଣ୍ଡି ପର୍ଯ୍ୟନ୍ତ ସବୁଠି ପଡୁଛି ବିଷାକ୍ତ ପାଉଁଶ ।ପ୍ରଶାସନକୁ ନିଜର ହାତବାରିଶି କରି ନିଜର କାୟା ବିସ୍ତାର କରିବାରେ ଲାଗିଛି ଏହି ରୁଙ୍ଗଟା କମ୍ପାନୀ। ସେପଟେ ବାରମ୍ବାର ଅଭିଯୋଗ ପରେ ମଧ ଜମିହରା ପ୍ରଜାଙ୍କୁ ମିଳୁନି ନିଯୁକ୍ତି ଅବା ହେଉନି ଥଇଥାନ। ହିନ୍ଦୋଳ ବ୍ଲକ ବାଲିମି ଥାନା ଅନ୍ତର୍ଗତ ଝାଡ଼ବନ୍ଧ ଅଂଚଳରେ ଗଢିଉଠିଥିବା ଏକ କମ୍ପାନୀର ଦିନକୁ ଦିନ ମନୋମୁଖୀ କାର୍ଯ୍ୟକଳାପକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛ ।ଦୀର୍ଘ ୧୬ ବର୍ଷ ହେଲା କମ୍ପାନୀ ଜମି ଅଧିଗ୍ରହଣ କରିଥିବା ବେଳେ ଏଯାଏ ବିସ୍ଥାପିତ ଜମିହରା ପ୍ରଜାଙ୍କୁ ନିଯୁକ୍ତି ଦେଉନି ଏହି କମ୍ପାନୀ। ଅଞ୍ଚଳବାସି ଓ ପ୍ରଶାସନ କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଅଞ୍ଚଳରେ କମ୍ପାନୀ ପ୍ରତିଷ୍ଠା ହୋଇଥିଲା। ଶିଳ୍ପ ଆସିଲେ ଅଞ୍ଚଳରେ ଉନ୍ନତି ହେବା ସହିତ ଲୋକ ମାନଙ୍କର ସମସ୍ତ ମୌଳିକ ସମସ୍ୟାର ସମାଧାନ ହେବ ଏବଂ ଅଞ୍ଚଳର ବେକାର ଯୁବକ ଯୁବତୀ ମାନେ କର୍ମନିଯୁକ୍ତି ପାଇପାରିବେ। ଶିଳ୍ପା□ଳର ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଗମନାଗମନ ର ବ୍ୟାପକ ବ୍ୟବସ୍ଥା ହେବ ବୋଲି ଅଞ୍ଚଳର ଜନସାଧାରଣ ସ୍ୱପ୍ନ ଦେଖିଥିଲେ। ଫଳରେ ଶାଗମାଛ ଦର ରେ ନିଜର ଘର ଦ୍ୱାର, ଜମିବାଡ଼ି ଜଙ୍ଗଲ, ପୋଖରୀ, ରାସ୍ତାଘାଟ ସବୁକୁ କମ୍ପାନୀ ହାତକୁ ଟେକି ଦେଇଥିଲେ। ମାତ୍ର କମ୍ପାନୀ ହେବା ପରେ ଏଯାଏ ନିଯୁକ୍ତି ତ ଦୂରର କଥା ବିସ୍ଥାପିତ ଓ ପ୍ରଭାବିତ ଲୋକଙ୍କ କ୍ଷତିପୂରଣ ଓ ଥଇଥାନ କଥା ଆକାଶ କଇଁଆ ଚିଲିକା ମାଛ ପାଲଟିଛି ।ବେଆଇନ ଜମି ଅଧିଗ୍ରହଣ ପରିବେଶ ଓ ଜଙ୍ଗଲ କ୍ଷୟ ନେଇ ଆଇନ ଶୃଙ୍ଖଳା ପରିସ୍ଥିତି ଦେଖାଯାଉଛି, ସ୍ଥାନୀୟ ଯୁବକ ଙ୍କୁ ନିଯୁକ୍ତି ଦିଆନଯାଇ ଅଭିଜ୍ଞାତା ଅଳଦେଖାଇ ପଶ୍ଚିମବଙ୍ଗ, ବିହାର ଝାଡଖଣ୍ଡ, ଅରୁ ଯୁବକ ଆଣି ନିଯୁକ୍ତି ଦିଆଯାଉଛି, କମ୍ପାନୀ କର୍ତ୍ତୃପକ୍ଷ ଉତ୍ପାଦନ କ୍ଷମତା ବଢ଼ାଇ ଲାଭବାନ ହେଉଥିବା ବେଳେ ସ୍ଥାନୀୟ ସମସ୍ୟା କୁ ଆଦୌ ଗୁରୁତ୍ୱ ଦେଉନି ରୁଙ୍ଗଟା କମ୍ପାନୀ ।ପ୍ରତ୍ୟେକ ଦିନ ଏହି ରୁଙ୍ଗଟା କମ୍ପାନୀକୁ ଆସୁଥିବା ଶହଶହ ଭାରିଯାନ ସହିତ କମ୍ପାନୀରୁ ବାହାରୁଥିବା ଧୂଆଁ ଗୁଡ଼ିକ କାରଣରୁ ଅଞ୍ଚଳରେ ପ୍ରଦୂଷଣର ମାତ୍ରା ବଢ଼ିବାରେ ଲାଗିଲାଣି। ଗଛପତ୍ର, ରାସ୍ତାଘାଟ ଠାରୁ ନେଇ ଭାତ ହାଣ୍ଡି ପର୍ଯ୍ୟନ୍ତ ସବୁଠି କମ୍ପାନିର ବିଷାକ୍ତ ପାଉଁଶ ପଡ଼ି ଅଞ୍ଚଳର ଲୋକମାନଙ୍କୁ ରୋଗାକ୍ରାନ୍ତ କରିବା ସହ କିଡନୀ, ହଇଜା ଭଳି ରୋଗର କାୟା ବିସ୍ତାର କରିବାରେ ଲାଗିଛି ଏହି ରୁଙ୍ଗଟା କମ୍ପାନୀ ।ତେବେ ଅ□ଳର ଲୋକମାନେ ଏନେଇ ମୁହଁ ଖୋଲିଲେ ଭଡାଟିଆ ଗୁଣ୍ଡା ଲଗାଇ ଜୀବନରୁ ମାରିଦେବା ପାଇଁ ଧମକ ଦେବା ସହ ପୋଲିସ ପ୍ରଶାସନକୁ ଧରି ମିଛ କେଶ୍ ରେ ମଧ ଲୋକମାନଙ୍କୁ ଫସାଇ ଦେଉଥିବା ଅଭିଯୋଗ କରିଛନ୍ତି ଗ୍ରାମବାସି ।ତେବେ ଆଗାମୀ ଦିନରେ କମ୍ପାନୀ ବିରୋଧରେ ଏକ ବିଶାଳ ଜନ ଆନ୍ଦୋଳନ ହେବା ପାଇଁ ଅଣ୍ଟା ଭିଡିଲେଣି ସ୍ଥାନୀୟ ଅଞ୍ଚଳବାସୀ।

## ଏକ ତରଫା ପ୍ରେମ ବିଫଳରୁ ପ୍ରତିଶୋଧ, ଅହମ୍ମଦାବାଦ ପ୍ଲେନ କ୍ରାସ ପଛରେ ନିଜ ହାତ ଥିବା କହି ଯୁବତୀ ଗିରଫ

ନୂଆଦିଲ୍ଲୀ : ଏକ ତରଫା ପ୍ରେମ କରି ବିଫଳ ହେବାରୁ ପ୍ରତିଶୋଧ । ପ୍ରତିଶୋଧ ନେବାକୁ ବିମାନରେ ବୋମା ଥିବା ଧମକ ଦେଲେ । ୧୨ଟି ରାଜ୍ୟରେ ୨୧ଟି ବିମାନକୁ ବୋମା ଧମକ ଦେଇଥିବା ଯୁବତୀ ଗିରଫ । ଗିରଫ ଯୁବତୀଙ୍କ ନାମ ରେନେ ଜୋସିଲଡା । ଚେନ୍ନାଇର ଏହି ମହିଳା ଇଞ୍ଜିନିୟରଙ୍କୁ ଗିରଫ କରିଛି ଅହମ୍ମଦାବାଦ ସାଇବର କ୍ରାଇମ ପୋଲିସ । ଏକ ଗଘରରେ ସିନିୟର କନସଲଟାଣ୍ଟ ଭାବେ କାମ କରୁଥିବା ରେନେ ଜଣେ ଯୁବକଙ୍କୁ ଏକ ତରଫା ପ୍ରେମ କରୁଥିଲେ । ତେବେ ଯୁବକ ଜଣକ ଅନ୍ୟ ଜଣଙ୍କୁ ବିବାହ କରିବାରୁ ପ୍ରତିଶୋଧ ପରାୟଣ ହୋଇପଡିଥିଲେ ରେନେ । ଏହା ପରେ ଉକ୍ତ ଯୁବକଙ୍କୁ ଫସାଇବା ପାଇଁ ଆରମ୍ଭ କରିଥିଲେ ବ୍ଲୁ ପ୍ରିଣ୍ଟ । ଗୁଜୁରାଟ ସମେତ ୧୨ ରାଜ୍ୟକୁ ବିମାନରେ ବୋମା ଥିବା ଧମକ ଦେବା ଆରମ୍ଭ କରିଥିଲେ । ପ୍ରାୟ ୨୧ ଟି ବିମାନକୁ ଧମକ ଦେଇଥିବା ସ୍ୱୀକାର କରିଛନ୍ତି ରେନେ । ନିଜ ପରିଚୟ ଏବଂ ଲୋକେସନ ଲୁଚାଇବାକୁ ଫେକ୍ ମେଲ ଆଇଡି, [illegible] ଏବଂ ଯବକଙ୍କ [illegible] ବ୍ୟବହାର କରୁଥିଲେ ବୋଲି ପୋଲିସ କହିଛି । ଏପରିକି ସେ ବିବାହ କରିବାକୁ ଚାହୁଁଥିବା ଯୁବକଙ୍କ ନାମରେ ମଧ୍ୟ ମେଲ ଆଇଡି ଖୋଲି ସେଥିରେ ଧମକ ଦେଉଥିଲେ । ତେବେ ଗୋଟିଏ ଭୁଲରୁ ଧରାପଡିଯାଇଥିଲେ ରେନେ । ଗତ ଏକ ବର୍ଷ ମଧ୍ୟରେ ମହାରାଷ୍ଟ୍ର, ତାମିଲନାଡ଼ୁ, ଦିଲ୍ଲୀ, ହରିୟାଣା, ରାଜସ୍ଥାନ, ଦିଲ୍ଲୀ, ବିହାର, କେରଳ ଏବଂ ପଞ୍ଜାବ ଏପରି ୧୨ ରାଜ୍ୟକୁ ଧମକ ଦେଇଥିବା ସ୍ୱୀକାର କରିଛନ୍ତି । ଏପରିକି ଅହମ୍ମଦାବାଦ ପ୍ଲେନ କ୍ରାସ ପଛରେ ମଧ୍ୟ ନିଜ ହାତ ଥିବା କହିଛନ୍ତି ।

## ମାତା ବୈଷ୍ଣୋଦେବୀ ଭବନ ଯାତ୍ରା ମାର୍ଗରେ ଭୂସ୍ଖଳନ, ଚାଲିଛି ଉଦ୍ଧାର କାର୍ଯ୍ୟ




ଜମ୍ମୁ କଶ୍ମୀର : ଜମ୍ମୁ କଶ୍ମୀରରେ ଥିବା ମାତା ବୈଷ୍ଣୋଦେବୀ ମନ୍ଦିରକୁ ଯିବା ରାସ୍ତାରେ ଭୂସ୍ଖଳନ ହୋଇଛି । ଅର୍ଦ୍ଧକୁଆଁରୀ ନିକଟରେ ଭୂସ୍ଖଳନ ହୋଇଛି । ରାସ୍ତାରୁ ଧସିଥିବା ମାଟି ହଟାଇବା ପାଇଁ କାମ ଚାଲିଛି । ଖବର ମୁତାବକ, ସୋମବାର ଦିନ ଭୂସ୍ଖଳନ ଯୋଗୁଁ ବୈଷ୍ଣୋଦେବୀ ଅର୍ଦ୍ଧକୁଆଁରୀ ନିକଟରେ ବାଟ ବନ୍ଦ ହୋଇଯାଇଥିଲା । ବର୍ଷା ଯୋଗୁଁ ଭୂସ୍ଖଳନ ହୋଇଥିବା ଜଣାପଡିଛି । ରାସ୍ତାରୁ ଧସିଥିବା ମାଟିକୁ କଢାଯାଇଛି । ତେବେ ଭୂସ୍ଖଳନରେ କେହି ଆହତ ହୋଇନାହାନ୍ତି । ଭୂସ୍ଖଳନ ନୂଆ ରାସ୍ତାରେ ହୋଇଛି । ଫଳରେ ବ୍ୟାଟେରୀ ଗାଡି ସେବା ବାଧାପ୍ରାପ୍ତ ହୋଇଛି । ପ୍ରଶାସନିକ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଯାତାୟତ କରିବା ରାସ୍ତାକୁ ସଫା କରିବା କାମ ଆରମ୍ଭ କରିଛନ୍ତି । ରାସ୍ତାରୁ ମାଟି ସଫା ହେବା ପରେ ବ୍ୟାଟେରୀ କାର୍ ସେବା ପୁଣି ଥରେ ଚାଲୁ ରହିବ । ୩୦ ଫୁଟରୁ ଅଧିକ ଅଞ୍ଚଳରେ ବ୍ୟାପିଥିବା ମାଟିକୁ ହଟାଇବା ପାଇଁ ମେସିନ ପଠାଯାଇଛି । ପ୍ରବଳ ବର୍ଷା ଯୋଗୁଁ ଭୂସ୍ଖଳନ ହୋଇଥିବା ଜମ୍ମୁ କଶ୍ମୀର ପର୍ଯ୍ୟଟନ ଅଧିକାରୀ କହିଛନ୍ତି । ସେହିପରି ମାତାଙ୍କ ମନ୍ଦିରକୁ ଦର୍ଶନ ପାଇଁ ପୁରୁଣା ରାସ୍ତାରେ ଶ୍ରଦ୍ଧାଳୁ ଯିବାଆସିବା କରୁଛନ୍ତି । ଶ୍ରାଇନ ବୋର୍ଡ ପ୍ରଶାସନ ଶ୍ରଦ୍ଧାଳୁଙ୍କୁ ଅପିଲ କରିଛି କି, ଭୟଭୀତ ନ ହୋଇ ଧୈର୍ଯ୍ୟ ରଖନ୍ତୁ ଏବଂ କୌଣସି ଆପତ୍ତକାଳୀନ ସ୍ଥିତିରେ କଣ୍ଟ୍ରୋଲ ରୁମ ସହିତ ସଂପର୍କ କରନ୍ତୁ ବୋଲି କୁହାଯାଇଛି ।

## ଇସ୍ରାଏଲ ଉପରେ ଟ୍ରମ୍ପ ଅସନ୍ତୁଷ୍ଟ ! କହିଲେ- ଆଉ ବୋମା ପକାଅ ନାହିଁ

ନୂଆଦିଲ୍ଲୀ : ଇରାନ ଉପରେ ବୋମା ନପକାଇବା ପାଇଁ ଇସ୍ରାଏଲକୁ ସତର୍କ କରାଇ ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଇରାନ ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧବିରତି ହୋଇଥିବା ସତ୍ତ୍ୱେ ଇରାନ ପୁଣି ଥରେ ମିସାଇଲ ମାଡ଼ କରିଥିବାରୁ ଏହାର ଜବାବ ଦେବାକୁ ଇସ୍ରାଏଲ ପ୍ରସ୍ତୁତ ଥିବା ଏହାର ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କାଟଜ କହିବା ପରେ ଓ ଇସ୍ରାଏଲ ସେନା ଇରାନର ଏକ ରାଡାର ସାଇଟ୍‌ସକୁ ଉଡ଼ାଇ ଦେବା ପରେ ଟ୍ରମ୍ପ ନିର୍ଦ୍ଦେଶ ଦେବା ଶୈଳୀରେ ଏଥିରୁ ନିବୃତ୍ତ ରହିବାକୁ କହିଛନ୍ତି । ନାଟୋ ବୈଠକରେ ଯୋଗଦେବାକୁ ନେଦରଲ୍ୟାଣ୍ଡସର 'ଦ ହେଗ' ସହର ଅଭିମୁଖେ ଯାତ୍ରା କରିବା ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ 'ଟ୍ରୁଥ୍ ସୋଶାଲ' ପ୍ଲାଟଫର୍ମରେ ଇସ୍ରାଏଲ ଉଦ୍ଦେଶ୍ୟରେ ଲେଖିଛନ୍ତି- ଇସ୍ରାଏଲ, ସେହି ବୋମାଗୁଡ଼ିକୁ ପକାଅ ନାହିଁ । ଯଦି ତୁମେ ସେଭଳି କରିବ, ତା'ହେଲେ ଏହା ଏକ ବଡ଼ ଉଲ୍ଲଂଘନ ହେବ । ତୁମ ପାଇଲଟମାନଙ୍କୁ ଫେରାଇ ଆଣ । ବର୍ତ୍ତମାନ । ଏହା ପୂର୍ବରୁ ହ୍ୱାଇଟ ହାଉସ୍ ?ରେ ସାମ୍ବାଦିକମାନଙ୍କୁ ଟ୍ରମ୍ପ କହିଥିଲେ, ଦୁଇ ଦେଶ ବହୁତ ଲମ୍ବା ସମୟ ଧରି ଜୋରଦାର ଲଢ଼େଇ କଲେଣି । ସେମାନେ ଜାଣି ନାହାନ୍ତି ଯେ ସେମାନେ କ'ଣ କରୁଛନ୍ତି । ସେମାନେ କ'ଣ ତାହା ବୁଝନ୍ତି ? ଇରାନ ଯୁଦ୍ଧବିରତି ଉଲ୍ଲଂଘନ କରିଛି । କିନ୍ତୁ ଇସ୍ରାଏଲ ମଧ୍ୟ ଏହାକୁ ଉଲ୍ଲଂଘନ କରିଛି । ତେଣୁ ମୁଁ ଉଭୟଙ୍କ ଉପରେ ଖୁସି ନୁହେଁ । ମୁଁ ଚାହେଁ ଇସ୍ରାଏଲ ଶାନ୍ତ ରହୁ । ଟ୍ରମ୍ପଙ୍କ ଯୁଦ୍ଧବିରତି ପ୍ରସ୍ତାବରେ ରାଜି ହେବା ପରେ ଇସ୍ରାଏଲ କହିଥିଲା ଯେ ଯେଉଁ ଉଦ୍ଦେଶ୍ୟ ନେଇ ଏହା ଇରାନ ଉପରେ ଆକ୍ରମଣ କରିଥିଲା, ତାହା ଗତ ୧୨ ଦିନରେ ପୂରଣ ହୋଇଯାଇଛି । ସେଥିପାଇଁ ଏହା ଆମେରିକାର ଯୁଦ୍ଧ ବିରତି ପ୍ରସ୍ତାବରେ ରାଜି ହୋଇଯାଇଛି । ତେହରାନର ଆଣବିକ କାର୍ଯ୍ୟକ୍ରମ ଓ ବାଲାଷ୍ଟିକ ମିସାଇଲକୁ ନେଇ ଯେଉଁ ବିପଦ ରହିଥିଲା, ତାହା ଟଳି ଯାଇଥିବାରୁ ଇସ୍ରାଏଲ ଯୁଦ୍ଧ ବିରତି ପ୍ରସ୍ତାବରେ ରାଜି ହୋଇଛି । ଅନ୍ୟପକ୍ଷରେ ତାଙ୍କ ଯୁଦ୍ଧ ବିରତି ପ୍ରସ୍ତାବ କାର୍ଯ୍ୟକାରୀ ହୋଇଥିବା ନେଇ ଟ୍ରମ୍ପ ଘୋଷଣା କରିବାର କିଛି ଘଣ୍ଟା ପରେ ଇସ୍ରାଏଲ କହିଥିଲା ଯେ ଇରାନ ଦୁଇଟି ମିସାଇଲ ନିକ୍ଷେପ କରିଥିଲା । କିନ୍ତୁ ସେମାନେ ଏହାକୁ ଆକାଶ ମାର୍ଗରେ ନଷ୍ଟ କରି ଦେଇଛନ୍ତି । ଇସ୍ରାଏଲ ସେନା ଏହାର ଜବରଦସ୍ତ ଜବାବ ଦେବ ବୋଲି କହିଥିଲେ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କାଟଜ । ଏହା ପରେ ଇରାନର ଏକ ରାଡାର ସାଇଟ୍ ?ସ ଉପରେ ବୋମାମାଡ଼ କରିଥିଲା ଇସ୍ରାଏଲ ସେନା । ଯୁଦ୍ଧ ବିରତି ଘୋଷଣା ପରେ ଇସ୍ରାଏଲ ଉପରେ ମିସାଇଲ ମାଡ଼ କରିଥିବା କଥାକୁ ଖଣ୍ଡନ କରିଛି ଇରାନ । ଇରାନ କହିଛି ଯେ ଏକତରଫା ଭାବେ ଆକ୍ରମଣରୁ ବିରତ ରହିବାକୁ ଏହା ଇସ୍ରାଏଲକୁ ଏକ ପ୍ରକାର ବାଧ୍ୟ କରି ଦେଇଥିଲା । ଏହା ସହିତ ଇରାନ ଯୁଦ୍ଧ ବିରତିକୁ ଗ୍ରହଣ କରିଥିବା ନେଇ ଆନୁଷ୍ଠାନିକ ଭାବେ ମାନିବାକୁ ନାରାଜ । ପୂର୍ବରୁ ଇରାନର ବୈଦେଶିକ ମନ୍ତ୍ରୀ ଅବ୍ବାସ ଆରାଗାଚି କହିଥିଲେ ଯେ ଯଦି ଇସ୍ରାଏଲ ତା'ର ବେଆଇନ ଆକ୍ରମଣକୁ ବନ୍ଦ କରି ଦେବ, ତା'ହେଲେ ଏହି ଯୁଦ୍ଧକୁ ଜାରି ରଖିବା ନେଇ ତାଙ୍କ ଦେଶର କୌଣସି ଉଦ୍ଦେଶ୍ୟ ନାହିଁ ।

# ଭାରତର ପ୍ରଯୁକ୍ତି ଯାତ୍ରା: ଅପହଞ୍ଚ ପ୍ରଯୁକ୍ତି ଏବେ ଜୀବନର ଅଂଶ

ନୂଆଦିଲ୍ଲୀ : ଗତ ଏଗାର ବର୍ଷ ମଧ୍ୟରେ ଭାରତ ପ୍ରଯୁକ୍ତିବିଦ୍ୟା ଦ୍ୱାରା ପରିଚାଳିତ ଏକ ବ୍ୟାପକ ପରିବର୍ତ୍ତନ ଦେଖିଛି । ପୂର୍ବରୁ ଜଟିଳ ଏବଂ ଅପହଞ୍ଚ ପ୍ରଯୁକ୍ତିବିଦ୍ୟା ଏବେ ଦୈନନ୍ଦିନ ଜୀବନର ଏକ ଅଂଶ ପାଲଟିଛି । ଡିଜିଟାଲ୍ ଉପକରଣଗୁଡ଼ିକ ସରକାରୀ ସେବାଗୁଡ଼ିକୁ ନାଗରିକଙ୍କ ନିକଟତର କରିଛି, କଲ୍ୟାଣକାରୀ ଯୋଜନାର ବିତରଣକୁ ସୁଗମ କରିଛି ଏବଂ ବିଶେଷକରି ଗ୍ରାମୀଣ ଓ ଅନୁନ୍ନତ ଅଞ୍ଚଳରେ ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ବିସ୍ତାର କରିଛି । ସ୍ଥିର ଏବଂ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ଅଧୀନରେ କେବଳ ଡିଜିଟାଲ୍ ଭିତ୍ତିଭୂମି ନିର୍ମାଣ ଉପରେ ଧ୍ୟାନ ଦିଆଯାଇନାହିଁ, ବରଂ ଶେଷ ମାଇଲ ପର୍ଯ୍ୟନ୍ତ ପହଞ୍ଚିବା ଏବଂ ସଶକ୍ତ କରିବା ଉପରେ ଧ୍ୟାନ ଦିଆଯାଇଛି । ଦେୟଠାରୁ ଆରମ୍ଭ କରି ସାର୍ବଜନୀନ ସ୍ୱାସ୍ଥ୍ୟ, ଶିକ୍ଷାଠାରୁ ମହାକାଶ ଅନୁସନ୍ଧାନ ପର୍ଯ୍ୟନ୍ତ, ପ୍ରଯୁକ୍ତିବିଦ୍ୟା ଶାସନକୁ ବିକାଶ ସହିତ ଯୋଡ଼ିବାର ସୂତ୍ର ପାଲଟିଛି, ଯାହା ଭାରତକୁ ଡିଜିଟାଲ୍ ଯୁଗରେ ଅଗ୍ରଣୀ କରିପାରିଛି । ଗତ ଏଗାର ବର୍ଷ ମଧ୍ୟରେ ପ୍ରଯୁକ୍ତିବିଦ୍ୟା ବିଶେଷକରି ଗ୍ରାମୀଣ ଏବଂ ଦୁର୍ଗମ ଅଞ୍ଚଳରେ ଆର୍ଥିକ ସେବାକୁ ଲୋକଙ୍କ ନିକଟତର କରିଛି । ଅର୍ଥ ପଇଠକୁ ସୁଗମ କରିବାଠାରୁ ଆରମ୍ଭ କରି ସବସିଡିକୁ ପ୍ରକୃତ ହିତାଧିକାରୀଙ୍କ ହାତରେ ପହଞ୍ଚାଇବା ପର୍ଯ୍ୟନ୍ତ, ଡିଜିଟାଲ୍ ଉପକରଣଗୁଡ଼ିକ ସାର୍ବଜନୀନ ବ୍ୟବସ୍ଥାକୁ ଦ୍ରୁତ, ସ୍ୱଚ୍ଛ ଏବଂ ଅଧିକ ସ୍ୱଚ୍ଛ କରିଛି । ଭାରତୀୟଙ୍କର ଆର୍ଥିକ ନେଣଦେଣ ପଦ୍ଧତିରେ ସବୁଠାରୁ ଦୃଶ୍ୟମାନ ପରିବର୍ତ୍ତନ ଆସିଛି । ୟୁନିଫାଏଡ୍ ପେମେଣ୍ଟସ୍ ? ଇଣ୍ଟରଫେସ୍ (ୟୁପିଆଇ) ସାରା ଦେଶରେ ଡିଜିଟାଲ୍ କାରବାରକୁ ପରିବର୍ତ୍ତନ କରିଛି । ମାର୍ଚ୍ଚ ୨୦୨୫ରେ ମାତ୍ର ଗୋଟିଏ ମାସରେ ୟୁପିଆଇ ବ୍ୟବହାର କରି ୨୪.୭୭ ଲକ୍ଷ କୋଟି ଟଙ୍କା ମୂଲ୍ୟର ୧୮,୩୦୧ ନିୟୁତରୁ ଅଧିକ କାରବାର କରାଯାଇଥିଲା । ୟୁପିଆଇ ବ୍ୟବସ୍ଥା ବର୍ତ୍ତମାନ ପ୍ରାୟ ୪୬୦ ନିୟୁତ ବ୍ୟକ୍ତି ଏବଂ ୬୫ ନିୟୁତ ବ୍ୟବସାୟୀ ବ୍ୟବହାର କରୁଛନ୍ତି । ସବୁଠାରୁ ଛୋଟ କାରବାର ପାଇଁ ମଧ୍ୟ ଡିଜିଟାଲ୍ ପେମେଣ୍ଟ କରାଯାଉଛି, ପ୍ରାୟ ୫୦ ପ୍ରତିଶତକୁ କ୍ଷୁଦ୍ର କିମ୍ବା କ୍ଷୁଦ୍ର ଦେୟ ଭାବରେ ବର୍ଗୀକୃତ କରାଯାଇଛି । ଏସିଆଇ ୱାର୍ଲ୍ଡୱାଇଡ୍ ରିପୋର୍ଟ-୨୦୨୪ ଅନୁଯାୟୀ ୨୦୨୩ରେ ୪୯ ପ୍ରତିଶତ ଡିଜିଟାଲ କାରବାର ଭାରତରେ ହୋଇଥିଲା । ଆଧାର-ଆଧାରିତ ଇ-କେୱାଇସି ସିଷ୍ଟମ ବ୍ୟାଙ୍କିଂ ଏବଂ ସାର୍ବଜନୀନ ସେବା ଉଭୟରେ ପ୍ରକ୍ରିୟାକୁ ସରଳ କରିବାରେ ସାହାଯ୍ୟ କରିଛି । ଏହା ପ୍ରମାଣୀକରଣକୁ ଦ୍ରୁତ କରିଛି, କାଗଜପତ୍ର କାମକୁ ହ୍ରାସ କରିଛି ଏବଂ ବିଭିନ୍ନ ସେବାରେ ସ୍ୱଚ୍ଛତା ଆଣିଛି । ଏପ୍ରିଲ ୨୦୨୫ ସୁଦ୍ଧା ୧୪୧.୮୮ କୋଟି ଆଧାର ଆଇଡି ସୃଷ୍ଟି ହୋଇଛି । ଆଧାର ବର୍ତ୍ତମାନ ଭାରତରେ ଡିଜିଟାଲ୍ ମେରୁଦଣ୍ଡର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଛି, ଯାହା ଲୋକମାନଙ୍କୁ ସହଜରେ ସେବା ପାଇବାରେ ସାହାଯ୍ୟ କରୁଛି । ଆଧାର ପ୍ରମାଣୀକରଣ ଦ୍ୱାରା ସମର୍ଥିତ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି), ସବସିଡି ଏବଂ କଲ୍ୟାଣକାରୀ ଯୋଜନାର ଅର୍ଥରାଶି ପ୍ରଦାନ କରିବାର ପଦ୍ଧତିକୁ ପରିବର୍ତ୍ତନ କରିଛି । ଏହା ନକଲି ହିତାଧିକାରୀଙ୍କୁ ହଟାଇବାରେ ସାହାଯ୍ୟ କରିଛି ଏବଂ ୨୦୧୫ରୁ ମାର୍ଚ୍ଚ ୨୦୨୩ ମଧ୍ୟରେ ସରକାରଙ୍କର ୩.୪୮ ଲକ୍ଷ କୋଟିରୁ ଅଧିକ ଟଙ୍କା ସଞ୍ଚୟ କରିଛି । ମେ ୨୦୨୫ ସୁଦ୍ଧା ଡିବିଟି ମାଧ୍ୟମରେ ସ୍ଥାନାନ୍ତରିତ ମୋଟ କ୍ରମାଗତ ପରିମାଣ ୪୩.୯୫ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି । ଏହି ସିଷ୍ଟମ ହିତାଧିକାରୀ ଡାଟାବେସକୁ ସଫା କରିବାରେ ମଧ୍ୟ ସାହାଯ୍ୟ କରିଛି । ୫.୮୭ କୋଟିରୁ ଅଧିକ ଅଯୋଗ୍ୟ ରାସନ କାର୍ଡ ଧାରକଙ୍କୁ ବାହାର କରାଯାଇଛି ଏବଂ ୪.୨୩ କୋଟି ଡୁପ୍ଲିକେଟ୍ କିମ୍ବା ନକଲି ଏଲପିଜି ସଂଯୋଗ ବାତିଲ କରାଯାଇଛି, ଯାହା କଲ୍ୟାଣ ବ୍ୟବସ୍ଥାକୁ ଅଧିକ ଲକ୍ଷ୍ୟଭିତ୍ତିକ ଏବଂ ସ୍ୱଚ୍ଛ କରିଛି । ଦୃଢ଼ ଡିଜିଟାଲ୍ ଭିତ୍ତିଭୂମି ଯେକୌଣସି ଆଧୁନିକ ଅର୍ଥବ୍ୟବସ୍ଥାର ଆଧାର । ଗତ ଏଗାର ବର୍ଷ ମଧ୍ୟରେ ଭାରତ ମୋବାଇଲ୍ ନେଟୱାର୍କ ଏବଂ ଗ୍ରାମୀଣ ଇଣ୍ଟରନେଟ୍ ସଂଯୋଗ ବିସ୍ତାର କରିବାରେ ନିବେଶ କରିଛି । ଏହି ପ୍ରୟାସଗୁଡ଼ିକ କେବଳ ଯୋଗାଯୋଗକୁ ଉନ୍ନତ କରିନାହିଁ ବରଂ ଅଭିବୃଦ୍ଧି, ନବସୃଜନ ଏବଂ ଅନ୍ତର୍ଭୁକ୍ତିକରଣ ପାଇଁ ସୁଯୋଗ ମଧ୍ୟ ସୃଷ୍ଟି କରିଛି । ମୋବାଇଲ୍ ସେବା ଉପଲବ୍ଧତା ଉନ୍ନତ ହେବା ପରେ ପ୍ରକୃତ ପରିବର୍ତ୍ତନ ଆସିଥିଲା । ୨୦୧୬ ମସିହାରୁ ଭାରତରେ ୪ଜି କଭରେଜର ଦ୍ରୁତ ପ୍ରସାରଣ ଦେଖାଯାଇଛି, ଯାହା ଦେଶର ବିସ୍ତୃତ କୋଣଅନୁକୋଣକୁ ହାଇ-ସ୍ପିଡ୍ ସଂଯୋଗ ଆଣିଛି । ଅକ୍ଟୋବର ୨୦୨୨ରେ ୫ଜି ଆସିବା ସହିତ ଏହି ଗତି ଜାରି ରହିଥିଲା, ଯାହା ଦ୍ରୁତ ଏବଂ ସ୍ମାର୍ଟ ଡିଜିଟାଲ୍ ସେବାଗୁଡ଼ିକୁ ଉନ୍ମୁକ୍ତ କରିଥିଲା । ମାତ୍ର ୨୨ ମାସ ମଧ୍ୟରେ ଭାରତ ୪.୭୪ ଲକ୍ଷ ୫ଜି ବେସ୍ ଟ୍ରାନ୍ସିଭର୍ ଷ୍ଟେସନ୍ ସ୍ଥାପନ କରିଛି, ଯାହା ବିଶ୍ୱ ସ୍ତରରେ ସବୁଠାରୁ ଦ୍ରୁତତମ ୫ଜି ରୋଲଆଉଟ୍ ମଧ୍ୟରୁ ଅନ୍ୟତମ । ବର୍ତ୍ତମାନ ସୁଦ୍ଧା ୫ଜି ସେବା ଦେଶର ୯୯.୬% ଜିଲ୍ଲାକୁ କଭର୍ କରୁଛି, କେବଳ ୨୦୨୩-୨୪ରେ ୨.୯୫ ଲକ୍ଷ ବିଟିଏସ ସ୍ଥାପିତ ହୋଇଛି । ଭିତ୍ତିଭୂମିରେ ଏହି ଲମ୍ଫ ୨୦୨୫ ମସିହାରେ ୧୧୬ କୋଟି ମୋବାଇଲ୍ ଗ୍ରାହକ ଆଧାରକୁ ସମର୍ଥନ କରେ, ଯାହା ଭାରତର ଡିଜିଟାଲ୍ ବୃଦ୍ଧିର ପରିମାଣ ଏବଂ ପହଞ୍ଚକୁ ଉଜ୍ଜ୍ୱଳ କରିଥାଏ । ଏହି ଉନ୍ନତ ମୋବାଇଲ୍ ଭିତ୍ତିଭୂମି ଇଣ୍ଟରନେଟ୍ ପ୍ରବେଶରେ ଏକ ବ୍ୟାପକ ବୃଦ୍ଧି ଆଣିଛି । ଗତ ୧୧ ବର୍ଷ ମଧ୍ୟରେ ଭାରତର ଇଣ୍ଟରନେଟ୍ ଉପଭୋକ୍ତା ଆଧାର ୨୮୫% ବୃଦ୍ଧି ପାଇଛି । ସେହି ସମୟରେ, ୱାୟାରଲେସ୍ ଡାଟାର ମୂଲ୍ୟ ୨୦୧୪ରେ ପ୍ରତି ଜିବି ୩୦୮ ଟଙ୍କାରୁ ୨୦୨୨ରେ ମାତ୍ର ୯.୩୪ ଟଙ୍କାକୁ ହ୍ରାସ ପାଇଛି, ଯାହା ଡିଜିଟାଲ୍ ସେବାଗୁଡ଼ିକୁ ଅତ୍ୟନ୍ତ ସୁଲଭ କରିଛି । ପୂର୍ବ ଅପେକ୍ଷା ଅଧିକ ଲୋକ ଏବେ ଡିଜିଟାଲ୍ ଅର୍ଥନୀତିରେ ଅଂଶଗ୍ରହଣ କରିପାରୁଛନ୍ତି । ଏହି ଡିଜିଟାଲ ପ୍ରୟାସର ଏକ ପ୍ରମୁଖ ଅଂଶ ଗ୍ରାମୀଣ ଭାରତକୁ ସଂଯୋଗ କରିବା ଉପରେ ଆଧାରିତ । ଭାରତନେଟ୍ ପ୍ରକଳ୍ପ ୨.୧୪ ଲକ୍ଷରୁ ଅଧିକ ଗ୍ରାମ ପଞ୍ଚାୟତକୁ ହାଇ-ସ୍ପିଡ୍ ଇଣ୍ଟରନେଟ୍ ସଂଯୋଗ କରିଛି । ଏହି ପଦକ୍ଷେପ ଅଧୀନରେ ପ୍ରାୟ ୬.୯୩ ଲକ୍ଷ କିଲୋମିଟର ଅପ୍ଟିକାଲ୍ ଫାଇବର କେବୁଲ୍ ବିଛାଯାଇଛି । ଯେଉଁ ଗ୍ରାମଗୁଡ଼ିକରେ ପୂର୍ବରୁ ମୌଳିକ ଇଣ୍ଟରନେଟ୍ ସୁବିଧା ନଥିଲା, ସେଠାରେ ଦ୍ୱାରଦେଶରେ ଡିଜିଟାଲ ଉପକରଣ ମିଳିପାରୁଛି । ପ୍ରଯୁକ୍ତିବିଦ୍ୟା ସରକାରଙ୍କ ସହିତ ଲୋକଙ୍କ ପାରସ୍ପରିକ କ୍ରିୟାକୁ ପୁନଃଆକାର ଦେଇଛି । ସ୍ୱାସ୍ଥ୍ୟ ଠାରୁ ଡକ୍ୟୁମେଣ୍ଟେସନ୍ ପର୍ଯ୍ୟନ୍ତ ସାର୍ବଜନୀନ ସେବାଗୁଡ଼ିକ ଦ୍ରୁତ, ଅଧିକ ସ୍ୱଚ୍ଛ ଏବଂ ସହଜରେ ପହଞ୍ଚିଛି । ଡିଜିଟାଲ ପ୍ଲାଟଫର୍ମଗୁଡ଼ିକ କଲ୍ୟାଣର ସୁଗମ ବିତରଣକୁ ସକ୍ଷମ କରିଛି ଏବଂ ନାଗରିକମାନଙ୍କୁ ସଶକ୍ତ କରିଛି, ବିଶେଷକରି ଦୂରଦୂରାନ୍ତ ଅଞ୍ଚଳରେ । କୋୱିନ୍ ପୋର୍ଟାଲ୍ ଏହାର କୋଭିଡ୍-୧୯ ଟୀକାକରଣ କାର୍ଯ୍ୟକ୍ରମ ପରିଚାଳନା ପାଇଁ ଭାରତର ଡିଜିଟାଲ ମେରୁଦଣ୍ଡ ଭାବରେ କାର୍ଯ୍ୟ କରିଥିଲା । ଏହା ସରକାରୀ ଏବଂ ଘରୋଇ ଉଭୟ କ୍ଷେତ୍ରର ଟିକା ନିର୍ମାତା, ପ୍ରଶାସକ, ସ୍ୱାସ୍ଥ୍ୟସେବା କର୍ମୀ ଏବଂ ହିତାଧିକାରୀଙ୍କ ସମେତ ପ୍ରମୁଖ ଅଂଶୀଦାରମାନଙ୍କୁ ସଂଯୋଗ କରିଥିଲା । ୨୨୦ କୋଟିରୁ ଅଧିକ ଡୋଜ୍ ପରିଚାଳନା କରି କୋୱିନ୍? ବିଶ୍ୱର ସର୍ବବୃହତ ଟୀକାକରଣ ଅଭିଯାନ ମଧ୍ୟରୁ ଗୋଟିଏରେ ସ୍ୱଚ୍ଛତା, ଦକ୍ଷତା ଏବଂ ବ୍ୟାପକତା ଆଣିଥିଲା । ଏହାର ସଫଳତା ଅନ୍ତର୍ଜାତୀୟ ସ୍ତରରେ ଆଗ୍ରହ ସୃଷ୍ଟି କରିଛି, ଅନେକ ଦେଶ ଏହାକୁ ନିଜସ୍ୱ ଡିଜିଟାଲ୍ ସାର୍ବଜନୀନ ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ଏକ ମଡେଲ୍ ଭାବରେ ଅନୁସନ୍ଧାନ କରୁଛନ୍ତି । ଜନ ସେବା କେନ୍ଦ୍ର (ସିଏସସି) କାର୍ଯ୍ୟକ୍ରମ ଭାରତ ସରକାରଙ୍କ ଏକ ପଦକ୍ଷେପ ଯାହା ସାଧାରଣ ସେବା ପାଇଁ ସହଜ ପ୍ରବେଶକୁ ସକ୍ଷମ କରିଥାଏ, ବିଶେଷକରି ଗ୍ରାମୀଣ ନାଗରିକଙ୍କ ପାଇଁ । ଗ୍ରାମ ସ୍ତରୀୟ ଉଦ୍ୟୋଗୀ (ଭିଏଲଇ) ଦ୍ୱାରା ପରିଚାଳିତ, ସିଏସସି ଗୁଡ଼ିକ ଡିଜିଟାଲ୍ ପ୍ରବେଶ ବିନ୍ଦୁ ଭାବରେ କାର୍ଯ୍ୟ କରେ ଯାହା ବ୍ୟାଙ୍କିଙ୍ଗ, ବୀମା, ଶିକ୍ଷା ଏବଂ ଟେଲିମେଡିସିନ୍ ସମେତ ବିଭିନ୍ନ ସେବା ପ୍ରଦାନ କରେ ।

୩୧ ଜାନୁଆରୀ ୨୦୨୫ ସୁଦ୍ଧା ସାରା ଦେଶରେ ୫.୯୭ ଲକ୍ଷ ସିଏସସି କାର୍ଯ୍ୟକ୍ଷମ ଅଛି, ଯେଉଁଥିରୁ ୪.୭୩ ଲକ୍ଷ ଗ୍ରାମ ପଞ୍ଚାୟତ ସ୍ତରରେ କାର୍ଯ୍ୟ କରୁଛନ୍ତି । କେବଳ ସେବା କେନ୍ଦ୍ର ଅପେକ୍ଷା ଅଧିକ ସିଏସସିଗୁଡ଼ିକ ତୃଣମୂଳ ସ୍ତରର ଡିଜିଟାଲ୍ ସଶକ୍ତିକରଣର ପ୍ରତୀକ ଭାବରେ ଠିଆ ହୋଇଛି ଯାହା ବ୍ୟବଧାନକୁ ଦୂର କରିବା ସହ ଯାତ୍ରା ହ୍ରାସ କରି ଏବଂ ପ୍ରଶାସନକୁ ଦ୍ୱାରଦେଶକୁ ଆଣିଛି । ଭାରତର ଡିଜିଟାଲ୍ ପରିବର୍ତ୍ତନ କେବଳ ଉପଲବ୍ଧତା ଉପରେ ଆଧାରିତ ନୁହେଁ; ଏହା ଜନସାଧାରଣ ଏବଂ ଅନୁଷ୍ଠାନଗୁଡ଼ିକୁ ପ୍ରଭାବଶାଳୀ ଭାବରେ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବାକୁ ସକ୍ଷମ କରିବା ଉପରେ ମଧ୍ୟ ଆଧାରିତ । ଭାଷା ପ୍ରତିବନ୍ଧକ ଭାଙ୍ଗିବାଠାରୁ ଆରମ୍ଭ କରି ସରକାରୀ କର୍ମଚାରୀଙ୍କ ଦକ୍ଷତାକୁ ଉନ୍ନତ କରିବା ପର୍ଯ୍ୟନ୍ତ, ଡିଜିଟାଲ୍ କ୍ଷମତା ନିର୍ମାଣ ଅଧୀନରେ ପଦକ୍ଷେପଗୁଡ଼ିକ ନାଗରିକ ଏବଂ ସରକାରୀ କର୍ମଚାରୀ ଉଭୟଙ୍କୁ ଡିଜିଟାଲ୍-ପ୍ରଥମ ପରିବେଶରେ ଉନ୍ନତି ପାଇଁ ସଜ୍ଜିତ ହେବାକୁ ସକ୍ଷମ କରିଛି । ଭାଷିନୀ (ଭାଷା ଇଣ୍ଟରଫେସ୍ ଫର୍ ଇଣ୍ଡିଆ) ହେଉଛି ଜାତୀୟ ଭାଷା ଅନୁବାଦ ମିଶନ (ଏନଏଲଟିଏମ) ଅନ୍ତର୍ଗତ ଏକ ଅଗ୍ରଣୀ ପଦକ୍ଷେପ, ଯାହାର ଲକ୍ଷ୍ୟ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଭାରତର ଭାଷାଗତ ବିବିଧତାକୁ ଯୋଡ଼ିବା । କୃତ୍ରିମ ବୁଦ୍ଧିମତ୍ତା ଏବଂ ପ୍ରାକୃତିକ ଭାଷା ପ୍ରକ୍ରିୟାକରଣର ଶକ୍ତିକୁ ବ୍ୟବହାର କରି, ଭାଷିନୀ ବହୁ ଭାରତୀୟ ଭାଷାରେ ଡିଜିଟାଲ୍ ବିଷୟବସ୍ତୁ ଏବଂ ସାର୍ବଜନୀନ ସେବାଗୁଡ଼ିକୁ ଉପଲବ୍ଧ କରାଇବାକୁ ସକ୍ଷମ କରିଥାଏ । ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଅଧୀନରେ ଡିଜିଟାଲ୍ ଇଣ୍ଡିଆ ଭାଷିନୀ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଏହି ପ୍ଲାଟଫର୍ମ ଏକ ପ୍ରକୃତ ସମାବେଶୀ ଡିଜିଟାଲ୍ ଇଣ୍ଡିଆର ଦୃଷ୍ଟିକୋଣକୁ ସାକାର କରିବାରେ ସାହାଯ୍ୟ କରୁଛି । ମଇ ୨୦୨୫ ସୁଦ୍ଧା ଭାଷିନୀ ୧,୬୦୦ରୁ ଅଧିକ ଏଆଇ ମଡେଲ୍ ଏବଂ ୧୮ ଭାଷା ସେବା ସହିତ ୩୫+ ଭାଷାକୁ ସମର୍ଥନ କରେ । ଏହା ଆଇଆରସିଟି, ଏନପିସିଆଇର ଆଇଭିଆରଏସ ସିଷ୍ଟମ୍ ଏବଂ ପୋଲିସ ଡକ୍ୟୁମେଣ୍ଟେସନ୍ ଭଳି ବହୁଳ ଭାବରେ ବ୍ୟବହୃତ ପ୍ଲାଟଫର୍ମ ସହିତ ସମନ୍ୱିତ, ଯାହା ଅତ୍ୟାବଶ୍ୟକ ସେବାଗୁଡ଼ିକୁ ସମସ୍ତଙ୍କ ପାଇଁ ଅଧିକ ସମାବେଶୀ ଏବଂ ସୁଗମ କରିଥାଏ । ୮.୫ ଲକ୍ଷରୁ ଅଧିକ ମୋବାଇଲ୍ ଆପ୍ ଡାଉନଲୋଡ୍ ସହିତ, ଭାଷିନୀ ନାଗରିକମାନଙ୍କୁ ସେମାନଙ୍କ ପସନ୍ଦର ଭାଷାରେ ଡିଜିଟାଲ୍ ପ୍ଲାଟଫର୍ମ ସହିତ ଜଡିତ ହେବା ପାଇଁ ସଶକ୍ତ କରିଚାଲିଛି । ପ୍ରଧାନମନ୍ତ୍ରୀ ଗ୍ରାମୀଣ ଡିଜିଟାଲ୍ ସାକ୍ଷରତା ଅଭିଯାନ ଗ୍ରାମୀଣ ନାଗରିକଙ୍କୁ ମୌଳିକ ଡିଜିଟାଲ୍ ସାକ୍ଷରତା ସହିତ ସଶକ୍ତ କରିବା ପାଇଁ ଆରମ୍ଭ କରାଯାଇଥିଲା । ଏହାକୁ ସମଗ୍ର ଭାରତର ପ୍ରତ୍ୟେକ ଗ୍ରାମୀଣ ପରିବାରର ଜଣେ ବ୍ୟକ୍ତିଙ୍କୁ ଲକ୍ଷ୍ୟ କରି କରାଯାଇଥିଲା । ଏହି ପଦକ୍ଷେପର ଲକ୍ଷ୍ୟ ଥିଲା ଅତି କମରେ ୬ କୋଟି ବ୍ୟକ୍ତିଙ୍କୁ ଡିଜିଟାଲ୍ ସାକ୍ଷର କରିବା, ଯାହା ସେମାନଙ୍କୁ ଆତ୍ମବିଶ୍ୱାସର ସହିତ ଡିଜିଟାଲ୍ ସେବା ଏବଂ ସୂଚନା ପାଇବାକୁ ସକ୍ଷମ କରିବ । ସିଏସସି ଇ-ଗଭର୍ଣ୍ଣାନ୍ସ ସର୍ଭିସେସ୍ ଇଣ୍ଡିଆ ଲିମିଟେଡ୍ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଏହି ଯୋଜନା ୨.୫୨ ଲକ୍ଷ ଗ୍ରାମ ପଞ୍ଚାୟତରେ ବିସ୍ତାରିତ ୪.୩୯ ଲକ୍ଷ ଜନ ସେବା କେନ୍ଦ୍ରର ଏକ ବିଶାଳ ତୃଣମୂଳ ସ୍ତରର ନେଟୱାର୍କକୁ ବ୍ୟବହାର କରିଥିଲା । ୩୧ ମାର୍ଚ୍ଚ, ୨୦୨୪ରେ ଯୋଜନାର ଆନୁଷ୍ଠାନିକ ସମାପ୍ତି ସମୟରେ ଏହା ମୂଳ ଲକ୍ଷ୍ୟ ଅତିକ୍ରମ କରି ୬.୩୯ କୋଟି ବ୍ୟକ୍ତିଙ୍କୁ ସଫଳତାର ସହିତ ତାଲିମ ଦେଇଥିଲା ଯାହା ଏହାକୁ ବିଶ୍ୱର ସର୍ବବୃହତ ଡିଜିଟାଲ୍ ସାକ୍ଷରତା ଅଭିଯାନ ମଧ୍ୟରୁ ଅନ୍ୟତମ କରିଥିଲା । ସେହିପରି କର୍ମଯୋଗୀ ଆଇଗଟ୍ ? ପ୍ଲାଟଫର୍ମରେ ମଇ ୨୦୨୫ ସୁଦ୍ଧା ୧.୦୭ କୋଟିରୁ ଅଧିକ କର୍ମଯୋଗୀଙ୍କୁ ଏହି ପ୍ଲାଟଫର୍ମରେ ସାମିଲ କରାଯାଇଛି । ଏହା ବିଭିନ୍ନ ଶାସନ କ୍ଷେତ୍ରରେ ୨,୫୮୮ଟି ପ୍ରଶିକ୍ଷଣ ପାଠ୍ୟକ୍ରମ ପ୍ରଦାନ କରେ । ୩.୨୪ କୋଟିରୁ ଅଧିକ ଶିକ୍ଷା ପ୍ରମାଣପତ୍ର ପ୍ରଦାନ କରାଯିବା ସହିତ, ଏହି ପ୍ଲାଟଫର୍ମ ଅନଲାଇନ୍, ସିଧାସଳଖ ଏବଂ ମିଶ୍ରିତ ଫର୍ମାଟ ମାଧ୍ୟମରେ ନିରନ୍ତର ଶିକ୍ଷା ପ୍ରଦାନ କରେ ।

କେନ୍ଦ୍ର କ୍ୟାବିନେଟ ଦ୍ୱାରା ଅନୁମୋଦନ ଲାଭ କରିଥିବା ଇଣ୍ଡିଆ ଏଆଇ ମିଶନ ଦେଶରେ ଏଆଇ କ୍ଷେତ୍ରରେ ପ୍ରଗତି ଆଣିବା ଦିଗରେ କାର୍ଯ୍ୟ କରୁଛି । ପାଞ୍ଚ ବର୍ଷ ମଧ୍ୟରେ ମୋଟ ୧୦,୩୭୧.୯୨ କୋଟି ଟଙ୍କା ବ୍ୟୟବରାଦ ସହିତ, ଏହି ମିଶନର ଲକ୍ଷ୍ୟ ଜାତୀୟ ପ୍ରାଥମିକତା ସହିତ ସମନ୍ୱିତ ଦାୟିତ୍ୱପୂର୍ଣ୍ଣ ଏଆଇ ନବସୃଜନକୁ ଆଗକୁ ବଢ଼ାଇବା । ୩୦ ମଇ ୨୦୨୫ ସୁଦ୍ଧା ଭାରତର ଜାତୀୟ କମ୍ପ୍ୟୁଟ୍ କ୍ଷମତା ୩୪ ହଜାର ଜିପିୟୁ ଅତିକ୍ରମ କରିସାରିଛି, ଯାହା ଏଆଇ-ନେତୃତ୍ୱାଧୀନ ଗବେଷଣା ଏବଂ ବିକାଶ ପାଇଁ ଏକ ଦୃଢ଼ ମୂଳଦୁଆ ସ୍ଥାପନ କରିଛି । ଭାରତ ସେମିକଣ୍ଡକ୍ଟର ମିଶନ ଭାରତର ଡିଜିଟାଲ ପରିବର୍ତ୍ତନର ପ୍ରମୁଖ ବାହକ ଭାବେ ଉଭା ହୋଇଛି । ୧୪ ମଇ, ୨୦୨୫ ସୁଦ୍ଧା ଏହି କାର୍ଯ୍ୟକ୍ରମ ଅଧୀନରେ ଛଅଟି ସେମିକଣ୍ଡକ୍ଟର ଉତ୍ପାଦନ ପ୍ରକଳ୍ପକୁ ଅନୁମୋଦନ କରାଯାଇଥିଲା, ଯାହାର କ୍ରମାଗତ ନିବେଶ ୧.୫୫ ଲକ୍ଷ କୋଟି ଟଙ୍କାରୁ ଅଧିକ ଥିଲା । ପୂର୍ବରୁ ପାଞ୍ଚଟି ସେମିକଣ୍ଡକ୍ଟର ୟୁନିଟ୍ ନିର୍ମାଣର ଉନ୍ନତ ପର୍ଯ୍ୟାୟରେ ଅଛି । ୧୪ ମଇ, ୨୦୨୫ରେ ଅନୁମୋଦିତ ହୋଇଥିବା ସଦ୍ୟତମ ପ୍ରକଳ୍ପ ହେଉଛି ଉତ୍ତର ପ୍ରଦେଶର ଜେୱର ବିମାନବନ୍ଦର ନିକଟରେ ଏକ ଡିସପ୍ଲେ ଡ୍ରାଇଭର ଚିପ୍ ଉତ୍ପାଦନ କାରଖାନା ସ୍ଥାପନ କରିବା ପାଇଁ ଏଚସିଏଲ ଏବଂ ଫକ୍ସକନ ମଧ୍ୟରେ ଏକ ମିଳିତ ଉଦ୍ୟୋଗ । ଭାରତ ଆର୍ଥିକ ବର୍ଷ ୨୦୨୩-୨୪ରେ ଏହାର ସର୍ବୋଚ୍ଚ ପ୍ରତିରକ୍ଷା ଉତ୍ପାଦନ ମୂଲ୍ୟ ରେକର୍ଡ କରିଛି ଯାହାକି ୧,୨୭,୪୩୪ କୋଟି ଟଙ୍କାରେ ପହଞ୍ଚିଛି । ଏହା ୨୦୧୪-୧୫ରେ ୪୬,୪୨୯ କୋଟି ଟଙ୍କା ତୁଳନାରେ ୧୭୪ ପ୍ରତିଶତ ବୃଦ୍ଧି । ଏହି ବୃଦ୍ଧି ସ୍ୱଦେଶୀ ପ୍ଲାଟଫର୍ମ ଯେପରିକି ହାଲୁକା ଯୁଦ୍ଧ ବିମାନ ତେଜସ, ଅର୍ଜୁନ ଟ୍ୟାଙ୍କ, ଆକାଶ କ୍ଷେପଣାସ୍ତ୍ର ପ୍ରଣାଳୀ, ଏଏଲଏଚ୍ ? ଧ୍ରୁବ ହେଲିକପ୍ଟର ଏବଂ ଅନେକ ଘରୋଇ ଭାବରେ ନିର୍ମିତ ନୌସେନା ଜାହାଜର ବର୍ଦ୍ଧିତ ଶକ୍ତିକୁ ପ୍ରତିଫଳିତ କରେ । ଏହି ସ୍ୱଦେଶୀକରଣ ପ୍ରଚେଷ୍ଟାର ଏକ ପ୍ରମୁଖ ବାହକ ହେଉଛି ସରକାରଙ୍କ ଦ୍ୱାରା ପାଞ୍ଚଟି ସକାରାତ୍ମକ ସ୍ୱଦେଶୀକରଣ ତାଲିକା ପ୍ରଚଳନ ।

## ଘୋଷଣାର ମାତ୍ର ଅଢେଇ ଘଣ୍ଟା ପରେ ଭାଙ୍ଗିଗଲା ଯୁଦ୍ଧବିରତି, ଇସ୍ରାଏଲ ଉପରେ ଇରାନର ମିସାଇଲ ମାଡ଼ !



ନୂଆଦିଲ୍ଲୀ : ସେପଟେ ଯୁଦ୍ଧବିରତିକୁ ସହମତି, ଏପଟେ ପୁଣି ଆଟାକ । ଘୋଷଣାର ମାତ୍ର ଅଢେଇ ଘଣ୍ଟା ପରେ ଭାଙ୍ଗିଗଲା ଯୁଦ୍ଧବିରତି । ତେଲଅଭିଭ ଅଭିମୁଖେ ଇରାନ ମିସାଇଲ ମାଡ଼ିଆସୁଛି ବୋଲି ଇସ୍ରାଏଲ ଚେତାବନୀ ଦେବା ସହ କାଉଣ୍ଟର ଆଟାକ ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛି । ତେହରାନ ଲଗାତର ମିସାଇଲ ମାଡ଼ କରି ସିଜଫାୟାର ଉଲ୍ଲଂଘନ କରିଥିବା କହିଛ ଓଉର । ଫଳରେ ଇରାନକୁ କଡା ଜବାବ ଦେବାକୁ ନିଜ ସଶସ୍ତ୍ର ସେନାକୁ ନିର୍ଦ୍ଦେଶ ଦେଇଛନ୍ତି ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ । ତେବେ ଏହାକୁ ଖଣ୍ଡନ କରିଛି ଇରାନ । ଇସ୍ରାଏଲ ଉପରେ ଆକ୍ରମଣ କରିନଥିବା କହିଛି । ମାତ୍ର କିଛି ଘଣ୍ଟା ପୂର୍ବରୁ ଇରାନ ସହ ଯୁଦ୍ଧବିରତିକୁ ଇସ୍ରାଏଲ ସହମତି ଦେଇଥିଲା । ଯୁଦ୍ଧବିରତି ଉଲଂଘନ ନ କରିବାକୁ ଉଭୟ ପକ୍ଷକୁ ଅନୁରୋଧ କରିଥିଲେ ଆମେରକା ରାଷ୍ଟ୍ରପତି । କିନ୍ତୁ ଇରାନ ଏହାକୁ ଉଲଂଘନ କରି ଇସ୍ରାଏଲ ଉପରେ ଆଟାକ କରିଥିବା ଇସ୍ରାଏଲ ଅଭିଯୋଗ କରିଛି । ଫଳରେ ଏକ ଦୀର୍ଘମିଆଦି ଯୁଦ୍ଧବିରତିକୁ ନେଇ ସନ୍ଦେହ ପ୍ରକାଶ ପାଇଛି । ସେହିପରି ଯୁଦ୍ଧବିରତିକୁ ନେଇ ବଡ଼ ପ୍ରଶ୍ନ ଭିତରେ, ଇରାନର ପରମାଣୁ କାର୍ଯ୍ୟକ୍ରମକୁ ନେଇ ଚର୍ଚ୍ଚା ବି ଥମିନି । କୁହାଯାଉଛି, ବୋଧହୁଏ ଉତ୍ତରକୋରିଆ ମଡେଲ ଆପଣାଇଛି ତେହରାନ । ଇରାନର ପରମାଣୁ କାର୍ଯ୍ୟକ୍ରମ ଅଣ୍ଡରଗ୍ରାଉଣ୍ଡ ଚାଲିବ ବୋଲି ଚର୍ଚ୍ଚା ହେଉଛି । କାରଣ ଏବେବି ଅନେକ ପରିମାଣର ୟୁରାନିୟମକୁ ଇରାନ ମାଟିତଳେ ଗୋପନ ଭାବରେ ଲୁଚାଇ ରଖିଥିବା କୁହାଯାଉଛି । ଏମିତି ଅନେକ ରିପୋର୍ଟ ଆସିଛି ଯେଉଁଥିରୁ ଜଣାପଡିଛି ଯେ, ଇରାନ ତାର ପରମାଣୁ ବୋମା ତିଆରି ସଂକଳ୍ପକୁ ବରଂ ଆହୁରି ସୁଦୃଢ଼ କରିଛି । ଇରାନର ଏକାଧିକ ପରମାଣୁ ପ୍ରତିଷ୍ଠାନ ଉପରେ ମିଳିତ ଆକ୍ରମଣ କରିଥିଲେ ଆମେରକା ଏବଂ ଇସ୍ରାଏଲ । ଟ୍ରମ୍ପ ସ୍ପଷ୍ଟ କରିଥିଲେ ଆମେରିକା ସେନାର ଆକ୍ରମଣରେ ଇରାନର ନାତାଞ୍ଜ, ଫୋର୍ଡୋ ଏବଂ ଇସ୍ଫାହାନ ଆଣବିକ ପ୍ଲାଣ୍ଟ ମାଟିରେ ମିଶିଛି ।

## ଇରାନ-ଇସ୍ରାଏଲ ଉତ୍ତେଜନା, ଯାତ୍ରୀମାନଙ୍କ ପାଇଁ ଆଡ଼ଭାଇଜରି ଜାରି

ଇରାନ ଇସ୍ରାଏଲ ବିବାଦରେ ଆମେରିକାର ପ୍ରବେଶ ଯୋଗୁଁ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଗୋଟିଏ ପଟେ ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଯୁଦ୍ଧ ଭୟଙ୍କର ହେବାରେ ଲାଗିଛି, ଅନ୍ୟପଟେ ଇରାନ ଏବଂ ଆମେରିକା ମଧ୍ୟ ମୁହାଁମୁହିଁ ହୋଇଛନ୍ତି । ଆମେରିକା ଇରାନର ପରମାଣୁ ଘାଟିକୁ ଟାର୍ଗେଟ କରିବା ପରେ, ଇରାନ ପ୍ରତିଶୋଧ ନେଇଛି । ଇରାନ କାତାରରେ ଥିବା ଆମେରିକୀୟ ସାମରିକ ଘାଟି ଆଡ଼କୁ ୬ଟି କ୍ଷେପଣାସ୍ତ୍ର ମାଡ଼ କରିଛି । ରବିବାର ସକାଳେ ଆମେରିକା ଇରାନର ତିନୋଟି ପରମାଣୁ ସ୍ଥଳକୁ ଟାର୍ଗେଟ କରିଥିଲା । ଏବେ ଡୋନାଲ୍ଡ ଟ୍ରମ୍ପ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧବିରତି ଦାବି କରିଛନ୍ତି । ଇରାନର ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ ଯଦି ଇସ୍ରାଏଲ ସ୍ଥାନୀୟ ସମୟ ସକାଳ ୪ଟା ସୁଦ୍ଧା ବିମାନ ଆକ୍ରମଣ ବନ୍ଦ କରେ, ତେବେ ତେହେରାନ ଏହାର ଆକ୍ରମଣ ବନ୍ଦ କରିବ । ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚିଙ୍କ ମନ୍ତବ୍ୟ ହେଉଛି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଇରାନ ଏବଂ ଇସ୍ରାଏଲ ମଧ୍ୟରେ କଥିତ ଯୁଦ୍ଧବିରତି ଉପରେ ଇରାନର ପ୍ରଥମ ସରକାରୀ ମନ୍ତବ୍ୟ । ଆରାଘଚି ତେହେରାନ ସମୟ ସକାଳ ୪.୧୬ରେ ସୋସିଆଲ ପ୍ଲାଟଫର୍ମ 'ଏକ୍ସ' ରେ ଏକ ବାର୍ତ୍ତା ପଠାଇଥିଲେ । ସେପଟେ ଏମିରେଟ୍ସ ଏୟାରଲାଇନ୍ସ କହିଛି ଯେ ସତର୍କତାର ସହ ବିପଦ ତର୍ଜମା ପରେ, ଚାପ କ୍ଷେତ୍ରରୁ ଦୂରରେ ଉଡ଼ାଣ ରୁଟ୍ ବ୍ୟବହାର କରାଯିବ ଏବଂ ଉଡ଼ାଣ ସେବା ଜାରି ରହିବ । ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଉତ୍ତେଜନା ମଧ୍ୟରେ ଏମିରେଟ୍ସ ଏୟାରଲାଇନ୍ସ ଯାତ୍ରୀମାନଙ୍କ ପାଇଁ ଏକ ଟ୍ରାଫିକ ପରାମର୍ଶ ଜାରି କରିଛି । ଏୟାରଲାଇନ୍ସ କହିଛି ଯେ ଏହାର ସମସ୍ତ ଉଡ଼ାଣ ସମୟସୂଚୀ ଅନୁଯାୟୀ ଚାଲିବ ।

## ଲଣ୍ଡନରୁ ମୁମ୍ବାଇ ଆସୁଥିଲା ଏୟାର ଇଣ୍ଡିଆ ବିମାନ, ମଝି ଆକାଶରେ ଅସୁସ୍ଥ ହେଲେ ୧୧ ଜଣ




ନୂଆଦିଲ୍ଲୀ : ପୁଣି ସମସ୍ୟାରେ ଏୟାର ଇଣ୍ଡିଆ ବିମାନ । ବିମାନ ଯାତ୍ରା ବେଳେ ମଝି ଆକାଶରେ ଯାତ୍ରୀ ଅସୁସ୍ଥ ହୋଇପଡ଼ିଛନ୍ତି । ଲଣ୍ଡନରୁ ମୁମ୍ବାଇ ଆସୁଥିବା ବିମାନରେ ୧୧ ଜଣ ଅସୁସ୍ଥ ହୋଇପଡ଼ିଛନ୍ତି । ୬ ଜଣ କ୍ରୁ ମେମ୍ବରଙ୍କ ସମେତ ୧୧ ଜଣ ଅସୁସ୍ଥ ହୋଇପଡ଼ିଛନ୍ତି । ମୁଣ୍ଡ ବୁଲାଇବା ସହ ବିମାନ ଭିତରେ ବାନ୍ତିକଲେ ଯାତ୍ରୀ । ତେବେ ଫୁଡ ପଏଜିଂ ପାଇଁ ଏମାନେ ଅସୁସ୍ଥ ହୋଇଥିବା ଆଶଙ୍କା କରାଯାଉଛି । ଏୟାର ଇଣ୍ଡିଆ ଏକ ବିବୃତ୍ତିରେ କହିଛି ଯେ, ୧୧ ଜଣଙ୍କ ମଧ୍ୟରୁ ଦୁଇଜଣ ଯାତ୍ରୀ ଏବଂ ଦୁଇ ଜଣ କ୍ରୁ ସଦସ୍ୟ ପ୍ରଥମେ ଅସୁସ୍ଥତା ଅନୁଭବ କରୁଥିଲେ । ଏମାନଙ୍କୁ ପ୍ରଥମେ ମେଡିକାଲ ରୁମକୁ ନିଆଯାଇଥିଲା । ଏହାପରେ ଅନ୍ୟମାନେ ଅସୁସ୍ଥ ହୋଇପଡ଼ିଲେ । ବିମାନ ଚଳାଚଳ କମ୍ପାନୀ କହିଛି ଯେ, ବିମାନ ସୁରକ୍ଷିତ ଭାବେ ମୁମ୍ବାଇରେ ଅବତରଣ କରିଛି । ଏହାପରେ ଏୟାର ଇଣ୍ଡିଆର ମେଡିକାଲ ଟିମ ସଙ୍ଗେ ସଙ୍ଗେ ଚିକିତ୍ସା ସହାୟତା ପ୍ରଦାନ କରିବା ଲାଗି ପ୍ରସ୍ତୁତ ଥିଲା । ଏହି ଘଟଣା ବିଷୟରେ ଏୟାର ଇଣ୍ଡିଆ ବିମାନ ସୁରକ୍ଷା ନିୟାମକ, ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟକୁ ରିପୋର୍ଟ କରିଛି । ସୂଚନାଯୋଗ୍ୟ, ଜୟପୁରରୁ ଦୁବାଇ ଯିବା ପାଇଁ ଏୟାର ଇଣ୍ଡିଆ ଏକ୍ସପ୍ରେସ ପ୍ଲେନରେ ଯାତ୍ରୀ ବୋର୍ଡିଂ ହେବା ପରେ ଟାକ୍ସି ୱେ ପର୍ଯ୍ୟନ୍ତ ଚାଲିଯାଇଥିଲା । ଏହାପରେ ପାଇଲଟ ବିମାନରେ ଯାନ୍ତ୍ରିକ ତ୍ରୁଟି ଥିବା ଜାଣିବାକୁ ପାଇଥିଲେ । ବିମାନରେ ଯାତ୍ରୀ ୪ ଘଣ୍ଟା ବସିବା ପରେ ମଧ୍ୟ ବିମାନଟି ଠିକ୍ ହୋଇପାରିନଥିଲା । ଫଳରେ ବିମାନ ଉଡ଼ାଣକୁ ବାତିଲ କରାଯାଇଥିଲା । ଏହାସହିତ ଯାତ୍ରୀଙ୍କୁ ଆଗାମୀ ଦିନରେ ଟିକେଟ କରାଇବା କିମ୍ବା ରିଫଣ୍ଡ ବିକଳ୍ପ ଦିଆଯାଇଥିଲା । ଜୁନ୍ ୧୨ ତାରିଖରେ ଅହମଦାବାଦରୁ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ହୋଇଥିଲା । ଏଥିରେ ଥିବା ୨୪୧ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ବିମାନ ପଡିଥିବା ସ୍ଥାନରେ ୨୯ ଲୋକଙ୍କ ଜୀବନ ଚାଲିଯାଇଥିଲା । ଏହା ପୂର୍ବରୁ ଗୁରୁବାର ଦିନ ଏୟାର ଇଣ୍ଡିଆ ୩ଟି ଅର୍ନ୍ତରାଷ୍ଟ୍ରୀୟ ରୁଟର ଉଡ଼ାଣକୁ ବାତିଲ କରିଛି । ଜୁନ୍ ୨୧ରୁ ଜୁଲାଇ ୧୫ ଯାଏଁ ଏହି ୩ଟି ରୁଟରେ ଉଡ଼ାଣ ସେବା ବନ୍ଦ ରହିବ ବୋଲି କହିଛି ।

# ପ୍ରଥମ ଟେଷ୍ଟରେ ଭାରତର ଶୋଚନୀୟ ପରାଜୟ



## ବୋଲରଙ୍କୁ ନିରାଶ କଲେ ଡକେଟ

## ବେକାର ଗଲା ୫ ଶତକ




ଲିଡ୍ସ, ୨୪।୬: ନିରାଶ କଲେ ବୋଲର ୩୭୧ ରନକୁ ବି ବଞ୍ଚାଇ ପାରିଲାନି ଭାରତ। ଲିଡ୍ସରେ ଖେଳା ଯାଉଥିବା ପ୍ରଥମ ଟେଷ୍ଟରେ ପରାଜୟ ଭୋଗିଛି। ଭାରତ ବେନ ଡକେଟ୍‌ଙ୍କ ଦମଦାର ୧୪୯ ରନ ଇନିଂସ ବଳରେ ଇଂଲଣ୍ଡ ଐତିହାସିକ ବିଜୟ ହାସଲ କରିଛି। ଭାରତ ଦ୍ୱାରା ଧାର୍ଯ୍ୟ ୩୭୧ ରନର ବିଜୟ ଲକ୍ଷ୍ୟକୁ ୫ ୱିକେଟ୍ ହରାଇ ଶେଷ ଦିନର ଶେଷ ସେସନରେ ହାସଲ କରି ନେଇଛି। ଇଂଲଣ୍ଡ ବିଜୟ ସହ ଇଂଲଣ୍ଡ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି।ଲିଡ୍ସର ହେଡିଂଲିରେ ଖେଳାଯାଇଥିବା ଏହି ଟେଷ୍ଟ ମ୍ୟାଚରେ ଇଂଲଣ୍ଡ ଦଳ ଇତିହାସ ସୃଷ୍ଟି କରିଛି।ବିଡମ୍ବନାର ବିଷୟ ଭାରତର ବ୍ୟାଟରେ ୫ ଶତକ ମାରି ବି ପରାଜିତ ହୋଇଛି ଶୁଭମନ ଗିଲ୍‌ଙ୍କ ଟିମ୍।

୭୭ ବର୍ଷ ପରେ କୌଣସି ଦଳ ହେଡିଂଲି ଗ୍ରାଉଣ୍ଡରେ ଏତେ ବଡ଼ ରନ ପିଛା କରିଛି। ପୂର୍ବରୁ ୧୯୪୮ ମସିହାରେ ଏହି ଗ୍ରାଉଣ୍ଡରେ ୪୦୪ ରନର ଟାର୍ଗେଟ ପିଛା କରାଯାଇଥିଲା। ତାପରେ ଅଷ୍ଟ୍ରେଲିଆ। ଇଂଲଣ୍ଡକୁ ପରାସ୍ତ କରିଥିଲା। ସେବେଠାରୁ ଏହି ଗ୍ରାଉଣ୍ଡରେ ଏତେ ବଡ଼ ଟାର୍ଗେଟ କେବେ ପିଛା କରାଯାଇ ନଥିଲା। ଏବେ ଇଂଲଣ୍ଡ ହେଡିଂଲିରେ ଦ୍ୱିତୀୟ ସର୍ବାଧିକ ରନ ପିଛା କରିଥିବା ଦଳ ପାଲଟିଛି।

ପୂର୍ବରୁ ୨୦୧୯ ମସିହାରେ, ଇଂଲଣ୍ଡ ହେଡିଂଲିରେ ଅଷ୍ଟ୍ରେଲିଆ ବିରୁଦ୍ଧରେ ୩୬୨ ରନର ଟାର୍ଗେଟ ପିଛା କରିଥିଲା ତାପରେ ବ୍ରିଟିଶମାନେ କଙ୍ଗାରୁମାନଙ୍କୁ ଗୋଟିଏ କେଟରେ ପରାସ୍ତ କରିଥିଲେ। ସାମଗ୍ରିକ ଭାବରେ, ଏହି ଗ୍ରାଉଣ୍ଡରେ ୩୦୦ ରୁ ଅଧିକ ରନର ଟାର୍ଗେଟ ପିଛା କରିବା ଏହା ପଞ୍ଚମ ଥର।ଇଂଲଣ୍ଡ ପାଖରେ ୩୭୧ ରନ୍‌ର ଟାର୍ଗେଟ ସହଜରେ ହାସଲ କରିଥିଲେ। ଇଂଲଣ୍ଡ ପାଇଁ ବେନ୍ ଡକେଟ ୧୪୯, ଜ୍ୟାକ୍ କ୍ରାଉଲି ୬୫ ଏବଂ ଜୋ ରୁଟ୍ ଅପରାଜିତ ୫୩ ରନ୍ କରିଥିଲେ। ୱିକେଟ୍‌କିପର ବ୍ୟାଟ୍ସମ୍ୟାନ୍ ଜେମି ସ୍ମିଥ୍ ୪୪ ରନ୍‌ରେ ଅପରାଜିତ ରହିଥିଲେ। ଶେଷ ଦିନରେ ଇଂଲଣ୍ଡକୁ ଜିତିବା ପାଇଁ ଦରକାର ଥିଲା ୩୫୦ ରନ। ହେଲେ ଶେଷ ଦିନରେ ବେନ ଡକେଟ୍ ଦ୍ରୁତ ବ୍ୟାଟିଂ କରି ଭାରତୀୟ ବୋଲରଙ୍କୁ ନିରାଶ କରିଥିଲେ। ଜ୍ୟାକ କ୍ରାଉଲି ଓ ବେନ ଡକେଟ୍ ପ୍ରଥମ ୱିକେଟ୍‌ରେ ୧୮୮ ରନ ଯୋଡ଼ି ଦଳ ପାଇଁ ବିଜୟର ମୂଳଦୁଆ। ପକାଇଥିଲେ। ଜ୍ୟାକ କ୍ରାଉଲି ୬୫ ରନ କରି ଆଉଟ୍ ହୋଇଥିଲେ। ଓଲି ପପ ୮ ରନ କରି ପାଭିଲିୟନ ଫେରିଥିଲେ। ଡକେଟ୍ ୧୭୦ ବଲରୁ ୨୧ ଚୌକା ଓ ୧ ଛକା ସହ ୧୪୯ ରନ କରି ଦଳର ବିଜୟ ନିଶ୍ଚିତ କରିଥିଲେ।୫୫ମ ଓଭରରେ ଶାର୍ଦ୍ଦୁଳ ଠାକୁର ୨ଟି ୱିକେଟ୍ ନେଇ ଭାରତ ପାଇଁ ଆଶା ସଞ୍ଚାର କରିଥିଲେ ହେଁ ଜୋ ରୁଟ୍ ୫୩ ରନର ଅପରାଜିତ ଇନିଂସ ଖେଳିଥିଲେ। ତାଙ୍କ ବ୍ୟତୀତ ବେନ ଷ୍ଟୋକ୍ସ ୩୩ ରନ ଓ ଜେମି ସ୍ମିଥ ୪୪ ରନର ଦ୍ରୁତ ଇନିଂସ ଖେଳି ଦଳକୁ ସହଜ ବିଜୟ ଦେଇଛନ୍ତି। ଭାରତ ପକ୍ଷରୁ ସର୍ଦ୍ଦୁଲ ଠାକୁର ଓ ପ୍ରସିଦ୍ଧ କ୍ରିଷ୍ଣା ଦୁଇ ଲେଖାଏଁ ୱିକେଟ ନେଇଛନ୍ତି। ତେବେ ବୁମରା ଓ ସିରାଜ ୱିକେଟ ନେବାରେ ବିଫଳ ହେବାରୁ ଭାରତ ପାଇଁ ବିଜୟ ସୁଯୋଗ ସୃଷ୍ଟି ହୋଇପାରିନଥିଲା।ଏହି ଟେଷ୍ଟ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଭାରତୀୟ ଦଳ ୪୭୧ ରନ୍ କରିଥିଲା ଭାରତ ପାଇଁ ପ୍ରଥମ ଇନିଂସରେ ଯଶସ୍ୱୀ ଜୟସ୍ୱାଲ ୧୦୧, ଶୁଭମନ ଗିଲ୍ ୧୪୭ ଏବଂ ରିଷଭ ପନ୍ତ ୧୩୪ ରନ୍ କରିଥିଲେ। ଏହା ପରେ ଇଂଲଣ୍ଡ ପ୍ରଥମ ଇନିଂସରେ ୪୬୫ ରନ୍ କରିଥିଲା।ଇଂଲଣ୍ଡ ପାଇଁ ଓଲି ପୋପ୍ ୧୦୬ ଏବଂ ହ୍ୟାରି ବ୍ରୁକ୍ ୯୯ ରନ୍ କରିଥିଲେ। ଏହା ପରେ ଦ୍ୱିତୀୟ ଇନିଂସରେ ଟିମ୍ ଇଣ୍ଡିଆ। ୩୬୪ ରନ କରି ଇଂଲଣ୍ଡକୁ ୩୭୧ ରନ୍‌ର ଟାର୍ଗେଟ ଦେଇଥିଲା ଭାରତ ପାଇଁ କେଏଲ୍ ରାହୁଲ ୧୩୭ ଏବଂ ରିଷଭ ପନ୍ତ ୧୧୮ ରନ୍ କରିଥିଲେ ଉଭୟ ଇନିଂସ୍‌ରେ ପନ୍ତ ଶତକ କରିଥିଲେ।

# ଆଇସିସି ଆଚରଣବିଧି ଉଲ୍ଲଂଘନ କଲେ ପନ୍ତ




ଲିଡ୍ସ, ୨୪।୬: ଭାରତର ଉଇକେଟ୍‌କିପର-ବ୍ୟାଟର ରିଷଭ ପନ୍ତ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ଦ୍ୱାରା ଭର୍ତ୍ସିତ ହୋଇଛନ୍ତି। ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ତୃତୀୟ ଦିବସ ଖେଳ ବେଳେ ସେ ଅମ୍ପାୟରଙ୍କ ନିଷ୍ପତ୍ତିରେ ଅସହମତି ପ୍ରକାଶ କରିଥିଲେ ଏହାଦ୍ୱାରା ସେ ଆଇସିସି ଆଚରଣବିଧିର ଧାରା-୧ ଉଲ୍ଲଂଘନ କରିଛନ୍ତି।୨୭ ବର୍ଷୀୟ ପନ୍ତ ମ୍ୟାଚ୍‌ର ଉଭୟ ଇନିଂସରେ ଶତକ ହାସଲ କରିଛନ୍ତି। ପନ୍ତଙ୍କୁ ଭର୍ତ୍ସନା କରିବା ସହ ୨୪ ମାସ ମଧ୍ୟରେ ଏହା ତାଙ୍କର ପ୍ରଥମ ଅପରାଧ ହୋଇଥିବାରୁ ତାଙ୍କ ଶୃଙ୍ଖଳାଗତ ଖାତାରେ ଗୋଟିଏ ଡିମେରିଟ୍ ପଏଣ୍ଟ ଯୋଗକରାଯାଇଛି।

ଏହି ଘଟଣା ଇଂଲଣ୍ଡ ଇନିଂସର ୬୧ତମ ଓଭରରେ ହ୍ୟାରୀ ବ୍ରୁକ୍ ଓ ବେନ୍ ଷ୍ଟୋକ୍ସ ବ୍ୟାଟିଂ କରୁଥିବା ସମୟରେ ବଲ୍‌ର କଣ୍ଡିଶନକୁ ନେଇ ଅମ୍ପାୟରଙ୍କ ସହ ଆଲୋଚନା ବେଳେ ଦେଖିବାକୁ ମିଳିଥିଲା। ଅମ୍ପାୟର ବଲ୍‌ର ଗେଜ୍‌କୁ ଯାଞ୍ଚ କରିବା ପରେ ଏହାକୁ ବଦଳାଇବା ଲାଗି ମନା କରିଦେବାରୁ ଉଇକେଟ୍‌କିପର ଜଣକ ଅସହମତି ପ୍ରକାଶ କରିବା ସହ ଅମ୍ପାୟରଙ୍କ ସାମ୍ନାରେ ବଲ୍‌କୁ ଗ୍ରାଉଣ୍ଡ ଭିତରକୁ ଫିଙ୍ଗି ଦେଇଥିଲେ। ପନ୍ତ ତାଙ୍କ ଦୋଷ ସ୍ୱୀକାର କରିନେବାରୁ ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକ ପଡ଼ି ନ ଥିଲା।

## ଅଙ୍କିତା ମହାପାତ୍ରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଭୁବନେଶ୍ୱର, ୨୪।୬: ହାମର ଥ୍ରୋ ପ୍ରତିଯୋଗିତାରେ କାଂସ୍ୟ ପଦକ ଜିତିଥିବା ଅଙ୍କିତା ମହାପାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୨୩ ତମ ଜାତୀୟ ଜୁନିୟର (ୟୁ୨୦) ଫେଡେରେସନ ଆଥଲେଟିକ୍ସ ଚାମ୍ପିୟନସିପ୍ ୨୦୨୫ ରେ ହାମର ଥ୍ରୋ ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ କରି କାଂସ୍ୟ ପଦକ ଅର୍ଜନ କରିଥିବା ଓଡ଼ିଆ କ୍ରୀଡ଼ାବିତ୍ ଅଙ୍କିତା ମହାପାତ୍ରଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା। ଆପଣଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଓ ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।

# ପ୍ରଣତୀ ଓ ସାତ୍ତ୍ୱିକଙ୍କୁ ସମ୍ବର୍ଦ୍ଧନା







ଭୁବନେଶ୍ୱର, ୨୪।୬: ଏସିଆନ୍ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ ଚାମ୍ପିଅନସିପ୍-୨୦୨୫ରେ କାଂସ୍ୟ ପଦକ ଜିତିଥିବା କ୍ରୀଡ଼ାବିତ୍ ପ୍ରଣତୀ ନାୟକ ଏବଂ ୩୮ତମ ନ୍ୟାସନାଲ୍ ଅଣ୍ଡର-୯ ଚେସ୍ ଚାମ୍ପିଅନସିପ୍‌ରେ (୩୮ତମ ଜାତୀୟ ୯ବର୍ଷରୁ କମ୍ ଚେସ୍ ଚାମ୍ପିଅନସିପ୍) ସଫଳତା ଅର୍ଜନ କରିଥିବା ସାତ୍ତ୍ୱିକ ସ୍ୱାଇଁଙ୍କୁ ଆଜି ସମ୍ବର୍ଦ୍ଧିତ କରାଯାଇଛି।

କ୍ରୀଡ଼ାବିତ୍ ପ୍ରଣତୀ ନାୟକଙ୍କୁ ୭୫,୦୦୦ ଟଙ୍କା ଏବଂ ସାତ୍ତ୍ୱିକ ସ୍ୱାଇଁଙ୍କୁ ୩୦,୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି।କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉଭୟ କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏଥିସହିତ ଆଗାମୀ ଭବିଷ୍ୟତରେ ମଧ୍ୟ ଏହି ବିଜୟର ଯାତ୍ରା ଜାରି ରଖିବା ପାଇଁ କ୍ରୀଡ଼ାବିତଙ୍କୁ ପ୍ରେରିତ କରିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଥିଲେ। ଆଜିର ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା, ଯୁଗ୍ମ ଶାସନ ସଚିବ ଶବିଜୟାନନ୍ଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତ ପାଇଁ ପ୍ରଥମ ଥର ଗୋଟିଏ ମ୍ୟାଚରେ ୫ ଶତକ




ନୂଆଦିଲ୍ଲୀ, ୨୪।୬: ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତୀୟ ଟିମ ଗୋଟିଏ ଐତିହାସିକ ରେକର୍ଡର ଅଧିକାରୀ ହୋଇଛି। ଭାରତୀୟ ଟିମ ତାର ୯୩ ବର୍ଷର ଟେଷ୍ଟ ଇତିହାସରେ ପ୍ରଥମ ଥର ପାଇଁ ଗୋଟିଏ ମ୍ୟାଚ୍‌ରେ ୫ଟି ଶତକ ହାସଲ କରିପାରିଛି ଭାରତୀୟ ଟିମ। ୧୯୩୨ରୁ ଟେଷ୍ଟ କ୍ରିକେଟ ଖେଳୁଥିଲେ ହେଁ କୌଣସି ଗୋଟିଏ ମ୍ୟାଚ୍‌ରେ ୫ଟି ଶତକ ହାସଲ କରି ନଥିଲା ।କିନ୍ତୁ ଇଂଲଣ୍ଡ ବିପକ୍ଷ ଲିଡ୍ସ ଟେଷ୍ଟରେ ଭାରତୀୟ ଟିମ ଏହି ଅତି ବିରଳ ରେକର୍ଡ କରିବାକୁ ସକ୍ଷମ ହୋଇଛି।

ଲିଡ୍ସ ଟେଷ୍ଟର ପ୍ରଥମ ଇନିଂସରେ ଭାରତୀୟ ଖେଳାଳିଙ୍କ ବ୍ୟାଟରୁ ୩ଟି ଶତକ ଦେଖିବାକୁ ମିଳିଥିଲା । ଯଶସ୍ୱୀ ଜୈସ୍ୱାଲ ୧୫୯ ବଲରେ ୧୦୧, ଅଧିନାୟକ ଶୁବମନ ଗିଲ ୨୨୭ ବଲରେ ୧୪୭ ଓ ରଷଭ ପନ୍ତ ୧୭୮ ବଲରେ ୧୩୪ ରନର ଇନିଂସ ଖେଳିଥିଲେ। ଏହି ୩ ଶତକ ଯୋଗୁ ଭାରତୀୟ ଟିମ ପ୍ରଥମ ଇନିଂସରେ ୪୭୧ ରନ କରିଥିଲା।

ଇଂଲଣ୍ଡ ମଧ୍ୟ ଓଲି ପୋପଙ୍କ ଶତକ ଓ ହ୍ୟାରୀ ବ୍ରୁକଙ୍କ ୯୯ ରନ ବଳରେ ୪୬୫ ରନ କରି ନେଇଥିଲା। ଫଳରେ ଭାରତୀୟ ଟିମକୁ ୬ ରନର ଲିଡ ମିଳିଥିଲା। ପ୍ରଥମ ଇନିଂସରେ ଅର୍ଦ୍ଧଶତକର ଅତି ନିକଟରେ ଅଟକି ଯାଇଥିବା କେଏଲ ରାହୁଲ ଦ୍ୱିତୀୟ ଇନିଂସରେ ଶତକ ହାସଲ କରିଥିଲେ।

ପନ୍ତ ମଧ୍ୟ ପ୍ରଥମ ଇନିଂସ ଭଳି ଦ୍ୱିତୀୟ ଇନିଂସରେ ସେଞ୍ଚୁରୀ ମାରିଥିଲେ ରାହୁଲ ୧୩୭ ଓ ପନ୍ତ ୧୧୮ ରନ କରିବାରୁ ଭାରତ ତାର ଦ୍ୱିତୀୟ ଇନିଂସରେ ୩୬୪ ରନ କରିବାକୁ ସକ୍ଷମ ହୋଇଛି। ଇଂଲଣ୍ଡକୁ ମ୍ୟାଚ୍ ଜିତିବା ପାଇଁ ୩୭୧ ରନର ଟାର୍ଗେଟ ମିଳିଛି।

ତେବେ ୪ର୍ଥ ଦିନରେ ରାହୁଲ ଓ ପନ୍ତ ଶତକ ହାସଲ କରିବା କ୍ଷଣି ଭାରତୀୟ ଟିମ ତାର ଟେଷ୍ଟ କ୍ରିକେଟ ଇତିହାସରେ ନୂଆ। ଅଧ୍ୟାୟ ସୃଷ୍ଟି କରିଛି। ଟେଷ୍ଟ କ୍ରିକେଟରେ ଏଭଳି କୀର୍ତ୍ତିମାନ ୬ଥର ପାଇଁ ଦେଖିବାକୁ ମିଳିଛି। ଭାରତ ବିଶ୍ୱର ଦ୍ୱିତୀୟ ଟିମ ଭାବେ ବିଦେଶ ମାଟିରେ ଖେଳୁଥିବା କୌଣସି ଟେଷ୍ଟରେ ୫ ଶତକ ମାରିଛି ।ଏହାପୂର୍ବରୁ ଅଷ୍ଟ୍ରେଲିଆ। ୧୯୫୫ରେ ଓ୍ୱେଷ୍ଟଇଣ୍ଡିଜ ବିପକ୍ଷ କିଙ୍ଗଷ୍ଟନ ଟେଷ୍ଟରେ ଏପରି ରେକର୍ଡ କରିଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଓ୍ୱେଷ୍ଟଇଣ୍ଡିଜ ବିପକ୍ଷ କିଙ୍ଗଷ୍ଟନ ଟେଷ୍ଟରେ ଅଷ୍ଟ୍ରେଲିଆ। ଗୋଟିଏ ଇନିଂସରେ ଏହି ୫ ଶତକ ହାସଲ କରିଥିଲା କୋଲିନ ମ୍ୟାକଡୋନାଲ୍ଡ (୧୨୭), ନୈଲ ହାର୍ଭୀ(୨୦୪), କୈଥ ମିଲର (୧୦୯), ରୋନ ଆର୍ଚର (୧୨୮) ଓ ରିଚି ବେନୌଡ ( ୧୨୧) ଶତକ ମାରିଥିଲେ ।ଏଥିଯୋଗୁ ଅଷ୍ଟ୍ରେଲିଆ। ପ୍ରଥମ ଇନିଂସରେ ୮ ୱିକେଟ ହରାଇ ୭୫୮ ରନ କରିବା ପରେ ପାଳି ଘୋଷଣା କରିଥିଲା ।ଉକ୍ତ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ। ଇନିଂସ ବିଜୟ ହୋଇଥିଲା।। ଭାରତ ଓ ଅଷ୍ଟ୍ରେଲିଆ। ବ୍ୟତୀତ ଗୋଟିଏ ଟେଷ୍ଟରେ ୫ ଶତକ ହାସଲ କରିଥିବା ତାଲିକାରେ ପାକିସ୍ତାନର ନାଁ ୨ଥର ରହିଥିବା ବେଳେ ଇଂଲଣ୍ଡ ଓ ଶ୍ରୀଲଙ୍କା ଥରେ ଲେଖାଏ ଏପରି କୀର୍ତ୍ତିମାନ ହାସଲ କରିଛନ୍ତି।

# ରିଙ୍କୁ ସିଂଙ୍କ ବାହାଘର ତାରିଖ ସ୍ଥଗିତ



ନୂଆଦିଲ୍ଲୀ, ୨୪।୬: ଭାରତୀୟ ବ୍ୟାଟ୍ସମ୍ୟାନ ରିଙ୍କୁ ସିଂହ ଏବଂ ସମାଜବାଦୀ ପାର୍ଟିର ଯୁବ ଏମପି ପ୍ରିୟା ସରୋଜଙ୍କ ବିବାହ ସମ୍ପର୍କରେ ଏକ ବଡ଼ ସୂଚନା ଆସିଛି। କୁହାଯାଉଛି ଯେ ବିବାହ ୧୮ ନଭେମ୍ବରରେ ବାରାଣସୀରେ ହେବାର ଥିଲା କିନ୍ତୁ ଏବେ ଏହି ବିବାହ ଏହି ମାସରେ ହେବ ନାହିଁ। ଆସନ୍ତୁ ଜାଣିବା ବିବାହ ତାରିଖକୁ ସ୍ଥଗିତ ରଖିବାର କାରଣ କଣ ଏବଂ ଏହା କେବେ ହେବ।

ଇଣ୍ଡିଆନ ପ୍ରିମିୟର ଲିଗରେ ଛକା ମାରିଥିବା ରିଙ୍କୁ ସିଂହଙ୍କୁ ଭାରତୀୟ ଦଳରେ ସ୍ଥାନ ମିଳିଛି ଏବଂ ଏବେ ସେ ସମଗ୍ର ଭାରତର ପ୍ରିୟ ଭାରତୀୟ କ୍ରିକେଟର ରିଙ୍କୁ ସିଂହ ସମାଜବାଦୀ ପାର୍ଟିର ଏମପି ପ୍ରିୟା ସରୋଜଙ୍କୁ ବିବାହ କରିବାକୁ ଯାଉଛନ୍ତି ସେମାନଙ୍କର ନିର୍ବନ୍ଧ ୮ ଜୁନରେ ଲକ୍ଷ୍ନୌରେ ହୋଇଥିଲା। ବିବାହ ୧୮ ନଭେମ୍ବରରେ ବାରାଣସୀର ତାଜ ହୋଟେଲରେ ହେବାର ଥିଲା। କିନ୍ତୁ ବର୍ତ୍ତମାନ ବିବାହ ସ୍ଥଗିତ ରଖାଯାଇଛି।

ଫେବୃଆରୀ ଶେଷ ପାଇଁ ହୋଟେଲ ବୁକିଂ କରାଯାଇଛି ଏପରି ପରିସ୍ଥିତିରେ, ଉଭୟ ପରିବାର ବିବାହ ପ୍ରସ୍ତୁତି ବନ୍ଦ କରିଦେଇଛନ୍ତି।ରିଙ୍କୁ ଏବଂ ପ୍ରିୟାଙ୍କ ବିବାହ ସ୍ଥଗିତ ରଖିବାର କାରଣ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରିଙ୍କୁ ସିଂହଙ୍କ ବ୍ୟସ୍ତତା ବୋଲି କୁହାଯାଉଛି। କୁହାଯାଉଛି ଯେ ରିଙ୍କୁଙ୍କ ବ୍ୟସ୍ତତାକୁ ଦୃଷ୍ଟିରେ ରଖି ବିବାହକୁ କିଛି ସମୟ ପାଇଁ ସ୍ଥଗିତ ରଖାଯାଇଛି। ତଥାପି, ଫେବୃଆରୀ ମାସ ପାଇଁ ଅନୁମତି ଦିଆଯାଇଛି କିନ୍ତୁ, ବିବାହର ନୂତନ ତାରିଖ ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ।ରିଙ୍କୁ ସିଂହ ଏବଂ ପ୍ରିୟା ସରୋଜଙ୍କ ପ୍ରେମ କାହାଣୀ ପ୍ରାୟ ୪ ବର୍ଷ ପୂର୍ବେ ଦିଲ୍ଲୀରେ ଆରମ୍ଭ ହୋଇଥିଲା। ରିଙ୍କୁଙ୍କୁ ତାଙ୍କ ସହିତ କେକେଆରର ଜଣେ ସାଥୀ ପରିଚୟ କରାଇଥିଲେ। ସେମାନେ ବନ୍ଧୁ ହୋଇଗଲେ ଏବଂ ସମୟ ସହିତ ସେମାନଙ୍କର ସମ୍ପର୍କ ପ୍ରେମରେ ପରିଣତ ହେଲା। ଯାହା ଏବେ ଜୀବନବ୍ୟାପୀ ବନ୍ଧନରେ ପରିଣତ ହୋଇଛି। ପ୍ରିୟା ନିର୍ବନ୍ଧ ପରେ ଫଟୋ ଶେୟାର କରି ଲେଖିଛନ୍ତି ଯେ ତିନି ବର୍ଷ ଅପେକ୍ଷା ପରେ ଆସିଥିବା ଏହି ମୁହୂର୍ତ୍ତ ମୂଲ୍ୟବାନ।

# ହୃଦ୍‌ଘାତରେ ଭାରତୀୟ କ୍ରିକେଟର ଦିଲୀପ ଦୋଷୀଙ୍କ ଦେହାନ୍ତ



ନୂଆଦିଲ୍ଲୀ, ୨୪।୬: ପୂର୍ବତନ ଭାରତୀୟ କ୍ରିକେଟର ଦିଲୀପ ଦୋଷୀଙ୍କ ଦେହାନ୍ତ ହୋଇଛି। ଦିଲୀପ ଲଣ୍ଡନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସେ ବହୁ ଦଶନ୍ଧି ଧରି ଲଣ୍ଡନରେ ରହୁଥିଲେ। ତାଙ୍କ ହୃଦଘାତରେ ମୃତ୍ୟୁ ହୋଇଥିଲା। ସେ ୩୨ ବର୍ଷ ବୟସରେ ଟେଷ୍ଟ କ୍ରିକେଟରେ ପ୍ରବେଶ କରିଥିଲେ ଏବଂ ମାତ୍ର ଚାରି ବର୍ଷର କ୍ୟାରିୟରରେ ଦିଲୀପ ଦୋଷୀ ୧୦୦ରୁ ଅଧିକ ଉଇକେଟ ନେଇଥିଲେ। ସେ ହଠାତ୍ କ୍ରିକେଟରୁ ନିଜକୁ ଦୂରେଇ ରଖିଥିଲେ। ଦିଲୀପ ତାଙ୍କ କ୍ରିକେଟ କ୍ୟାରିୟର ଉପରେ ଏକ ଆତ୍ମଜୀବନୀ ମଧ୍ୟ ଲେଖିଛନ୍ତି, ଯାହାର ନାମ ହେଉଛି ସ୍ପିନ ପଞ୍ଚ।

ଦିଲୀପ ଦୋଷୀ ଭାରତର ଜଣେ ବାମହାତୀ ସ୍ପିନ ବୋଲର ଥିଲେ। ସେ ୧୯୭୯ ରୁ ୧୯୮୩ ମଧ୍ୟରେ ଭାରତର ଅନ୍ତର୍ଜାତୀୟ ଦଳର ଅଂଶ ଥିଲେ। ସେ ୩୨ ବର୍ଷ ବୟସରେ ତାଙ୍କର ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିଲେ। ସେ ତାଙ୍କ କ୍ୟାରିୟରରେ ଭାରତ ପାଇଁ ୩୩ ଟେଷ୍ଟ ଏବଂ ୧୫ ଦିନିକିଆ ଖେଳିଥିଲେ। ଦିଲୀପ ଦୋଷୀ ୩୩ ମ୍ୟାଚରେ ୧୧୪ ୱିକେଟ ନେଇଥିଲେ ସେହି ସମୟରେ, ସେ ଛଅ ଥର ୫ ଉଇକେଟ ନେବାର ରେକର୍ଡ କରିଛନ୍ତି।

ଦିଲୀପ ତାଙ୍କ କ୍ୟାରିଅରରେ ୧୫ଟି ଦିନିକିଆ ଖେଳିଥିଲେ, ଯେଉଁଥିରେ ସେ ୩.୯୬ ଇକୋନୋମି ସହିତ ବୋଲିଂ କରି ମୋଟ ୨୨ଟି ଉଇକେଟ ନେଇଥିଲେ। ଏହା ବ୍ୟତୀତ ସେ ପ୍ରଥମ ଶ୍ରେଣୀ କ୍ରିକେଟ ମଧ୍ୟ ଖେଳିଛନ୍ତି। ସେ ସୌରାଷ୍ଟ୍ର, ବେଙ୍ଗଲ, ବର୍କଶାୟାର ଏବଂ ନଟିଂହାମଶାୟାର ପାଇଁ ପ୍ରଥମ ଶ୍ରେଣୀ କ୍ରିକେଟ ଖେଳିଛନ୍ତି।

ଦିଲୀପ ଦୋଷୀଙ୍କ ପରିବାରରେ ତାଙ୍କ ପତ୍ନୀ କାଳିନ୍ଦୀ, ଗୋଟିଏ ପୁଅ ନୟନ ଏବଂ ଗୋଟିଏ ଝିଅ ବିଶାଖା ଅଛନ୍ତି ତାଙ୍କ ପୁଅ ନୟନ ମଧ୍ୟ ସୌରାଷ୍ଟ୍ର ଏବଂ ସରେ ପାଇଁ ପ୍ରଥମ ଶ୍ରେଣୀ କ୍ରିକେଟ ଖେଳିଛନ୍ତି ଦିଲୀପ ତାଙ୍କ ପରିବାର ସହିତ ଏକ ଦଶନ୍ଧିରୁ ଅଧିକ ସମୟ ଧରି ଲଣ୍ଡନରେ ରହୁଥିଲେ।

# ପନ୍ତଙ୍କ କାରନାମା

ଲିଡ୍ସ, ୨୪।୬: ଭାରତର ଷ୍ଟାର ଉଇକେଟକିପର ବ୍ୟାଟର ରିଷଭ ପନ୍ତ ଜବରଦସ୍ତ ଫର୍ମ ବଜାୟ ରଖି ସୋମବାର ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ଚତୁର୍ଥ ଦିନରେ ବିସ୍ଫୋରକ ଶତକ ହାସଲ କରିଛନ୍ତି। ଏଥିସହିତ ପନ୍ତ ଇତିହାସ ରଚିଛନ୍ତି ସେ ପ୍ରଥମ ଭାରତୀୟ ଉଇକେଟକିପର-ବ୍ୟାଟର ଭାବେ ଟେଷ୍ଟ ମ୍ୟାଚ୍‌ର ଉଭୟ ଇନିଂସରେ ଶତକ ହାସଲ କରିଛନ୍ତି। ପ୍ରଥମ ଇନିଂସରେ ସେ ୧୩୪ ରନର ଦର୍ଶନୀୟ ଇନିଂସ ଖେଳିଥିଲେ। ଏତଦ୍ ବ୍ୟତୀତ ପନ୍ତ ଇଂଲଣ୍ଡରେ ଲଗାତର ୫ ଥର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ଏଲିଟି ଭ୍ରମଣକାରୀ ବ୍ୟାଟରଙ୍କ ତାଲିକାରେ ସ୍ଥାନ ପାଇଛନ୍ତି। ଏହି ସମ୍ମାନଜନକ ତାଲିକାରେ ଡନ ବ୍ରାଡ୍‌ମ୍ୟାନ, ହାନ୍ସି କ୍ରୋନି, ଶିବନାରାୟଣ ଚନ୍ଦ୍ରପାଲ, କୁମାର ସାଙ୍ଗକାରା ଓ ଡାର୍ଲି ମିଚେଲଙ୍କ ଭଳି ଖେଳାଳି ରହିଛନ୍ତି। ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥ ଲଗାତର ୭ଟି ଇନିଂସରେ ୫୦ରୁ ଊର୍ଦ୍ଧ୍ୱ ସ୍କୋର ସହ ଏହି ତାଲିକା ଶୀର୍ଷରେ ରହିଛନ୍ତି। ଟେଷ୍ଟ କ୍ରିକେଟ ଇତିହାସରେ ପନ୍ତଙ୍କ ପୂର୍ବରୁ କେବଳ ଜିମ୍ବାୱେର ଆଣ୍ଡି ଫ୍ଲାୱାର ଏକମାତ୍ର ଉଇକେଟକିପର-ବ୍ୟାଟର ଭାବେ ଟେଷ୍ଟ ମ୍ୟାଚ୍‌ର ଉଭୟ ଇନିଂସରେ ଶତକ କରିଥିଲେ। ଆଣ୍ଡି ୨୦୦୧ରେ ହରାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳାଯାଇଥିବା ମ୍ୟାଚରେ ଯଥାକ୍ରମେ ୧୪୨ ଓ ୧୯୯ ଅପରାଜିତ ରନ କରିଥିଲେ। ପନ୍ତଙ୍କ ପୂର୍ବରୁ ଭାରତୀୟ ବ୍ୟାଟରଙ୍କ ମଧ୍ୟରେ ବିଜୟ ହଜାରେ, ସୁନୀଲ ଗାଭାସ୍କର (୩ ଥର), ରାହୁଲ ଦ୍ରାବିଡ୍ (୨ ଥର), ବିରାଟ କୋହଲି, ଅଜିଙ୍କ୍ୟ ରାହାନେ, ରୋହିତ ଶର୍ମା ଟେଷ୍ଟ ମ୍ୟାଚ୍‌ର ଉଭୟ ଇନିଂସରେ ଶତକ କରିଥିଲେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ